# ଧରିତ୍ରୀ DHARITRI

ବ୍ରହ୍ମପୁର, ଗୁରୁବାର, ଅକ୍ଟୋବର ୧୫/୨୦୨୦ (୧୬ପୃଷ୍ଠା) | Berhampur, Thursday, October 15/2020 | ★★★

୧୬ଶ ଭାଗ ୧୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





**କ୍ୱାର୍ଟରରେ ଜ୍ୟୋସ୍ନା ଚିନ୍ନାପ୍ପା**

ଭାରତୀୟ ମହିଳା ସ୍କ୍ୱାଶ୍ ତାରକା ଜ୍ୟୋସ୍ନା ଚିନ୍ନାପ୍ପା ଇଜିପ୍ଟିଆନ ଓପନ ସ୍କ୍ୱାଶ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। **୧୪**

**୧୫** **ଫଟୋଗ୍ରାଫିରେ ମନ**

ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଡିସ୍ ଏବେ ନିଜକୁ ଫଟୋଗ୍ରାଫି କାମରେ ଜଡ଼ିତ ରଖିଛନ୍ତି। ସେଥିପାଇଁ ନିଜ ସହିତ କ୍ୟାମେରା ନେବାକୁ ଜମା ଭୁଲୁନାହାନ୍ତି।




# ସିବିଆଇ ମାଗିଲା ଆଜୀବନ କାରାଦଣ୍ଡ



ଦିଲୀପ ରାୟ

**ନୂଆଦିଲ୍ଲୀ,୧୪।୧୦**

ଝାଡ଼ଖଣ୍ଡରେ କୋଇଲା ଖଣି ଆବଣ୍ଟନରେ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ଦଣ୍ଡ ବିଧାନ ଆସନ୍ତା ୨୬ତାରିଖକୁ ଘୁଞ୍ଚିଛି। ଦିଲ୍ଲୀର ସ୍ୱତନ୍ତ୍ର ଅଦାଲତରେ ବୁଧବାର ଦିଲୀପ ଏବଂ ଅନ୍ୟ ଦୋଷୀଙ୍କ ଦଣ୍ଡବିଧାନ ଶୁଣାଣି ହୋଇଥିଲା। ଶୁଣାଣି ସମୟରେ ସିବିଆଇ ଓକିଲ ଅଭିଯୁକ୍ତମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପାଇଁ ଯୁକ୍ତି ବାଢ଼ିଥିଲେ। ଅପରପକ୍ଷରେ ଅଭିଯୁକ୍ତମାନଙ୍କ ବୟସ ଏବଂ ପୂର୍ବରୁ କୌଣସି ଆପରାଧିକ ରେକର୍ଡ ନ ଥିବା କାରଣରୁ ସେମାନଙ୍କ ବିରୋଧରେ କୋହଳ ଦଣ୍ଡ ଘୋଷଣା ☞ପୃଷ୍ଠା-୪

# ବର୍ଷା ବିପ୍ରାତ: ୧୮ ମୃତ



ବର୍ଷା ଜଳରେ ଉବୁଟୁବୁ ହାଇଦ୍ରାବାଦର ଏକ ଅଞ୍ଚଳ।

**ହାଇଦ୍ରାବାଦ, ୧୪।୧୦**

ଦୁଇଦିନ ଧରି ଲଗାଣ ବର୍ଷା ଫଳରେ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇ ବ୍ୟାପକ କ୍ଷତି ଘଟିଛି। ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଘରଦ୍ୱାର ଭାଙ୍ଗିଯାଇଛି। ତେଲଙ୍ଗାନାରେ ୧୨ ଜଣଙ୍କ ପ୍ରାଣହାନି ହୋଇଛି।

ହାଇଦ୍ରାବାଦ ସବୁଠାରୁ ଅଧିକ କ୍ଷତି ସହିଛି। ବନ୍ଦଲାଗୁଡ଼ାରେ ପାହାଡ଼ ଧସିବାରୁ ୨ ଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ଜଣେ ଶିଶୁଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରକାଶ। ମାଲାପୁରରେ ବିଜୁଳି ମାରିବାରୁ ୪ ଜଣ ପ୍ରାଣ ହରାଇଛନ୍ତି। ସେହିଭଳି ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲା ଅନ୍ତର୍ଗତ କାକିନାଡ଼ାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପ୍ରବଳ ବେଗରେ ପବନ ବହିବା ଓ ଲଗାଣ ବର୍ଷା ଯୋଗୁ ଶତାଧିକ ଗଛ ଭାଙ୍ଗିପଡ଼ିବା ସହ ଚାରିଆଡ଼ ଜଳାର୍ଣ୍ଣବ ହୋଇପଡ଼ିଛି। ଗୁଣ୍ଟୁର, ବିଶାଖାପାଟଣା ଆଦି ଅଞ୍ଚଳରେ ଘଣ୍ଟାକୁ ୭୦ କି.ମି. ବେଗରେ ପବନ ବହିବା ସହ ବର୍ଷାବିପ୍ରାତ ଦେଖିବାକୁ ମିଳିଛି। ଗଛପଡ଼ି, ଘର ଭାଙ୍ଗିବା ଯାଗୁ ଆନ୍ଧ୍ରପ୍ରଦେଶରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରକାଶ। ସୋମବାରଠାରୁ ଆରମ୍ଭ ହୋଇଥିବା ବର୍ଷା ଏବେବି ସେଠାରେ ଜାରି ରହିଛି। ଉପକୂଳ ଅଞ୍ଚଳରେ ହାଇଆଲର୍ଟ ଘୋଷଣା କରାଯାଇଥିବାବେଳେ ୧ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ରାଜ୍ୟରେ ୩,୧୩୬ ଏମ୍ଏସ୍ଏମ୍ଇ ବନ୍ଦ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

କୋଭିଡ୍-୧୯ ବ୍ୟବସାୟିକ ବାଣିଜ୍ୟକୁ ବିଶେଷଭାବେ ପ୍ରଭାବିତ କରିଛି। ଏହି ମହାମାରୀ ଯୋଗୁ ଷ୍ଟାର୍ଟଅପ୍‌ଗୁଡ଼ିକ ସର୍ବାଧିକ କ୍ଷତି ସହିଛନ୍ତି। ଦୀର୍ଘ ୬ମାସ ଧରି ବ୍ୟବସାୟ ବନ୍ଦ ଯୋଗୁ ବହୁ ଷ୍ଟାର୍ଟଅପ୍ ଏବେ ବନ୍ଦ ହେବା ପରିସ୍ଥିତିକୁ ଚାଲି ଆସିଛନ୍ତି। ଟିଆଇଇ ଦିଲ୍ଲୀ-ଏନ୍‌ସିଆର୍ ଏବଂ ଜିନଭ୍‌ର ରିପୋର୍ଟ ଅନୁଯାୟୀ, କୋଭିଡ୍-୧୯ ଯୋଗୁ ଲକ୍‌ଡାଉନ୍ ସମୟରେ ଭାରତର ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ବିଶେଷ ପ୍ରଭାବିତ ହୋଇଛି। ୧୫% ଭାରତୀୟ ଷ୍ଟାର୍ଟଅପ୍ ଆର୍ଥିକ କ୍ଷତି ସହି ନ ପାରି ନିଜର ଅପରେସନ୍ସ ବା କାର୍ଯ୍ୟ ବନ୍ଦ କରିଛନ୍ତି। କେବଳ ଏତିକି ନୁହେଁ, ୪୧% ଷ୍ଟାର୍ଟଅପ୍ ଉପରେ କୋଭିଡ୍-୧୯ର ନକାରାତ୍ମକ ପ୍ରଭାବ ପଡ଼ିଥିବାବେଳେ ୫୨% ଷ୍ଟାର୍ଟଅପ୍ ବ୍ୟବସାୟ ପାଇଁ ଅର୍ଥ ଯୋଗାଡ଼ କରିବାକୁ ସଂଘର୍ଷ କରୁଛନ୍ତି। ୪୪% ଷ୍ଟାର୍ଟଅପ୍ ନିକଟରେ ଆବଶ୍ୟକ କ୍ୟାଶ୍ ରନ୍‌ୱେ(୬ମାସ ପର୍ଯ୍ୟନ୍ତ ଖର୍ଚ୍ଚ କରିବାର ପାଣ୍ଠି) ନ ଥିବାରୁ ଲକ୍‌ଡାଉନ୍ ସେମାନଙ୍କୁ ଅଧିକ କ୍ଷତି ପହଞ୍ଚାଇଛି।

ଓଡ଼ିଶାରେ କରୋନା ମହାମାରୀ ସମୟରେ ଅର୍ଥାତ ଗତ ମାର୍ଚ୍ଚଠାରୁ ଏବେସୁଦ୍ଧା ପ୍ରାୟ ୩,୧୩୬ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ସାମୟିକଭାବେ ବନ୍ଦ ହୋଇଛି। ରାଜ୍ୟ ବିଭାଗୀୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସୂଚନା ଅନୁଯାୟୀ ପାଣ୍ଠି ଅଭାବ, ନିବେଶକାରୀଙ୍କ ଅନାଗ୍ରହ ଏବଂ ଦୀର୍ଘଦିନ ଧରି ବ୍ୟବସାୟ ବନ୍ଦ ରହିବା ଯୋଗୁ ଏହି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ବନ୍ଦ ହୋଇଯାଇଛି। ତେବେ ଏହି କର୍ମସଂସ୍ଥାଗୁଡ଼ିକରେ କାମ କରୁଥିବା କେତେ କର୍ମଚାରୀ ଏବଂ ଶ୍ରମିକ ନିଯୁକ୍ତି ହରାଇଛନ୍ତି ତାହାର ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ଉପଲବ୍ଧ ନାହିଁ। ହେଲେ ବ୍ୟବସାୟରେ କ୍ଷତି ସହି ସାମୟିକଭାବେ ବନ୍ଦ ଥିବା ଏମ୍ଏସ୍ଏମ୍ଇଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ସେପ୍ଟେମ୍ବର ୨୫ ସୁଦ୍ଧା କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ୧.୬୧ଲକ୍ଷ ଏମ୍ଏସ୍ଏମ୍ଇକୁ ୨,୮୦୦ କୋଟି ଟଙ୍କାର ଋଣ ମଞ୍ଜୁର ଦିଆଯାଇଛି। ଏହାଦ୍ୱାରା ସେମାନେ ବ୍ୟବସାୟର ପୁନଃଆରମ୍ଭ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୪

**ଷ୍ଟାର୍ଟଅପ୍‌କୁ କୋଭିଡ୍ ମାଡ଼**

- ନିଯୁକ୍ତି ହରାଇଥିବା କର୍ମଚାରୀଙ୍କ ତଥ୍ୟ ସରକାରଙ୍କ ପାଖରେ ନାହିଁ
- କାର୍ଯ୍ୟ ବନ୍ଦ କରିଛନ୍ତି ଦେଶରେ ୧୫% ଷ୍ଟାର୍ଟଅପ୍
- ପାଣ୍ଠି ଯୋଗାଡ଼ କରିବା ବଡ଼ ଚ୍ୟାଲେଞ୍ଜ
- ଛୋଟ ସଂସ୍ଥାରୁ ମୁହଁ ଫେରାଉଛନ୍ତି ନିବେଶକାରୀ

# ଯାତ୍ରୀବାହୀ ବସ୍‌କୁ ୫.୬୭ ଲକ୍ଷ ଜରିମାନା

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

କୋରାପୁଟରୁ ଭୁବନେଶ୍ୱର ଯାତାୟାତ କରୁଥିବା 'ନ୍ୟୁ ରାଜଧାନୀ' ନାମକ ଏକ ଯାତ୍ରୀବାହୀ ବସ୍‌କୁ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)-୨ ପକ୍ଷରୁ ୫.୬୭ ଲକ୍ଷ ଜରିମାନା କରାଯାଇଛି। ଟିକସ ଫାଙ୍କି ସହ ଆଇନ ଉଲ୍ଲଂଘନ କରିଥିବାରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ସୂଚନା ମୁତାବକ, ରାଜ୍ୟରେ ଚଳାଚଳ କରୁଥିବା ଅନେକ ଲାଇନ୍ ବସ୍ ଏମ୍‌ଭି ଟ୍ୟାକ୍ସ ଫାଙ୍କୁଥିବା ନେଇ ଖବର ମିଳିଥିଲା। ଏହାପରେ ଆର୍‌ଟିଓ-୨ ଅଧିକାରୀମାନେ ଯାଞ୍ଚ ଆରମ୍ଭ କରିଥିଲେ। ବୁଧବାର ଓଡି୧୦ଏଫ୍୦୪୦୯ ନମ୍ବର ବିଶିଷ୍ଟ ଉକ୍ତ ବସ୍‌କୁ ବରମୁଣ୍ଡାରେ ଅଟାକଇ କଗଜପତ୍ର ଯାଞ୍ଚ କରାଯାଇଥିଲା। ତେବେ ବସ୍‌ଟିର ୧୮ ମାସ ଧରି ଏମ୍‌ଭି ଟ୍ୟାକ୍ସ ପଇଠ ହୋଇ ନ ଥିବାବେଳେ ବୈଧ ଷ୍ଟେଟ୍ କ୍ୟାରେଜ ପରମିଟ ନ ଥିବା ଜଣାପଡିଥିଲା। କଡ଼ା ପଦକ୍ଷେପ ସ୍ୱରୂପ ଏପରି ବଡ଼ ଆକାରର ଜରିମାନା ପରେ ଟିକସ ଫାଙ୍କୁଥିବା ଅନ୍ୟ ବସ୍ ମାଲିକମାନେ ଛାନିଆ ହୋଇଯାଇଛନ୍ତି।

# ଭାରତକୁ ଟପିବ ବାଂଲାଦେଶ

**ନୂଆଦିଲ୍ଲୀ,୧୪।୧୦**

**ମୁଣ୍ଡ ପିଛା ଜିଡିପି**

ଚଳିତ କ୍ୟାଲେଣ୍ଡର ବର୍ଷରେ ମୁଣ୍ଡ ପିଛା ମୋଟ ଘରୋଇ ଉତ୍ପାଦ(ଜିଡିପି) କ୍ଷେତ୍ରରେ ବାଂଲାଦେଶ ଭାରତକୁ ପଛରେ ପକାଇଦେବ। କୋଭିଡ୍-୧୯ ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଝଟକା ଲାଗିଛି। ଫଳରେ ଏହା ଜିଡିପି ଉପରେ ପ୍ରଭାବ ପକାଇଥିବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍) ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଆଇଏମ୍ଏଫ୍‌ର ୱାର୍ଲଡ ଇକୋନୋମିକ୍ ଆଉଟ୍‌ଲୁକ ରିପୋର୍ଟରେ କୁହାଯାଇଛି ଯେ, ବାଂଲାଦେଶର ମୁଣ୍ଡ ପିଛା ଜିଡିପି ୨୦୨୦ରେ ୪% ବୃଦ୍ଧି ଘଟି ୧୮୮୮ ଡଲାର ରହିବ। ସେହିଭଳି ଭାରତର ମୁଣ୍ଡ ପିଛା ଜିଡିପି ୧୦.୫% ହ୍ରାସ ଘଟି ୧୮୭୭ ଡଲାରକୁ ଖସିଯିବ ବୋଲି ଆକଳନ କରାଯାଇଛି। ଗତ ୪ ବର୍ଷ ମଧ୍ୟରେ ଏହା ସର୍ବନିମ୍ନ ବୋଲି ରିପୋର୍ଟରେ କୁହାଯାଇଛି। ସଦ୍ୟତମ ସ୍ଥିତିକୁ ନେଇ ଜିଡିପିରେ ଏଭଳି ଆକଳନ କରାଯାଇଛି। ଏହି ଆକଳନ ମୁତାବକ ଭାରତକୁ ଦକ୍ଷିଣ ଏସିଆର ତୃତୀୟ ସବୁଠାରୁ ଗରିବ ଦେଶ ବୋଲି କୁହାଯାଇଛି। ଭାରତ ବାଦ୍ ପାକିସ୍ତାନ ଏବଂ ତୃତୀୟ ମୁଣ୍ଡପିଛା ଜିଡିପି ନିମ୍ନରେ ରହିଛନ୍ତି। ଏଭଳି ସ୍ଥିତିରେ ବାଂଲାଦେଶ, ଭୁଟାନ, ଶ୍ରୀଲଙ୍କା, ମାଳଦ୍ୱୀପର ମୁଣ୍ଡ ପିଛା ଜିଡିପି ଭାରତଠାରୁ ବହୁ ଉନ୍ନତ ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି।

ଭାରତୀୟ ଅର୍ଥବ୍ୟବସ୍ଥାକୁ ମହାମାରୀ ଗଭୀର ଝଟକା ଦେଇଛି। ଦକ୍ଷିଣ ଏସିଆରେ ଶ୍ରୀଲଙ୍କା ପରେ ଭାରତ ସବୁଠାରୁ ☞ପୃଷ୍ଠା-୪

# ୨ ସୁଦ୍ଧା ଚକ୍ରବୃଦ୍ଧି ସୁଧ ଛାଡ଼ ନିଷ୍ପତ୍ତି ଲାଗୁ କର

**ନୂଆଦିଲ୍ଲୀ,୧୪।୧୦**



ମୋରାଟୋରିୟମ ଅବଧିରେ ଲାଗୁ ହୋଇଥିବା ଚକ୍ରବୃଦ୍ଧି ସୁଧ ଛାଡ ସମ୍ପର୍କିତ ନିଷ୍ପତ୍ତି ନଭେମ୍ବର ୨ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ସୁପ୍ରିମକୋର୍ଟ ବୁଧବାର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷୁଦ୍ର ଋଣଗ୍ରହୀତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେବେ ବୋଲି ପୂର୍ବରୁ ସ୍ପଷ୍ଟ କରିଛନ୍ତି। ଏଭଳି ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି। ମାତ୍ର ଏହାର ପ୍ରକୃତ ଲାଭ ଲୋକମାନେ ଯେଭଳି ପାଇପାରିବେ ତାକୁ ମଧ୍ୟ ବିଚାର କରିବାକୁ ହେବ। ସାଧାରଣ ଲୋକଙ୍କ ଦୀପାବଳି ସରକାରଙ୍କ ନିଷ୍ପତ୍ତି ☞ପୃଷ୍ଠା-୪

# ଫ୍ରିଜରରୁ ବୃଦ୍ଧ ଉଦ୍ଧାର



**ସାଲେମ୍, ୧୪।୧୦**

ତାମିଲନାଡୁର ସାଲେମ୍ ଜିଲାରେ ଜଣେ ୭୪ ବର୍ଷୀୟ ଅସୁସ୍ଥ ବୃଦ୍ଧଙ୍କୁ ଫ୍ରିଜର ବକ୍ସ ମଧ୍ୟରୁ ଉଦ୍ଧାର କରାଯାଇଛି। ମରଶରୀର ରଖାଯିବା ଲାଗି ଥିବା ଏହି ଫ୍ରିଜର୍‌ରେ ସେ ରହିଥିଲେ। ହସ୍ପିଟାଲରୁ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଛଡ଼ାଯାଇଥିବା ବେଳେ ବୃଦ୍ଧାଙ୍କ ଭାଇ ଏକ ଫ୍ରିଜର ଆଣି ତାଙ୍କ ମରିବାକୁ ଅପେକ୍ଷା କରିଥିଲେ ବୋଲି ଅଭିଯୋଗ ହୋଇଛି। ଫ୍ରିଜର ନେବା ଲାଗି ସେଠାକୁ ଜଣେ ବ୍ୟକ୍ତି ଆସି ଏହା ଦେଖିବାକୁ ପାଇଥିଲେ। ମରିବା ଲାଗି ଏଭଳି କରାଯାଇଥିବା ଅଭିଯୋଗ ହୋଇଛି। ବାଲାସୁବ୍ରମଣ୍ୟମ୍ ନାମକ ଏହି ବୃଦ୍ଧଙ୍କୁ ସେଠାରୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।


**ଆଜିର ସମ୍ପାଦକୀୟ**

**କ୍ଷୀରପାନକୁ ନେଇ ଦ୍ୱନ୍ଦ୍ୱ**


# ଓଡ଼ିଶାରେ ଖାଲିପଡ଼ିଛି ୭୫୯ ଅଧ୍ୟାପକ ପଦବୀ

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ୧୦ ବିଶ୍ୱବିଦ୍ୟାଳୟ ରହିଛି। ଏହି ୧୦ ବିଶ୍ୱବିଦ୍ୟାଳୟ ନିମନ୍ତେ ମୋଟ ୧,୪୨୬ ଅଧ୍ୟାପକ ପଦବୀ ଅନୁମୋଦନ ହୋଇଛି। ସେଥିରୁ ୫୦ପ୍ରତିଶତ ପୂରଣ ହୋଇନାହିଁ। ବର୍ତ୍ତମାନ ୬୬୭ ଅଧ୍ୟାପକ ପଦବୀ ପୂରଣ ହୋଇଥିବା ବେଳେ ୭୫୯ ପଦବୀ ଖାଲି ପଡ଼ିଛି। ସେଥିମଧ୍ୟରୁ ପ୍ରଫେସର ପଦବୀ ୧୪୫ ଖାଲି ପଡ଼ିଥିବାବେଳେ ଆସୋସିଏଟ୍ ପ୍ରଫେସର ୨୪୮ ଓ ଆସିଷ୍ଟାଣ୍ଟ ପ୍ରଫେସର ୩୬୬ ପଦବୀ ଖାଲି ପଡ଼ିଛି।

ମିଳିଥିବା ସୂଚନାନୁଯାୟୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ଅଧ୍ୟାପକ ପଦବୀ ଖାଲି ପଡ଼ିଛି। ଏହି ବିଶ୍ୱବିଦ୍ୟାଳୟ ପାଇଁ ୨୬୭ ପଦବୀ ଅନୁମୋଦନ ହୋଇଥିବାବେଳେ ମାତ୍ର ୮୮ ପୂରଣ ହୋଇଛି। ପ୍ରଫେସର ପଦବୀ ୨୪ ଖାଲି ଥିବା ବେଳେ ଆସୋସିଏଟ୍ ପ୍ରଫେସର ୪୮ ଓ ଆସିଷ୍ଟାଣ୍ଟ ପ୍ରଫେସର ୧୦୭ ଖାଲି ପଡ଼ିଛି। ଦ୍ୱିତୀୟରେ ରହିଛି ଉତ୍କଳ ବିଶ୍ୱବିଦ୍ୟାଳୟ। ଏହି ବିଶ୍ୱବିଦ୍ୟାଳୟରେ ୩୫ଟି ପ୍ରଫେସର ପଦବୀ ଖାଲି ପଡ଼ିଥିବାବେଳେ ୪୪ ଆସୋସିଏଟ୍ ପ୍ରଫେସର ଓ ୪୭ଟି ଆସିଷ୍ଟାଣ୍ଟ ପ୍ରଫେସର ଖାଲି ରହିଛି। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୧୦୧ ଅଧ୍ୟାପକ ପଦବୀ ଖାଲି ରହିଥିବାବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୭୭, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ୭୫, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୬୩, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୫୮, ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୪୦, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୨୬ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୧୪ ଅଧ୍ୟାପକ ପଦବୀ ☞ପୃଷ୍ଠା-୪

- ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ୨୬୭
- ୧,୬୨୫ ଅଣଶିକ୍ଷକ ପଦବୀ ଖାଲି

# ଅନିୟମିତ ବର୍ଷା: ବିପଦରେ ଚାଷ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଜଙ୍ଗଲ ନଷ୍ଟ ଓ ଗ୍ରୀନ୍‌ହାଉସ ଗ୍ୟାସ ବୃଦ୍ଧି ଯୋଗୁ ଜଳବାୟୁରେ ବ୍ୟାପକ ଅସନ୍ତୁଳନ ଦେଖାଦେଲାଣି। ଗତ ଦୁଇ ଦଶନ୍ଧି ହେବ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବାହରେ ଅସ୍ୱାଭାବିକତା ପରିଲକ୍ଷିତ ହେଉଛି। ଅନିୟମିତ ବର୍ଷା ଯୋଗୁ ଚାଷ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବା ଆରମ୍ଭ ହେଲାଣି। ବର୍ଷା ଉପରେ ନିର୍ଭର କରୁଥିବା ଦେଶଗୁଡିକ ଆଗାମୀ ଦିନରେ ଭୟଙ୍କର ଖାଦ୍ୟ ସଙ୍କଟର ସମ୍ମୁଖୀନ ହେବେ ବୋଲି ନିକଟରେ ପ୍ରକାଶିତ ଜାତିସଂଘ ଡିଜାଷ୍ଟର ରିସ୍କ ରିଡକ୍ସନ(ୟୁଡିଆରଆର) ରିପୋର୍ଟରେ ଚେତାବନୀ ଦିଆଯାଇଛି।

ଚଳିତବର୍ଷ ମୌସୁମୀ ଅନିୟମିତତା ଯୋଗୁ ରାଜ୍ୟରେ ଚାଷ ପ୍ରଭାବିତ ହୋଇଛି। ସ୍ୱଳ୍ପ ବର୍ଷା ଯୋଗୁ ଖୋର୍ଦ୍ଧା, ବାଲେଶ୍ୱର, ପୁରୀ, ଗଜପତି ଆଦି ଜିଲାରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଅଗଷ୍ଟରେ ଅଧିକ ବର୍ଷା ଯୋଗୁ ରାଜ୍ୟରେ ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଭଦ୍ରକ, ପୁରୀ ଜିଲାରେ ଅନେକ ଜମିର ଫସଲ ଉଜୁଡି ଯାଇଛି। ଦକ୍ଷିଣ ପଶ୍ଚିମ ମୌସୁମୀ ଜୁନ ୧୧ରେ ରାଜ୍ୟକୁ ପ୍ରବେଶ କରିଥିଲା। ଜୁନରେ ସାଧାରଣ ବୃଷ୍ଟିପାତଠାରୁ ୯.୩ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ଜୁଲାଇରେ ୩୪.୯ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଅନ୍ୟପକ୍ଷରେ ଅଗଷ୍ଟରେ ୪୫.୨ ପ୍ରତିଶତରୁ ଅଧିକ ବର୍ଷା ହୋଇଥିଲା। ୧୭ ଜିଲାରେ ସାଧାରଣ ବୃଷ୍ଟିପାତ (୧୯ ପ୍ରତିଶତ)ଠାରୁ ଅଧିକ ହୋଇଥିବାବେଳେ ୧୨ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିଲା। ସେଥିରୁ ୬ ଜିଲାରେ ସାଧାରଣ ବୃଷ୍ଟିପାତଠାରୁ ୧୦୫ ପ୍ରତିଶତରୁ ୧୭୬ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ହୋଇଥିବାବେଳେ ନୂଆପଡା ଜିଲାରେ ୩୧.୯ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଅଗଷ୍ଟରେ ୪ଟି ଲଘୁଚାପ ହୋଇଥିଲା। ଲଘୁଚାପଜନିତ ବର୍ଷା ଯୋଗୁ ରାଜ୍ୟରେ ମଧ୍ୟମ ଧରଣର ବନ୍ୟା ହୋଇଥିଲା। ଏହି ବନ୍ୟାରେ ଯାଜପୁର, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ ଜିଲା କ୍ଷତିଗ୍ରସ୍ତ ହୋଇଥିଲା। ଗତ କିଛି ବର୍ଷ ହେବ ଜଳବାୟୁ ପରିବର୍ତ୍ତନକୁ ଦେଖି ରାଜ୍ୟ ସରକାର ଅଣ ଧାନ ଫସଲ ଚାଷ ଉପରେ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହାଛଡା ବିଭିନ୍ନ ବିଭାଗକୁ ☞ପୃଷ୍ଠା-୪

**ଦେଖାଦେଇପାରେ ଖାଦ୍ୟ ସଙ୍କଟ**




**ହାଥ୍ରସରେ ୪ ବର୍ଷୀୟାଙ୍କୁ ବଳାତ୍କାର**

ୟୁପିର ହାଥ୍ରସ ଗଣବଳାତ୍କାର ଓ ହତ୍ୟା ମାମଲାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଚାଲିଥିବାବେଳେ ମଙ୍ଗଳବାର ସେଠାରେ ଆଉ ଏକ ଲଜ୍ଜାକର ଘଟଣା ଘଟିଛି। ହାଥ୍ରସର ସାସ୍‌ନିରେ ଜଣେ ୪ ବର୍ଷର ଶିଶୁଙ୍କୁ ଜଣେ ସମ୍ପର୍କୀୟ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ହାତୀକୁ ବାଟ ଛାଡ଼

**ନୂଆଦିଲ୍ଲୀ,୧୪।୧୦**



**ନିଲ୍‌ଗିରିସ୍ ହାତୀ କରିଡର**
**ମାଡ୍ରାସ୍ ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ ବଳବତ୍ତର**

ହାତୀ ଏକ ଜେଣ୍ଟଲମ୍ୟାନ। ମଣିଷ ହାତୀକୁ ବାଟ ଛାଡ଼ିଦେବା ଉଚିତ। ହାତୀ ଏକ ବିଶାଳକାୟ ଜୀବ ହେଲେ ମଧ ଭଙ୍ଗୁର। ଆମେ ଏକ ଭଙ୍ଗୁରପ୍ରବଣ ଜୈବ ବ୍ୟବସ୍ଥାକୁ ନେଇ ଚଳୁଛେ। ତାମିଲନାଡୁର ନିଲ୍‌ଗିରିସ୍ ଏଲିଫେଣ୍ଟ କରିଡର ପ୍ରସଙ୍ଗରେ ବୁଧବାର ମାଡ୍ରାସ୍ ହାଇକୋର୍ଟଙ୍କ ରାୟକୁ ବଳବତ୍ତର ରଖି ଏପରି ମନ୍ତବ୍ୟ ଦେଇଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ।

ତାମିଲନାଡୁର ଉଟିରୁ ମହୀଶୂର ଯିବା ବାଟରେ ନିଲ୍‌ଗିରିସ୍‌ର ସେଗୁରୁରୁ ମାଳଭୂମି ନିକଟସ୍ଥ ମସିନାଗୁଡି ଅଞ୍ଚଳରେ ଏକ ହାତୀ କରିଡର ଅବସ୍ଥିତ। ଏହି କରିଡର ସମ୍ପର୍କରେ ୨୦୧୧ ଜୁଲାଇରେ ମାଡ୍ରାସ୍ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଜୈବିକ ଦୃଷ୍ଟିରୁ ଭଙ୍ଗୁର ନିଲ୍‌ଗିରିସ୍ ହାତୀ କରିଡର ଚିହ୍ନଟ କରିବା ବଣ୍ୟପ୍ରାଣୀ ସୁରକ୍ଷା ଆଇନ ଆଗରେ ପ୍ରତିବନ୍ଧକ ହୋଇ ନ ଥିବାରୁ ଏନେଇ ବିଜ୍ଞପ୍ତି ଜାରି କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ କ୍ଷମତା ଦେଇଥିଲେ। ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କ ସମେତ କେତେଜଣ ରିସର୍ଟ/ଘରୋଇ ଜମି ମାଲିକଙ୍କ ପକ୍ଷରୁ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୩୨ଟି ଅପିଲ୍ ପିଟିଶନ ଦାଏର କରାଯାଇଥିଲା। ସିଜେଆଇ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍. ଅବ୍‌ଦୁଲ ନାଜିର ଓ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟିରେ ଅନ୍ୟ ଦୁଇଜଣ ସଦସ୍ୟ ଭାବେ ରହିବେ। କରିଡର ମଧ୍ୟରେ ରିସର୍ଟ ଓନର ଓ ଘରୋଇ ଜମି ମାଲିକଙ୍କ ବ୍ୟକ୍ତିଗତ ଆପତ୍ତିକୁ ଏହି କମିଟି ଶୁଣିବ।

ଏହି ଅବସରରେ ଖଣ୍ଡପୀଠ କହିଛନ୍ତି, ନିଲ୍‌ଗିରିସ୍ ହାତୀ ପ୍ରକଳ୍ପର ବିଜ୍ଞପ୍ତି ପାଇଁ ୨୦୧୦ ଅଗଷ୍ଟରେ ତାମିଲନାଡୁ ସରକାରଙ୍କ ନିର୍ଦ୍ଦେଶନାମାକୁ ସର୍ବୋଚ୍ଚ ଅଦାଲତ ବଳବତ୍ତର ରଖିବେ। ହାତୀ ଏକ ଭଦ୍ର ଜୀବ ହୋଇଥିବାରୁ ମଣିଷ ଜଙ୍ଗଲକୁ ଯାଇ ତା'ର ପଥ ଅବରୋଧ ନ କରୁ। ମଣିଷମାନେ ହାତୀ ପାଇଁ ବାଟ ଛାଡ଼ିଦେବା ଉଚିତ। ଆମିକସ୍ କ୍ୟୁରି ଏ.ଡି.ଏନ୍. ରାଓ ଦାଏର କରିଥିବା ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ସିଜେଆଇ ହାତୀ ଉପରେ ସଦୟ ହୋଇ ଏପରି ମନ୍ତବ୍ୟ ଦେଇଛନ୍ତି। ଆମିକସ୍ କ୍ୟୁରି ତାଙ୍କ ରିପୋର୍ଟରେ ପ୍ରସ୍ତାବ ଦେଇଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀ କରିଡର ଭାବେ ଚିହ୍ନଟ କରାଯାଇଥିବା ଅଞ୍ଚଳରେ ଆଦିବାସୀମାନଙ୍କ ଘର ବ୍ୟତୀତ ୮୨୧ ବିଲ୍ଡିଂକୁ ସିଲ୍ କରାଯାଉ କିମ୍ବା ଭାଙ୍ଗି ଦିଆଯାଉ। ଜାନୁୟାରୀ ୨୨ରେ ଏହି ମାମଲାର ରାୟ ସଂରକ୍ଷିତ ରଖାଯାଇଥିଲା। ଇତିମଧ୍ୟରେ ଅଦାଲତ ସ୍ପଷ୍ଟ କରିଥିଲେ, ସିଲିଂ କିମ୍ବା ଭାଙ୍ଗିବା ନେଇ ବ୍ୟକ୍ତିଗତ ମାମଲାଗୁଡ଼ିକର ନିଷ୍ପତ୍ତି ଖଣ୍ଡପୀଠ ନେବେ ନାହିଁ।

## ୨ ସେନା ହେଲିକପ୍ଟର ମୁହାଁମୁହିଁ: ୧୫ ମୃତ

**କାବୁଲ, ୧୪।୧୦**

ଆଫଗାନିସ୍ତାନରେ ୨ ବାୟୁସେନା ହେଲିକପ୍ଟର ମଧ୍ୟରେ ଧକ୍କା ହୋଇଛି। ଏଥିରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ ହେଲ୍‌ମଣ୍ଡ ପ୍ରଦେଶର ଲଶ୍କର ଗେହ ନିକଟସ୍ଥ ନୱା-ଇ ବର୍କଜାୟି ଜିଲାରେ ସୈନ୍ୟବାହିନୀଙ୍କୁ ଆଣିବା କାର୍ଯ୍ୟରେ ନିୟୋଜିତ ଥିବା ଏହି ହେଲିକପ୍ଟର ମଝି ଆକାଶରେ ନିୟନ୍ତ୍ରଣ ହରାଇ ପରସ୍ପର ମଧ୍ୟରେ ପିଟି ହୋଇଥିଲେ। ଦୁର୍ଘଟଣାଟି ମଙ୍ଗଳବାର ମଧ୍ୟ ରାତ୍ରରେ ଘଟିଥିବା କୁହାଯାଉଛି। ରାତି ଅନ୍ଧାର ଯୋଗୁ ହୁଏତ କିଛି ଅସୁବିଧା ହୋଇଥିବା ଅନୁମାନ କରାଯାଉଛି। ହେଲିକପ୍ଟରରେ ଚିକିତ୍ସା ପାଇଁ ଆସୁଥିବା କିଛି ଆହତ ସୈନ୍ୟଙ୍କର ମଧ୍ୟ ଏଥିରେ ମୃତ୍ୟୁ ଘଟିଥିବା କୁହାଯାଉଛି। ହେଲ୍‌ମଣ୍ଡ ପ୍ରଦେଶ ଗଭର୍ନରଙ୍କ ପ୍ରବକ୍ତା ଉମର ଜୱାକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆଫଗାନିସ୍ତାନରେ ସୈନ୍ୟ ବାହିନୀ ଏବଂ ତାଲିବାନ ଆତଙ୍କବାଦୀ ସଂଗଠନ ମଧ୍ୟରେ ଦୀର୍ଘଦିନ ଧରି ଗୃହଯୁଦ୍ଧ ଜାରି ରହିଛି। ଶାନ୍ତି ଆଲୋଚନା ଜାରି ରହିଥିଲେ ମଧ୍ୟ ଏହା ସଫଳ ହୋଇପାରୁନାହିଁ।

## ଯୁଦ୍ଧ ପାଇଁ ପ୍ରସ୍ତୁତ ରୁହ

**ବେଜିଂ,୧୪।୧୦**



**ପିଏଲ୍‌ଏକୁ ଶି ଜିନ୍‌ପିଙ୍ଗ୍‌ଙ୍କ ନିର୍ଦ୍ଦେଶ**

ଭାରତ ସହିତ ଚାଇନାର ସୀମା ବିବାଦ ଚରମ ସୀମାରେ ପହଞ୍ଚିଥିବାବେଳେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ନିର୍ଦ୍ଦେଶ ଦେଇଛନ୍ତି। ଚାଇନାର ନ୍ୟୁଜ୍ ଏଜେନ୍ସି ଶିନ୍‌ହୁଆରେ ଏ ସମ୍ପର୍କିତ ଏକ ରିପୋର୍ଟ ପ୍ରକାଶ ପାଇଥିବା ବୁଧବାର ସିଏନ୍‌ଏନ୍ ପକ୍ଷରୁ କୁହାଯାଇଛି।

ରିପୋର୍ଟ ଅନୁସାରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ମଙ୍ଗଳବାର ଗୁଆଙ୍ଗ୍‌ଡୋଙ୍ଗ ପ୍ରଦେଶର ଚାଓଝୌ ସିଟିରେ ପିଏଲ୍‌ଏର ମେରାଇନ୍ କର୍ପ୍ସ ପରିଦର୍ଶନରେ ଯାଇଥିଲେ। ସେଠାରେ ସେ ପିଏଲ୍‌ଏ ସୈନ୍ୟଙ୍କୁ ଯୁଦ୍ଧ ପାଇଁ ଶାରୀରିକ ଓ ମାନସିକ ସ୍ତରରେ ପ୍ରସ୍ତୁତ ରହିବାକୁ କହିଥିଲେ। ରାଷ୍ଟ୍ର ପ୍ରତି ସମ୍ପୂର୍ଣ୍ଣ ଆନୁଗତ୍ୟ ପ୍ରକାଶ କରି ବିଶ୍ୱସ୍ତ ହେବାକୁ ଏବଂ ହାଇଆଲର୍ଟରେ ରହିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ପୂର୍ବ ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଭାରତ ଓ ଚାଇନା ମଧ୍ୟରେ ସୀମାକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଏପରି ଆଭିମୁଖ୍ୟକୁ ଗୁରୁତ୍ୱ ଦିଆଯାଉଛି। ପ୍ରକାଶ ଯେ, ଜୁନରେ ଦୁଇଦେଶର ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଉଭୟ ପକ୍ଷ ମୃତାହତ ହୋଇଥିଲେ। ସେବେଠୁ ଦୁଇଦେଶର ସେନା ମଧ୍ୟରେ ଶାନ୍ତି ପାଇଁ ଆଲୋଚନା ଜାରି ରହିଛି। ମଙ୍ଗଳବାର ୧୧ ଘଣ୍ଟା ଧରି ସପ୍ତମ କର୍ପ୍ସ କମାଣ୍ଡର ସ୍ତରୀୟ ଆଲୋଚନା ହୋଇଥିଲା। ଉଭୟ ପକ୍ଷ ଯଥାଶୀଘ୍ର ସମ୍ଭବ ସୈନ୍ୟ ପ୍ରତ୍ୟାହାର ପାଇଁ କୂଟନୈତିକ ଓ ସାମରିକ ଚ୍ୟାନେଲ ଜରିଆରେ ଗ୍ରହଣଯୋଗ୍ୟ ଉପାୟ ଅବଲମ୍ବନ କରିବାକୁ ରାଜି ହୋଇଥିଲେ।

## ମନ୍ତ୍ରୀ ନ ଆସିବାରୁ କୃଷକଙ୍କ ବୈଠକ ବର୍ଜନ



କୃଷକମାନେ ବୈଠକରୁ ଉଠିଆସି ବିବାଦୀୟ କୃଷି ବିଲ୍‌ର କପି ଚିରୁଛନ୍ତି।

**ନୂଆଦିଲ୍ଲୀ, ୧୪।୧୦**

ନୂଆ କୃଷି ଆଇନକୁ ବିରୋଧ କରି ପଞ୍ଜାବରେ କୃଷକଙ୍କ ବିରୋଧ ଜାରି ରହିଛି। ଏହାର ସମାଧାନ ଲାଗି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ବୁଧବାର ଏକ ବୈଠକର ଆୟୋଜନ କରିଥିଲେ। କୃଷି ଆଇନକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂରକରିବା ଲାଗି ଏହି ବୈଠକ ଡକାଯାଇଥିଲା। ହେଲେ ବୈଠକକୁ କୃଷିମନ୍ତ୍ରୀ ନ ଆସିବାରୁ କୃଷକଙ୍କ ମନରେ ଅସନ୍ତୋଷ ବଢ଼ିଯାଇଥିଲା। ଫଳରେ କୃଷକ ସଙ୍ଗଠନ ପକ୍ଷରୁ ଏହି ବୈଠକକୁ ବର୍ଜନ କରାଯାଇଥିଲା। ସରକାର କୃଷି ଆଇନକୁ ନେଇ ଡବଲ ଷ୍ଟାଣ୍ଡାର୍ଡ ଦେଖାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଯୋଗୀନ୍ଦର ସିଂଙ୍କ ନେତୃତ୍ୱାଧୀନ ଭାରତୀ କିଷାନ ସଂଘ ସହ ୨୯ କୃଷକ ସଙ୍ଗଠନର ପ୍ରତିନିଧି ଏହି ବୈଠକକୁ ଆସଥିଲେ। କୃଷି ଭବନଠାରେ କଡ଼ା ସୁରକ୍ଷା ମଧ୍ୟରେ ଏହି ବୈଠକ ଆରମ୍ଭ ହୋଇଥିବାବେଳେ ମନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ କୃଷକମାନେ ଉତ୍‌କ୍ଷିପ୍ତ ହୋଇ ବୈଠକ ବର୍ଜନ କରିବା ସହ କୃଷି ବିଲ ସମ୍ପର୍କିତ କାଗଜପତ୍ରଗୁଡ଼ିକୁ ଚିରି ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ। ବୈଠକରେ ଉପସ୍ଥିତ ଥିବା କୃଷି ସଚିବ ସଞ୍ଜୟ ଅଗ୍ରୱାଲ ଏନେଇ କିଛି କହି ନ ଥିଲେ।

## ଷ୍ଟାର୍ସ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧୪।୧୦**

**■ ୫,୭୧୮ କୋଟିରେ ୬ ରାଜ୍ୟର ସ୍କୁଲ ଶିକ୍ଷାକୁ ଉନ୍ନତ କରାଯିବ**

ବିଶ୍ୱବ୍ୟାଙ୍କ ସହାୟତାରେ ଓଡ଼ିଶା ସମେତ ୬ ରାଜ୍ୟର ସ୍କୁଲ ଶିକ୍ଷାକୁ ଉନ୍ନତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ବୁଧବାର ଏକ ନୂଆ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଷ୍ଟ୍ରେଂଦେନିଂ ଟିଚିଂ-ଲର୍ନିଂ ଆଣ୍ଡ ରିଜଲ୍ଟସ୍ ଫର୍ ଷ୍ଟେଟ୍ସ (ଷ୍ଟାର୍ସ) ପ୍ରକଳ୍ପରେ ୫,୭୧୮ କୋଟି ଟଙ୍କା ବ୍ୟୟ କରାଯିବାକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏଥିରୁ ପ୍ରାୟ ୫୦ କୋଟି ଡଲାର ଅର୍ଥାତ୍ ୩,୭୦୦ କୋଟି ଟଙ୍କା ବିଶ୍ୱବ୍ୟାଙ୍କ ଦେବ। ଷ୍ଟାର୍ସ ପ୍ରକଳ୍ପ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଅଧୀନରେ କେନ୍ଦ୍ର ସରକାରଙ୍କ ଏକ ନୂଆ ଯୋଜନା ଭାବେ କାର୍ଯ୍ୟକାରୀ ହେବ।

ଷ୍ଟାର୍ସ ପ୍ରକଳ୍ପ ଓଡ଼ିଶା, ହିମାଚଳ ପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ କେରଳରେ ଲାଗୁ ହେବ। ଏହି ରାଜ୍ୟଗୁଡ଼ିକରେ ଶିକ୍ଷାର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାର ସହାୟତା ଦେବେ। ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦କୁ ଭିତ୍ତିକରି ଏହାକୁ ଗୁରୁତ୍ୱ ଦିଆଯିବ। କ୍ୟାବିନେଟ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଏହି ସୂଚନା ଦେଇଛନ୍ତି।



**ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏକାଠି:** ପିଡିପି ଅଧ୍ୟକ୍ଷ ମେହବୁବା ମୁଫ୍‌ତି ବୁଧବାର ଶ୍ରୀନଗରସ୍ଥିତ ନିଜ ବାସଭବନଠାରେ ନ୍ୟାଶ୍‌ନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଓ ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲାଙ୍କ ସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ଆଲୋଚନା କରୁଛନ୍ତି।

## ପ୍ରେମିକାଙ୍କୁ ନିଆଁ ଲଗାଇବାବେଳେ ଦୁହେଁ ଜଳିଗଲେ

**ହାଇଦ୍ରାବାଦ, ୧୪।୧୦**

ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାରେ ଥିବା ଏକ କୋଭିଡ୍ କେୟାର ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଥିବା ଜଣେ ଯୁବତୀଙ୍କୁ ଜଣେ ଯୁବକ ନିଆଁ ଲଗାଇ ଜାଳିବାକୁ ଉଦ୍ୟମ କରୁଥିବାବେଳେ ପ୍ରେମିକା ଜଣକ ତାଙ୍କୁ ଧରିପକାଇବାରୁ ଦୁହେଁ ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇଛନ୍ତି। ପ୍ରେମିକା ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଯୁବକ ଜଣକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ଉକ୍ତ ଯୁବକଙ୍କୁ ୪ ବର୍ଷ ହେବ ନର୍ସ ଜଣକ ପ୍ରେମ କରୁଥିଲେ ବୋଲି ପୋଲିସ କହିଛି। ଯୁବକ ଜଣକ ପ୍ରତାରଣା କରିବା ସହ ବିବାହ କଥାକୁ ଏଡ଼ାଇଯିବାରୁ କିଛିମାସ ତଳେ ପ୍ରେମିକା ତାଙ୍କ ସହ ସମ୍ପର୍କ କାଟିବାକୁ ଚାହିଁଥିଲେ। ଅକ୍ଟୋବର ୫ରେ ସେ ଯୁବକ ଜଣକ ପ୍ରତାରଣ କରୁଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ସୋମବାର ନର୍ସ ଜଣକ କାମସାରି ଘରକୁ ଫେରିବା ପରେ ଯୁବକ ସେଠାକୁ ଆସି ଯୁକ୍ତିତର୍କ କରିଥିଲେ। ପରେ ନର୍ସଙ୍କ ଉପରକୁ ପେଟ୍ରୋଲ ଢ଼ାଳି ସେ ନିଆଁ ଲଗାଇ ଦେଇଥିଲେ। ସଙ୍ଗେ ସଙ୍ଗେ ନର୍ସ ଉକ୍ତ ଯୁବକଙ୍କୁ କୁଣ୍ଢାଇ ଧରିବାରୁ ସେ ମଧ୍ୟ ୮୦% ପୋଡ଼ିଯାଇଥିଲେ।

## ବିହାରରେ ଏକ୍‌ଜିଟ୍ ପୋଲ ଉପରେ କଟକଣା

**ନୂଆଦିଲ୍ଲୀ, ୧୪।୧୦**




ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ଏନେଇ ଏକ୍‌ଜିଟ୍ ପୋଲ୍ ଉପରେ କଟକଣା ଲଗାଯାଇଛି। ଅକ୍ଟୋବର ୨୮ ସକାଳ ୭ଟାରୁ ନଭେମ୍ବର ୭ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଏକ୍‌ଜିଟ୍ ପୋଲ୍ ପରିଚାଳନା ଓ ଟେଲିକାଷ୍ଟ କରାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୩ର ବିଜ୍ଞପ୍ତି ଅନୁଯାୟୀ ଜନମତ ସର୍ଭେ କିମ୍ବା ଅନ୍ୟ କୌଣସି ନିର୍ବାଚନୀ ସର୍ଭେ ରିପୋର୍ଟ ପ୍ରକାଶନ ଓ ପ୍ରଦର୍ଶନ ଉପରେ କଟକଣା ଲଗାଯାଇଥିଲା। ଭୋଟଗ୍ରହଣର ୪୮ ଘଣ୍ଟା ପୂର୍ବରୁ ଏଭଳି କାର୍ଯ୍ୟକୁ ବାରଣ କରାଯାଇଥିଲା। ପ୍ରକାଶଥାଉ କି, ବିହାର ବିଧାନସଭା ନିର୍ବାଚନ ୩ ପର୍ଯ୍ୟାୟରେ କରାଯାଉଥିବା ବେଳେ ପ୍ରଥମ ପର୍ଯ୍ୟାୟ ଭୋଟ ଅକ୍ଟୋବର ୨୮, ଦ୍ୱିତୀୟ ପର୍ଯ୍ୟାୟ ନଭେମ୍ବର ୩ ଓ ତୃତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ନଭେମ୍ବର ୭ରେ କରାଯିବ। ନଭେମ୍ବର ୧୦ରେ ଫଳାଫଳ ଘୋଷଣା କରାଯିବ।

## ଚିନ୍ମୟାନନ୍ଦଙ୍କୁ ଆଶ୍ୱସ୍ତି

**ଲକ୍ଷ୍ନୌ, ୧୪।୧୦**



ଚିନ୍ମୟାନନ୍ଦ

**ବଳାତ୍କାର ଅଭିଯୋଗରୁ ଓହରିଲେ ଆଇନ ଛାତ୍ରୀ**

ଭାଜପା ଏମ୍‌ପି ତଥା ପୂର୍ବତନ କେନ୍ଦ୍ରୀୟ ମନ୍ତ୍ରୀ ଚିନ୍ମୟାନନ୍ଦ ଓରଫ୍ କୃଷ୍ଣପାଳ ସିଂଙ୍କୁ ବଳାତ୍କାର ମାମଲାରେ ଆଶ୍ୱସ୍ତି ମିଳିଛି। ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିବା ୨୩ ବର୍ଷ ବୟସ୍କା ଆଇନ ଛାତ୍ରୀ ନିଜର ମନ୍ତବ୍ୟ ବଦଳାଇବାରୁ ସମ୍ପୃକ୍ତ ଛାତ୍ରୀଙ୍କ ଉପରେ ସିଆର୍‌ପିସି ଧାରା ୩୪୦ ଅନ୍ତର୍ଗତ ମାମଲା ରୁଜୁ ପାଇଁ ସରକାରୀ ଆଇନଜୀବୀ ଅଭୟ ତ୍ରିପାଠୀଙ୍କ ପକ୍ଷରୁ କୋର୍ଟରେ ଏକ ଆବେଦନ ଦାଖଲ କରାଯାଇଛି। ସ୍ୱତନ୍ତ୍ର କୋର୍ଟ ବିଚାରପତି ପୱନ କୁମାର ରାୟ ଏହି ଆବେଦନକୁ ଗ୍ରହଣ କରିବା ସହିତ ଉଭୟ ପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୫ରେ କରାଯିବ ବୋଲି ବିଚାରପତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବଳାତ୍କାର ଅଭିଯୋଗରେ ୭୨ ବର୍ଷ ବୟସ୍କ ଚିନ୍ମୟାନନ୍ଦଙ୍କୁ ୨୦୧୯ ସେପ୍ଟେମ୍ବର ୨୦ରେ ଗିରଫ କରାଯାଇଥିଲା। ୨୦୨୦ ଫେବୃୟାରୀରେ ତାଙ୍କୁ ସର୍ତ୍ତମୂଳକ ଜାମିନ୍ ମିଳିଥିଲା। ଆଲ୍ଲାହାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାର ବିଚାର ସ୍ୱତନ୍ତ୍ର କୋର୍ଟରେ ଜାରି ରହିଥିଲା। ଚିନ୍ମୟାନନ୍ଦଙ୍କ ଦ୍ୱାରା ସ୍ଥାପିତ ଏକ ଶିକ୍ଷାନୁଷ୍ଠାନରେ ଆଇନ ପାଠ୍ୟକ୍ରମ ଏଲ୍‌ଏଲ୍‌ଏମ୍‌ରେ ଅଧ୍ୟୟନ କରୁଥିବା ଛାତ୍ରୀ ୨୦୧୯ ସେପ୍ଟେମ୍ବର ୫ରେ ଦିଲ୍ଲୀର ଲୋଧି କଲୋନୀ ଥାନାରେ ତାଙ୍କ ବିରୋଧରେ ବଳାତ୍କାର ମାମଲା ଦାଏର କରିଥିଲେ।

## ୟୁଏନ୍‌ଏଚ୍‌ଆର୍‌ସିକୁ ଚାଇନା, ପାକିସ୍ତାନ ପୁନଃ ନିର୍ବାଚିତ

**ନୂଆଦିଲ୍ଲୀ/ୱାଶିଂଟନ,୧୪।୧୦ (ପି.ଟି./ଆଇଏଏନ୍‌ଏସ୍)**

**ଭାରତ, ଆମେରିକା ସମେତ ବିଭିନ୍ନ ରାଷ୍ଟ୍ରର ନିନ୍ଦା**

ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍‌ଏଚ୍‌ଆର୍‌ସି)କୁ ପାକିସ୍ତାନ ଓ ଚାଇନା ପୁନଃ ନିର୍ବାଚିତ ହୋଇଛନ୍ତି। ଚାଇନା ଖୁବ୍ କମ୍ ଭୋଟ ବ୍ୟବଧାନରେ ୟୁଏନ୍‌ଏଚ୍‌ଆର୍‌ସିରେ ଗୋଟିଏ ଆସନ ଜିତିଥିବାବେଳେ ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ୫ ରାଷ୍ଟ୍ର ମଧ୍ୟରୁ ସର୍ବାଧିକ ଭୋଟ ହାସଲ କରି ମଜଭୁତ ସ୍ଥିତିରେ ରହିଛି ପାକିସ୍ତାନ। ଏହାକୁ ନେଇ ଉକ୍ତ ଆନ୍ତର୍ଜାତିକ ମାନବାଧିକାର ସଂସ୍ଥାକୁ ବୁଧବାର ବିଭିନ୍ନ ରାଷ୍ଟ୍ର ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ୟୁଏନ୍‌ଏଚ୍‌ଆର୍‌ସି ପାଇଁ ଏହା ଏକ 'କଳାଦିବସ' ଭାବେ କେତେକ ଅନ୍ତର୍ଜାତୀୟ ମାନବାଧିକାର ସଂସ୍ଥା ଅଭିହିତ କରିଛନ୍ତି।

୭୫ତମ ଜାତିସଂଘ ସାଧାରଣ ସଭାରେ ମଙ୍ଗଳବାର ୟୁଏନ୍‌ଏଚ୍‌ଆର୍‌ସି ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ୪୭ ସଦସ୍ୟ ବିଶିଷ୍ଟ ଏହି ପରିଷଦକୁ ୧୫ ରାଷ୍ଟ୍ର ନିର୍ବାଚିତ ହୋଇଛନ୍ତି। ନୂଆ ସଦସ୍ୟ ରାଷ୍ଟ୍ରଗୁଡ଼ିକ ୨୦୨୧ରୁ ଜାନୁୟାରୀରୁ ୩ ବର୍ଷ ପାଇଁ ୟୁଏନ୍‌ଏଚ୍‌ଆର୍‌ସିରେ ପ୍ରତିନିଧିତ୍ୱ କରିବେ। ପାକିସ୍ତାନକୁ ୧୬୯ ଭୋଟ ମିଳିଥିବାବେଳେ ଉଜ୍‌ବେକିସ୍ତାନ ୧୬୪ ଓ ନେପାଳକୁ ୧୫୦ ଖଣ୍ଡ ଭୋଟ ମିଳିଛି। ଚାଇନା ସପକ୍ଷରେ ୧୩୯ ଭୋଟ ପଡ଼ିଛି। ୨୦୧୬ରେ ଚାଇନା ୧୮୦ ଖଣ୍ଡ ଭୋଟ ପାଇଥିବାବେଳେ ଗତବର୍ଷ ଏହାକୁ ନିର୍ବାଚିତ ୧୫ ରାଷ୍ଟ୍ର ମଧ୍ୟରୁ ସର୍ବନିମ୍ନ ଭୋଟ ମିଳିଥିଲା। ତେବେ ପରିଷଦରେ ପୁନଃ ସ୍ଥାନିତ ହେବା ପାଇଁ ରିୟାଧର ଉଦ୍ୟମ ବିଫଳ ହୋଇଛି। ସୌଦି ଆରବକୁ ୯୦ ଭୋଟ ମିଳିଛି।

ଚାଇନା, ରୁଷିଆ ଓ କ୍ୟୁବା ଜାତିସଂଘ ମାନବାଧିକାର ପରିଷଦକୁ ନିର୍ବାଚିତ ହେବା ୨୦୧୮ରେ ପରିଷଦରୁ ଆମେରିକା ଓହରି ମାନବାଧିକାର ସୁରକ୍ଷା ଲାଗି ଅନ୍ୟ ମାଧ୍ୟମ ଆପଣାଇବା ନିଷ୍ପତ୍ତିକୁ ଯଥାର୍ଥତାକୁ ପ୍ରମାଣିତ କରୁଛି ବୋଲି ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଟୁଇଟ୍ କରିଛନ୍ତି। ପମ୍ପିଓ କହିଛନ୍ତି, ଶିଞ୍ଜିଆଙ୍ଗ, ମ୍ୟାନ୍‌ମାର, ଇରାନ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକରେ ଆମେ ମାନବାଧିକାର ଉଲ୍ଲଂଘନକାରୀମାନଙ୍କୁ ଚିହ୍ନଟ କରି ଦଣ୍ଡିତ କରିଛୁ। ସେହିପରି ମାନବାଧିକାର ଉପରେ କାର୍ଯ୍ୟ କରୁଥିବା ଜେନେଭାଭିତ୍ତିକ ଆଇନଜୀବୀ ତଥା ୟୁନାଇଟେଡ୍ ନେଶନ୍ସ ୱାଚ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହିଲ୍ଲେଲ ନେଉଏର ମଧ୍ୟ ୪ ରାଷ୍ଟ୍ର ନିର୍ବାଚିତ ହେବା ନେଇ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଜାତିସଂଘର ସଦ୍ୟ ବିଶ୍ୱ ଏପରି ମାନବାଧିକାରକୁ ନେଇ ବିଚାର କରୁଛି, ଯେଉଁଠି ପାକିସ୍ତାନ ଖ୍ରୀଷ୍ଟିଆନ, ହିନ୍ଦୁ ଓ ଅହମଦିଆମାନଙ୍କୁ ଅତ୍ୟାଚାର କରେ। ଚାଇନାରେ ୧୦ ଲକ୍ଷ ଉଇଗରଙ୍କୁ ଶିବିରରେ ବନ୍ଦୀ କରାଯାଇଛି। ରୁଷିଆ ଅସନ୍ତୁଷ୍ଟ ବିଦ୍ରୋହୀଙ୍କୁ ବିଷ ଦେଉଛି। କ୍ୟୁବାରେ ପୋଲିସ ଷ୍ଟେଟ୍ ଚାଲିଛି। ତେଣୁ ଏହା ମାନବାଧିକାର ପାଇଁ ଏକ 'କଳାଦିବସ'। ଅନୁରୂପ ଭାବେ ଭାରତର ବରିଷ୍ଠ ବହିର୍ବ୍ୟାପାର ନୀତି ବିଶେଷଜ୍ଞ ବ୍ରହ୍ମା ଚେଲ୍ଲାନୀ ଟୁଇଟ୍ କରି କହିଛନ୍ତି, ଚାଇନା ୧ ନିୟୁତରୁ ଊର୍ଦ୍ଧ୍ୱ ମୁସ୍‌ଲମାନଙ୍କୁ ବନ୍ଦୀ କରି ରଖିଥିବାବେଳେ ତିବ୍ବତରେ ଦମନଲୀଳା ଚଳାଇ ଅଟକମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ପ୍ରତିରୋପଣ ପାଇଁ ନେବା ସହ ସେମାନଙ୍କୁ ହତ୍ୟା କରୁଛି। ଏହି ଦେଶ ୟୁଏନ୍‌ଏଚ୍‌ଆର୍‌ସିରେ ଏକ ଆସନ ଲାଭ କରିଛି। ଚାଇନା ତା'ର ପ୍ରତିନିଧି ପାକିସ୍ତାନଠାରୁ ୩୦ ଖଣ୍ଡ କମ୍ ଭୋଟ ପାଇଛି। ମାନବାଧିକାର ପରିଷଦ କ୍ରମଶଃ ଅପ୍ରାସଙ୍ଗିକ ହେବାରେ ଲାଗିଛି। ପାକ୍-ଅଧିକୃତ କଶ୍ମୀର (ପିଓକେ)ର ଅଧିକାର କର୍ମୀ ଅମ୍‌ଜଦ ଆୟୁବ ମିର୍ଜାଙ୍କ ମତରେ ପାକିସ୍ତାନ, ଚାଇନା, କ୍ୟୁବା, ରୁଷିଆ ଓ ସୌଦି ଆରବ ଭଳି ବିଶ୍ୱର ନିକୃଷ୍ଟ ମାନବାଧିକାର ଉଲ୍ଲଂଘନକାରୀ ଦେଶଗୁଡ଼ିକ ଜାତିସଂଘର ଏହି ସଂସ୍ଥାକୁ ନିର୍ବାଚିତ ହେବା ଉକ୍ତ ସଙ୍ଗଠନର ବିଶ୍ୱସନୀୟତାକୁ ଧ୍ୱଂସ କରିଦେବ।

ସୂଚନାଯୋଗ୍ୟ, ଗତ ସପ୍ତାହରେ ୟୁରୋପ, ଆମେରିକା ଓ କାନାଡାର କେତେକ ମାନବାଧିକାର ଗୋଷ୍ଠୀକୁ ନେଇ ଗଠିତ ମେଣ୍ଟ ଚାଇନା, ରୁଷିଆ, ସୌଦି ଆରବ, କ୍ୟୁବା, ପାକିସ୍ତାନ ଓ ଉଜ୍‌ବେକିସ୍ତାନର ନିର୍ବାଚନକୁ ବିରୋଧ କରିବା ପାଇଁ ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଅନୁରୋଧ କରିଥିଲେ। ଏହି ଦେଶଗୁଡ଼ିକର ମାନବାଧିକାର ରେକର୍ଡ ସେଗୁଡ଼ିକୁ ଅଯୋଗ୍ୟ ସାବ୍ୟସ୍ତ କରିଥିବା ସେମାନେ ଦର୍ଶାଇଥିଲେ। ଏହାସତ୍ତ୍ୱେ ଚାଇନା ଓ ପାକିସ୍ତାନ ୟୁଏନ୍‌ଏଚ୍‌ଆର୍‌ସିକୁ ନିର୍ବାଚିତ ହେବା ଅସନ୍ତୋଷର କାରଣ ପାଲଟିଛି।


Hero
ଏକ ନୂତନ ଆରମ୍ଭ, ହିରୋର ଭରସା ସାଥିରେ ।
ଏହି ଉତ୍ସବରେ, ଦିଅନ୍ତୁ ନିଜ ଜୀବନକୁ ଏକ ନୂତନ ଗତି ଏବଂ ଯୋଡ଼ି ହୋଇ ଯାଆନ୍ତୁ ୨.5 କୋଟି ହିରୋସ୍ ସାଥିରେ ।
କମ ଡାଉନପେମେଣ୍ଟ ମୂଲ୍ୟ ଆରମ୍ଭ ₹4999#
6.99%# ର ସ୍ୱଳ୍ପ ସୁଧହାର
₹7000# ପର୍ଯ୍ୟନ୍ତର ଫେଷ୍ଟିଭ କ୍ୟାଶ ବେନିଫିଟ
DESTINI 125
GLAMOUR
HF Deluxe
ଫେଷ୍ଟିଭ କ୍ୟାଶ ବେନିଫିଟ
₹2100* ପର୍ଯ୍ୟନ୍ତର କ୍ୟାଶ ଡିସକାଉଣ୍ଟ
₹3000* ପର୍ଯ୍ୟନ୍ତର ଏକ୍ସଚେଞ୍ଜ ଟପ ଅପ୍ ବେନିଫିଟ
₹2000* ପର୍ଯ୍ୟନ୍ତର ଲୟାଲିଟୀ ଟପ ଅପ୍ ବେନିଫିଟ
₹2000* ପର୍ଯ୍ୟନ୍ତର କର୍ପୋରେଟ ଟପ ଅପ୍ ବେନିଫିଟ
ହିରୋର ଭରସା
XSENS FI
WORLD'S NO. 1 ONE
9.5 CRORE+ HEROES
INDIA'S FIRST 5 YEAR WARRANTY
*Conditions apply
ଅତିରିକ୍ତ ଫାଇଦା
₹499/- ପ୍ଲାନ ରେ ₹5500** ପର୍ଯ୍ୟନ୍ତ ମୂଲ୍ୟର ପୁରସ୍କାର ଏବଂ ସର୍ଭିସ ବେନିଫିଟ । ଏବେ ହିଁ ନାମ ଲେଖାନ୍ତୁ ।
Hero GoodLife
Paytm Cashback ₹7,500^^
ICICI Bank Credit & Debit Cards EMI ରେ ₹5000** ପର୍ଯ୍ୟନ୍ତର କ୍ୟାଶ ବେନିଫିଟ
CALL TOLL-FREE 1800 266 0018
BUY ONLINE AT eshop.heromotocorp.com
HeroMotoCorp.com HeroMotoCorp HeroMotoCorpIndia HeroMotoCorpLimited TheHeroMotoCorp
^As per cumulative dispatch numbers till 15th September, 2019. ###Largest two-wheeler selling company in the world for any particular country for the year 2019.
*Offer amounts & combination of offers may vary by model. Avail maximum cash benefits up to ₹7000/-. #Finance scheme is at the sole discretion of Financier & subject to its respective terms & conditions. ^^Up to ₹2500/- cashback from Paytm and up to ₹5000/- cash back from Citi Bank (applicable only on Citi Bank cards). **Terms & conditions apply. Offer valid for limited period or till stock lasts. For more details, please visit your nearest authorized Hero outlet.
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road,Vasant Kunj - Phase -II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com.
Accessories and features shown may not be a part of standard fitment. Always wear a helmet while riding a two-wheeler.
Bhubaneswar: Rohan Hero - 7799766422; Bharat Hero - 7799766378; DD Hero - 7799766329; Cuttack: JMG Hero - 7799766366, Sunny Hero - 7799766401, Essen Hero - 7799766425; Angul: Parbati Hero - 7799766342; Balasore: Neelam Hero - 7799766393; Baripada: Aditya Hero - 7799766370; Bhadrak: Sanjib Hero - 7799766380; Chandikhol: S. K. Hero - 7799766362; Jagatsinghpur: Trishul Hero - 7799766383; Jajpur Road: Soumik Hero - 7799766410; Jaleswar: Sai Hero - 7799766407; Jatni: Vishal Hero - 7799766398; Keonjhar: Supreme Hero - 7799766360; Nayagarh: Bhagabati Hero - 7799766417; Puri: Sanjib Hero- 8448389695; Behrampur: Lakshmi Hero - 7799766350; Jeypore: Supreme Hero - 7799766340; Phulbani: Narayani Hero - 7799766373; Raygada Ajit Hero - 7799766358; Bargarh: Aakash Hero - 7799766396; Bhawanipatna: Arundhati Hero - 7799766385; Bolangir: Arundhati Hero - 7799766327; Jharsuguda: Vijaylaxmi Hero - 7799766368; Rourkela: Dua Hero -7799766391; Sambalpur: Sri Shyam Hero - 7799766356; Sonepur: Jai Jawan Hero - 7799766419; Sundergarh: Robotech Hero: 8448183659; Dhenkanal: Som Hero - 7799766347; Talcher: Tarini Hero - 7799766374
L&K | SAATCHI & SAATCHI

**ଆଜିର ମନ୍ତବ୍ୟ**

କୃଷକ ସଙ୍ଗଠନର ପ୍ରତିନିଧିଙ୍କୁ ଆଲୋଚନା ଲାଗି ଦିଲ୍ଲୀ ଡକାଇ କୌଣସି ମନ୍ତ୍ରୀ ଉପସ୍ଥିତ ନ ରହିବା କେନ୍ଦ୍ର ସରକାରଙ୍କ ଆଉ ଏକ ପ୍ରତାରଣା।
**-ସୁଖ୍‌ବୀର ସିଂ ବାଦଲ, ଶିରୋମଣି ଅକାଳି ଦଳ ଅଧ୍ୟକ୍ଷ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ରାଜ ସାହାଣୀ
ପରିବାରବର୍ଗ


ଆର୍ଯ୍ୟନ୍ କୁମାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନାବାଳିକାଙ୍କୁ ଗଣବଳାତ୍କାର ଘଟଣା: ଜଣେ ଅଟକ

- ମୁଖ୍ୟ ଅଭିଯୁକ୍ତ ଫେରାର
- କାର୍ଯ୍ୟାନୁଷ୍ଠାନ ଦାବି କଲେ ଭାଜପା, କଂଗ୍ରେସ

**କଟକ ଅଫିସ/ତିର୍ତ୍ତୋଲ (ଡି.ଏନ.ଏ),୧୪।୧୦**

ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର ଘଟଣାରେ ଚାଉଳିଆଗଞ୍ଜ ଥାନା ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଅଟକ ରଖିଛି। ସେ ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ ତଥା ସମ୍ପୃକ୍ତ ଚିକେନ୍ ସେଣ୍ଟରର ମାଲିକ ବୋଲି ଜଣାପଡ଼ିଛି। ତେବେ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ପାଇଁ ଡିସିପି ପ୍ରତୀକ ସିଂ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଏହି ଟିମ୍ ଘଟଣାସ୍ଥଳ ତଥା ସମ୍ପୃକ୍ତ ଚିକେନ ସେଣ୍ଟରକୁ ଯାଇ ଛାନଭିନ୍ କରିଛି। ଏଥିସହ ସ୍ଥାନୀୟ ବାସିନ୍ଦାଙ୍କୁ ପଚରାଉଚରା କରାଯାଇଛି। ବୁଧବାର ନାବାଳିକାଙ୍କ ବୟାନ ରେକର୍ଡ ହୋଇଛି। ଖୁବଶୀଘ୍ର ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ତାପସ ପ୍ରଧାନ କହିଛନ୍ତି। ଏହି ସମ୍ବେଦନଶୀଳ ଘଟଣା ଏବେ ସମଗ୍ର ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଯାହାକୁ ନେଇ ରାଜ୍ୟ ରାଜନୀତି ମଧ୍ୟ ସରଗରମ ହେବାରେ ଲାଗିଲାଣି। ଭାଜପା ମହିଳା ମୋର୍ଚ୍ଚା ପ୍ରତିନିଧି ଏ ନେଇ ଡିସିପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ବେଳେ ତିର୍ତ୍ତୋଲର କଂଗ୍ରେସ ନେତା ହିମାଂଶୁ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଚାଇଲ୍ଡଲାଇନ କର୍ମକର୍ତ୍ତାଙ୍କୁ ବସୁନ୍ଧରା ଆଶ୍ରମରେ ଭେଟି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଏହି ଘଟଣାକୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ କମିଟି ଦୃଢ ନିନ୍ଦା କରିଛି। ଏହି କାଣ୍ଡ ଘଟାଇଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ କମିଟି ସଭାପତି ବେଦଦ୍ୟୁତି ପୃଷ୍ଟି ଦାବି କରିଛନ୍ତି। ସେ କହିଛନ୍ତି ଯେ, ଏପରି ଘଟଣା ଜାଣି ନ ପାରିବା କମିଶନରେଟ୍ ପୋଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଯୁବତୀଙ୍କୁ ନ୍ୟାୟ ପ୍ରଦାନ ସହ ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି। ନଚେତ କଂଗ୍ରେସ ରାସ୍ତାକୁ ଓହ୍ଲାଇବ ବୋଲି ପୃଷ୍ଟି କହିଛନ୍ତି। ସୂଚନାଥାଉ କି, ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକା ନିଜ ଘରକୁ ଫେରିବା ପାଇଁ କଟକ ଓଏମ୍‌ପି ଛକରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ତାଙ୍କୁ ଘରେ ପହଞ୍ଚାଇ ଦେବାକୁ କହି ଜଣେ ଯୁବକ ତାଙ୍କୁ ସାଙ୍ଗରେ ନେଇଥିଲେ। ଗଡିରାଉତପାଟଣା ପାଖରେ ଉକ୍ତ ଯୁବକ ଓ ତାଙ୍କ ସହଯୋଗୀ ବଳପୂର୍ବକ ଅପହରଣ କରିନେଇ ଏକ ଚିକେନ ଫାର୍ମରେ ୨୨ଦିନ ରଖି ବଳାତ୍କାର କରିଥିବା ଚାଇଲ୍ଡଲାଇନ ପକ୍ଷରୁ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ ହୋଇଛି।

# ସତର୍କ ସଙ୍କେତ ଉପରେ ବଂଶଧାରା

**ରାୟଗଡ଼ା ଅଫିସ/ଗୁଣପୁର,୧୪।୧୦(ଡି.ଏନ୍.ଏ)**

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ବଂଶଧାରା ନଦୀରେ ଜଳସ୍ତର ବୃଦ୍ଧିପାଇଛି। ରାୟଗଡ଼ା ଜିଲାର ଗୁଣପୁରଠାରେ ନଦୀ ଜଳ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ନଦୀର ସତର୍କ ସଂକେତ ୮୩ ମିଟର ଏବଂ ବିପଦ ସଙ୍କେତ ୮୪ ମିଟର ରହିଛି। ତେବେ ବୁଧବାର ଜଳସ୍ତର ୮୩.୧ ମିଟର ରହିଥିବା ସୂଚନା ମିଳିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ଏବଂ ବ୍ଲକ୍ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଥିବା ସୂଚନା ମିଳିଛି। ତଳି ଅଞ୍ଚଳର ୧୩ ପରିବାରର ୪୩ଜଣଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଗୁଣପୁର ପୌରାଞ୍ଚଳର ଅରବିନ୍ଦ ସ୍କୁଲ, ଟାଉନ୍ ହଲ୍ ଏବଂ କଲ୍ୟାଣ ମଣ୍ଡପରେ ଲୋକଙ୍କୁ ସୁରକ୍ଷିତଭାବେ ରଖାଯାଇଥିବା ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତ ସୂଚନା ଦେଇଛନ୍ତି।

## ଭାରତକୁ ଟପିବ ...

ବେଶି ପ୍ରଭାବିତ ହୋଇଛି। ଶ୍ରୀଲଙ୍କାରେ ମଧ୍ୟ ମୁଣ୍ଡ ପିଛା ଜିଡିପି ୪% ହ୍ରାସ ହେବ ବୋଲି ଜଣାପଡିଛି। ଚଳିତ ବର୍ଷ ନେପାଳ ଏବଂ ଭୁଟାନ ଅର୍ଥ ବ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେବ। ଅନ୍ୟପକ୍ଷରେ ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରିବା ନେଇ ଆକଳନ କରାଯାଇଛି। ଏହି ସମୟରେ ଭାରତର ମୁଣ୍ଡ ପିଛା ଜିଡିପିରେ ଉନ୍ନତି ଆସିବା ସହ ବାଂଲାଦେଶଠାରୁ ସାମାନ୍ୟ ବଢିବା ନେଇ ପୂର୍ବାନୁମାନ କରାଯାଇଛି। ୨୦୨୧ରେ ଭାରତର ମୁଣ୍ଡ ପିଛା ଜିଡିପି ୮.୨% ବଢିବ ବୋଲି କୁହାଯାଇଛି। ଏହି ସମୟରେ ବାଂଲାଦେଶର ମୁଣ୍ଡ ପିଛା ଜିଡିପି ୫.୪% ବଢିବ। ଫଳରେ ଭାରତର ମୁଣ୍ଡ ପିଛା ଜିଡିପି ୨୦୩୦ ଡଲାରକୁ ବଢିବାକୁ ଥିବାବେଳେ ବାଂଲାଦେଶର ମୁଣ୍ଡ ପିଛା ଜିଡିପି ୧୯୯୦ ଡଲାର ରହିବା ନେଇ ଆକଳନରେ କୁହାଯାଇଛି।

୫ ବର୍ଷ ତଳେ ଭାରତର ମୁଣ୍ଡ ପିଛା ଜିଡିପି ବାଂଲାଦେଶଠାରୁ ପ୍ରାୟ ୪୦% ଊର୍ଦ୍ଧ୍ୱରେ ରହିଥିଲା। ଏହା ପରଠାରୁ ବାଂଲାଦେଶର ମୁଣ୍ଡ ପିଛା ଜିଡିପି ଚକ୍ରବୃଦ୍ଧି ହାର ୯.୧%ରେ ବଢ଼ିଥିଲା। ଏହି ସମୟରେ ଭାରତ ୩.୨% ହାରରେ ଅଭିବୃଦ୍ଧି କରିଛି। ବାଂଲାଦେଶରେ ରପ୍ତାନି ତ୍ୱରାନ୍ୱିତ ହୋଇଥିବାବେଳେ ଲୋକଙ୍କ ନିବେଶ ଏବଂ ଜମା ହାରରେ ଉନ୍ନତି ପରିଲକ୍ଷିତ ହୋଇଛି। ମାତ୍ର ଭାରତ ରପ୍ତାନି କ୍ଷେତ୍ରରେ ସେତେଟା ଉନ୍ନତି କରିପାରିନାହିଁ। ସେହିଭଳି ଭାରତରେ ଜମା ଏବଂ ନିବେଶ ହାର ମଧ୍ୟ ଲଗାତର ଖସୁଛି। ଆଇଏମ୍ଏଫ୍ ଡାଟା ମୁତାବକ, ୧୯୯୧ ପରଠାରୁ ଭାରତୀୟ ଅର୍ଥ ବ୍ୟବସ୍ଥା ସବୁଠାରୁ ଖରାପ ସ୍ଥିତି ଦେଇ ଗତି କରୁଛି। ଗତ ୪୦ ବର୍ଷ ମଧ୍ୟରେ ଭାରତରେ ମୁଣ୍ଡ ପିଛା ଆୟ ୮ ଥର ଖସିଥିବା ଜଣାପଡିଛି।

### ପର୍ଚେଜିଂ ପାୱାରରେ ବାଂଲାଦେଶଠାରୁ ୧୧ ଗୁଣ ବଡ଼ ଭାରତ ଜିଡିପି

୨୦୧୯ ଡାଟା ମୁତାବକ ପର୍ଚେଜିଂ ପାୱାର ପ୍ୟାରିଟି(ପିପିପି)ରେ ବାଂଲାଦେଶଠାରୁ ଭାରତର ଜିଡିପି ପ୍ରାୟ ୧୧ ଗୁଣ ଅଧିକ। ଆଇଏମ୍ଏଫ୍‌ର ମୁଣ୍ଡପିଛା ଜିଡିପି ସଂକ୍ରାନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ଜଣେ ବରିଷ୍ଠ ସରକାରୀ ଅଧିକାରୀ ଏଭଳି ମତ ପ୍ରକାଶ କରିଛନ୍ତି। ସେହିଭଳି ଆଇଏମ୍ଏଫ୍‌ର ଆକଳନକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ସରକାର ଗତ ୬ ବର୍ଷ ମଧ୍ୟରେ କିଭଳି ବଡ ସଫଳତା ପାଇଛନ୍ତି ତାହା ଏବେ ଦେଖାଯାଉଛି। ଭାଜପାର ଘୃଣାପୂର୍ଣ୍ଣ ସାଂସ୍କୃତିକ ଜାତୀୟତାବାଦ ଯୋଗୁ ବାଂଲାଦେଶ ଭାରତକୁ ମୁଣ୍ଡ ପିଛା ଜିଡିପିରେ ଟପିବାକୁ ଯାଉଛି।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟରେ ୩,୧୩୬ ...

ତେବେ ଷ୍ଟାର୍ଟଅପ୍ କ୍ଷେତ୍ରରେ ଓଡ଼ିଶା ଏକ 'ଅର୍ଲି ଷ୍ଟେଜ୍ ଇକୋସିଷ୍ଟମ୍' ରାଜ୍ୟ ହୋଇଥିବାରୁ ପରିସ୍ଥିତି ସୁଧୁରିବା ପରେ ଏହି ସଂସ୍ଥାଗୁଡ଼ିକର ପୁନରୁଦ୍ଧାର କରାଯାଇପାରିବ ବୋଲି ବିଶେଷଜ୍ଞ କହିଛନ୍ତି। ତେବେ ସେକ୍ଟର ଅନୁସାରେ ଷ୍ଟାର୍ଟଅପ୍‌ଗୁଡ଼ିକ ଉପରେ କୋଭିଡ୍-୧୯ ମହାମାରୀର ପ୍ରଭାବ ଅନୁଭୂତ ହୋଇଛି। ଟୁରିଜମ୍, ହସ୍ପିଟାଲିଟି ଏବଂ ଟ୍ରାନ୍ସପୋର୍ଟ ବା ପରିବହନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ଏପର୍ଯ୍ୟନ୍ତ ମଧ୍ୟ ସେମାନେ ଅଣ୍ଟା ସଳଖି ପାରିନାହାନ୍ତି। ଅପରପକ୍ଷରେ ରାଜ୍ୟର ଇ-କମର୍ସ, ଅନ୍‌ଲାଇନ୍ ଶିକ୍ଷା ଏବଂ ଆଇଟି ସେକ୍ଟର ଷ୍ଟାର୍ଟଅପ୍‌ଗୁଡ଼ିକ ଏବେ ପ୍ରାୟତଃ ପୂର୍ବସ୍ଥିତିକୁ ଫେରିଛନ୍ତି।

ଅନ୍ୟପକ୍ଷରେ ଟିଆଇଇ ରିପୋର୍ଟ ମୁତାବକ, ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ଦେଶରେ ପୁଞ୍ଜି ବିନିଯୋଗର ପରିମାଣ କମିଥିବାବେଳେ ଉଭୟ ଫଣ୍ଡିଂ ଓ ବିଜ୍‌ନେସ୍ ଡିଲ୍ କୋଭିଡ୍-୧୯ ପାଇଁ ପ୍ରଭାବିତ ହୋଇଥିଲା। ମାତ୍ର ୫୦%ରୁ କମ୍ ସଂଖ୍ୟକ ଷ୍ଟାର୍ଟଅପ୍ ସେମାନଙ୍କ ପ୍ରଥମ ପର୍ଯ୍ୟାୟ ଫଣ୍ଡ୍ କଷ୍ଟେମଷ୍ଟେ ଯୋଗାଡ଼ କରିପାରିଥିଲେ। ତେବେ ବିଟୁସି(ବିଜ୍‌ନେସ୍ ଟୁ କଞ୍ଜ୍ୟୁମର୍) ଷ୍ଟାର୍ଟଅପ୍ ସଂସ୍ଥାଗୁଡ଼ିକ ପାଇଁ ଲକ୍‌ଡାଉନ ପରେ ପାଣ୍ଠି ଯୋଗାଡ଼ କରିବା ସହଜ ନ ଥିଲା। ୨୦୨୦ ପ୍ରଥମ ତ୍ରୈମାସିକ ଅପେକ୍ଷା ଦ୍ୱିତୀୟ ତ୍ରୈମାସିକରେ ୫୦% କମ୍ ପୁଞ୍ଜି ବିନିଯୋଗ ଦେଖିବାକୁ ମିଳିଥିଲା। ନିବେଶକାରୀମାନେ ବଡ଼ ବଡ଼ ଷ୍ଟାର୍ଟଅପ୍‌ରେ ପୁଞ୍ଜି ନିବେଶ ପାଇଁ ଆଗ୍ରହ ଦେଖାଉଥିବାରୁ ଛୋଟ ବା ନୂଆକରି ଆରମ୍ଭ ହୋଇଥିବା ଷ୍ଟାର୍ଟଅପ୍‌ର ପାଣ୍ଠି ୩୦% କମିଥିବା ଏହି ରିପୋର୍ଟରେ କୁହାଯାଇଛି। ଏଣ୍ଟରପ୍ରାଇଜ୍ ଟେକ୍, ବିଏଫ୍ଏସ୍ଆଇ, ହେଲ୍‌ଥକେୟାର ଏବଂ ଏଡ୍‌ଟେକ୍‌ରେ ଦ୍ୱିତୀୟ ତ୍ରୈମାସିକରେ ମାତ୍ର ୬୦-୬୫% ଫଣ୍ଡିଂ ଯୋଗାଡ଼ କରିଥିଲେ। ଏବେ ପରିସ୍ଥିତି ସୁଧୁରୁଥିବାରୁ ଚଳିତ ଆର୍ଥିକବର୍ଷରେ ୮ଟି ବଡ଼ ଷ୍ଟାର୍ଟଅପ୍ ସଂସ୍ଥା ଭାରତରେ ପ୍ରତିଷ୍ଠା ହେବାର ସମ୍ଭାବନା ରହିଛି। ସେହିଭଳି ୨୦୨୫ ସୁଦ୍ଧା ଭାରତରେ ୧୦୦ଟି ୟୁନିକର୍ନ ବା ବଡ଼ ଷ୍ଟାର୍ଟଅପ୍ ଏବଂ ୬୦ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ଷମ ଷ୍ଟାର୍ଟଅପ୍‌ର ଆକଳନ କରାଯାଇଛି।

### ଅନିୟମିତ ବର୍ଷା...

ନେଇ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଅନିୟମିତ ବର୍ଷା ଯୋଗୁ ଫସଲରେ ପୋକ ଲାଗୁଛି। ଏଥିଯୋଗୁ ଅଧିକ କୀଟନାଶକ ବ୍ୟବହାର ହେଉଛି। ଏହାଦ୍ୱାରା ଫସଲ ଉତ୍ପାଦନ ହ୍ରାସ ପାଇବା ସହ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି। କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଦେଶରେ ୫୧ ପ୍ରତିଶତ ଜମି ବର୍ଷା ଉପରେ ନିର୍ଭର କରେ, ଯାହା କି ଦେଶର ସମୁଦାୟ ଖାଦ୍ୟଶସ୍ୟ ୪୦ ପ୍ରତିଶତ ଉତ୍ପାଦନ ହୋଇଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ଏହା ଉପରେ ପ୍ରଭାବ ପଡିବା ଆଶଙ୍କା ଅଧିକ ରହିଛି। ଜାତିସଂଘ ରିପୋର୍ଟରେ କୁହାଯାଇଛି, ଗତ ଦୁଇ ଦଶନ୍ଧି ମଧ୍ୟରେ ମୌସୁମୀ ବର୍ଷାର ଅନିୟମିତତା ଯୋଗୁ ବିଶ୍ୱରେ ୭୦ ପ୍ରତିଶତ ଚାଷ ପ୍ରଭାବିତ ହେବା ସହ ୧.୩ ବିଲିୟନ ଲୋକଙ୍କ ଉପରେ ଏହାର ପ୍ରଭାବ ପଡିଛି। ୟୁଏନ୍‌ଡିଆରଆର ରିପୋର୍ଟ ଅନୁଯାୟୀ, ୨୦୦୦ରୁ ୨୦୧୯ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଯୋଗୁ ୦.୫୧ ନିୟୁତ ଲୋକଙ୍କର ଜୀବନ ଯାଇଥିବା ବେଳେ ୩.୯ ବିଲିୟନ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଏହି ସମୟରେ ପ୍ରାକୃତିକ ବିପର୍ଯ୍ୟୟ ପରିମାଣ ମଧ୍ୟ ଦୁଇଗୁଣ ବୃଦ୍ଧି ପାଇଛି। ୧୯୮୦ରୁ ୧୯୯୯ ମଧ୍ୟରେ ସମଗ୍ର ବିଶ୍ୱରେ ୩୬୫୬ ପ୍ରାକୃତିକ ବିପର୍ଯ୍ୟୟ ହୋଇଥିବା ବେଳେ ୨୦୦୦ରୁ ୨୦୧୯ ମଧ୍ୟରେ ୬ ହଜାର ୬୮୧ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଏଥିଯୋଗୁ କେବଳ ଭାରତ ଓ ଚାଇନାରେ ୨.୮ ବିଲିୟନ ଲୋକ ପ୍ରଭାବିତ ହୋଇଛନ୍ତି। ଗତ ଦୁଇ ଦଶନ୍ଧି ମଧ୍ୟରେ ପ୍ରତ୍ୟେକ ବର୍ଷ ୨୦୦ ନିୟୁତ ଲୋକ ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରଭାବିତ ହୋଇଛନ୍ତି। ବର୍ଷା ନ ହେବାରୁ ୧.୪ ବିଲିୟନ ଲୋକ ମରୁଡିର ସମ୍ମୁଖୀନ ହୋଇଛନ୍ତି। ବର୍ଷା ଅଭାବରୁ ଜଳ ସଙ୍କଟ ସୃଷ୍ଟି ହେବା ସହ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଛନ୍ତି। ଦାରିଦ୍ର୍ୟ, କ୍ଷୁଧା ଭଳି ସମସ୍ୟା ସୃଷ୍ଟି ହେବା ଯୋଗୁ ତାହା ଦୀର୍ଘ ସମୟ ଧରି ଅର୍ଥନୈତିକ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିଥିବା ରିପୋର୍ଟରେ କୁହାଯାଇଛି।

### ଓଡ଼ିଶାରେ ଖାଲିପଡ଼ିଛି ୭୫୯ ...

ଖାଲି ପଡ଼ିଛି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟରେ ଖାଲି ଥିବା ଅଧ୍ୟାପକ ପଦବୀ ପାଇଁ ଚୟନ ପ୍ରକ୍ରିୟା ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ସମ୍ପାଦନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ସାମୂହିକ ଚୟନ ପ୍ରକ୍ରିୟା ନିକଟ ଭବିଷ୍ୟତରେ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପଟେ ରାଜ୍ୟର ଏହି ୧୦ ବିଶ୍ୱବିଦ୍ୟାଳୟରେ କେବଳ ଅଧ୍ୟାପକ ନୁହେଁ, ଅଣଶିକ୍ଷକ ପଦବୀ ମଧ୍ୟ ଖାଲି ପଡ଼ିଛି। ଏ ସମସ୍ତ ବିଶ୍ୱବିଦ୍ୟାଳୟ ପାଇଁ ମୋଟ ୨,୭୯୫ ଅଣଶିକ୍ଷକ ପଦବୀ ଅନୁମୋଦନ ହୋଇଥିବାବେଳେ ସେଥିରୁ ମାତ୍ର ୧,୧୭୦ ପୂରଣ ହୋଇଛି ଓ ୧,୬୨୫ ପଦବୀ ଖାଲି ପଡ଼ିଛି। ସେଥିମଧ୍ୟରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ୬୩୦ ପଦବୀ ଖାଲି ପଡ଼ିଛି। ଏହାପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ୩୯୨, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୧୪, ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୧୩୫, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୯୦, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ୪୯, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୪୮, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୩୦, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୨୫ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୧୨ଟି ଅଣଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହି ପଦବୀ ପୂରଣ ନିମନ୍ତେ ଚୟନ ପ୍ରକ୍ରିୟା ଚାଲିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଦୁଇଟି ବିଶ୍ୱବିଦ୍ୟାଳୟରେ ସରକାରୀ କଲେଜରୁ ସାମୟିକ ଭାବେ ୬୦ଜଣ ଅଧ୍ୟାପକ ଓ ୮୩ ଅଣଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ସେଥିମଧ୍ୟରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୨୭ ଅଧ୍ୟାପକ ଓ ୩୬ ଅଣଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୨୭ ଅଧ୍ୟାପକ ଓ ୩୬ ଅଣଶିକ୍ଷକଙ୍କୁ ନିୟୋଜିତ କରାଯାଇଥିବା ସୂଚନା ମିଳିଛି।

### ୨ ସୁଦ୍ଧା ଚକ୍ରବୃଦ୍ଧି ସୁଧ ...

ଉପରେ ନିର୍ଭର କରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨ରେ ହେବ। ଚକ୍ରବୃଦ୍ଧି ସୁଧ ଛାଡ ହେଲେ ସରକାରଙ୍କୁ ୬,୫୦୦ କୋଟି ଟଙ୍କାର ବୋଝ ସହିବାକୁ ପଡିବ ବୋଲି ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର ସୂଚନା ଦେଇଥିଲେ। କୋଭିଡ୍-୧୯ ଯୋଗୁ ଲୋକମାନେ ଋଣ କିସ୍ତି ଶୁଝିବାରେ ସାମ୍ନା କରୁଥିବା ସମସ୍ୟାକୁ ଧ୍ୟାନରେ ରଖି ସରକାର ମୋରାଟୋରିୟମ ସୁବିଧା ଘୋଷଣା କରିଥିଲେ। ଏହି ସମୟରେ ବ୍ୟାଙ୍କଗୁଡିକ ସୁଧ ଉପରେ ସୁଧ ଲାଗୁ କରିବା ଦେଖାଯାଇଥିଲା। ଏଭଳି ବିଭିନ୍ନ ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି। ଏହା ଉପରେ ସର୍ବୋଚ୍ଚ ଅଦାଲତ ଶୁଣାଣି ଜାରି ରଖିଛନ୍ତି। ୨ କୋଟି ଟଙ୍କାର କମ୍ ଋଣ ଉପରେ ଚକ୍ରବୃଦ୍ଧି ସୁଧ ଭାର ବହନ କରିବାକୁ ପ୍ରସ୍ତୁତ ଥିବା ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ମୋରାଟୋରିୟମ ସୁବିଧା ନ ନେଇଥିଲେ ମଧ୍ୟ ଏଭଳି ସୁବିଧା ଦେବାକୁ ସରକାର ସ୍ପଷ୍ଟ କରିଛନ୍ତି। ମାତ୍ର ଘରୋଇ ବ୍ୟାଙ୍କଗୁଡିକ ଏପରି ପଦକ୍ଷେପ ନେଲେ କେତେ ପରିମାଣର ଭାର ପଡିବ ସେ ନେଇ ସରକାର କିଛି ସ୍ପଷ୍ଟ କରିନାହାନ୍ତି। ଏହାବାଦ ସରକାର ଡେଭେଲପମେଣ୍ଟ ଫାଇନାନ୍ସ କମିଶନ ଗଠନ ନେଇ ବର୍ତ୍ତମାନ ପ୍ରସ୍ତୁତି ଚଳାଇଛନ୍ତି। ଏହି ପ୍ରସ୍ତାବ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ଲାଗି ଶୀଘ୍ର ଆସିବ ବୋଲି ଜଣାପଡିଛି। ସେହିଭଳି ଋଣ ପୁନର୍ଗଠନ ନେଇ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବୁଧବାର ସ୍ପଷ୍ଟୀକରଣ ଦିଆଯାଇଛି। ମାର୍ଚ୍ଚ ୧ ସୁଦ୍ଧା ଏନ୍‌ପିଏ ହୋଇ ନ ଥିବା ଆକାଉଣ୍ଟଗୁଡିକୁ ଋଣ ପୁନର୍ଗଠନ ସୁବିଧା ଦିଆଯିବ ବୋଲି ଏହା ସ୍ପଷ୍ଟ କରିଛି।

### ସିବିଆଇ ମାଗିଲା ...

କରିବାକୁ ପ୍ରତିପକ୍ଷ ଆଇନଜୀବୀ ଅଦାଲତଙ୍କ ନିକଟରେ ଆବେଦନ କରିଥିଲେ। ଗତ ୬ତାରିଖରେ ସ୍ୱତନ୍ତ୍ର ଅଦାଲତ ବିଚାରପତି ଭାରତ ପରାସର ୧୯୯୯ରେ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ କୋଇଲା ରାଷ୍ଟ୍ରମନ୍ତ୍ରୀ ଥିବା ଦିଲୀପଙ୍କ ସମେତ କୋଇଲା ମନ୍ତ୍ରଣାଳୟର ତତ୍କାଳୀନ ଅତିରିକ୍ତ ସଚିବ ପ୍ରଦୀପ କୁମାର ବାନାର୍ଜୀ ଏବଂ ତତ୍କାଳୀନ ପ୍ରକଳ୍ପ ପରାମର୍ଶଦାତା ନିତ୍ୟାନନ୍ଦ ଗୌତମ, କାଷ୍ଟ୍ରନ୍ ଟେକ୍ନୋଲୋଜି ଲିମିଟେଡ(ସିଟିଏଲ୍)ର ନିର୍ଦ୍ଦେଶକ ମହେନ୍ଦ୍ର କୁମାର ଅଗ୍ରୱାଲ ଏବଂ କାଷ୍ଟ୍ରନ୍ ମାଇନିଂ ଲିମିଟେଡକୁ ଦୋଷୀ ସାବ୍ୟସ୍ତ କରିଥିଲେ। ସୂଚନାଯୋଗ୍ୟ, ୨୧ବର୍ଷ ତଳେ ଝାଡ଼ଖଣ୍ଡ ଗିରିଡିହସ୍ଥିତ ବ୍ରହ୍ମାଡିଆ କୋଇଲା ଖଣିକୁ କାଷ୍ଟ୍ରନ୍ ଟେକ୍ନୋଲୋଜି ଲିମିଟେଡ(ସିଟିଏଲ୍)କୁ ଆବଣ୍ଟନ କରାଯାଇଥିଲା। ଉକ୍ତ କୋଇଲା ଖଣି ଆବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ପ୍ରଥମେ ସେଣ୍ଟ୍ରାଲ୍ ଭିଜିଲାନ୍ସ କମିଶନ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏହି ମାମଲାର ତଦନ୍ତ ସିବିଆଇ କରିଥିଲା। ତଦନ୍ତ ଶେଷରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଦଫା ୧୨୦(ବି)(ଆପରାଧିକ ଷଡ଼ଯନ୍ତ୍ର), ୪୨୦(ଠକେଇ), ୪୦୯(ବିଶ୍ୱାସ ଭଙ୍ଗ) ଏବଂ ଦୁର୍ନୀତି ନିବାରଣ ଆଇନର ଦଫା ୧୩(୧)(ଡି)ରେ ଚାର୍ଜଶିଟ ଦାଖଲ କରିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମଭାବସ୍ଥ ଶନି ହେତୁ ଆପଣ କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ। ବିବାଦୀୟ ପରିସ୍ଥିତିରେ ଅନ୍ୟ ଲୋକମାନଙ୍କ ଆଗରେ ମୁଣ୍ଡ ନୁଆଁଇ ନ ପାରନ୍ତି। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ, ଯାହା କି ଆପଣଙ୍କୁ ସାମୟିକ ଆନନ୍ଦ ପ୍ରଦାନ କରିବ। ପ୍ରଶାସନ, ଆଇନ, ସଭା ସମିତି, ଆନୁଷ୍ଠାନିକ କାମ ଓ ବନ୍ଧୁ ମିଳନହେତୁକ ଖୁସୀ ରହିବେ।

**ବୃଷ**
ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସାମାଜିକ ସ୍ତରରେ ଲୋକାଭିମୁଖୀ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଅଭାବ ନ ଥିଲେ ମଧ୍ୟ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବ।

**ମିଥୁନ**
କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଅନୁରୋଧକ୍ରମେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। ଆତ୍ମୀୟମାନେ ଅସହଯୋଗ କରି ପାରନ୍ତି, ଯାହା କି ସାମୟିକ ସମସ୍ୟା ସୃଷ୍ଟି କରିବ। ଅସୁବିଧାରେ ପଡି ଅର୍ଥ ନେଇଥିବା ଲୋକଟି ଟଙ୍କା ଦେବାର ନାଁ ଧରିବ ନାହିଁ।

**କର୍କଟ**
ଆଜି ବନ୍ଧୁଙ୍କ କଥା ଓ କାର୍ଯ୍ୟକୁ ସମ୍ମତି ପ୍ରଦାନ ପରିପ୍ରେକ୍ଷୀରେ କାର୍ଯ୍ୟହାସଲ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢାଇବେ ଓ ସହାନୁଭୂତି ପ୍ରକାଶ କରିପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିବାର ଆଶଙ୍କା ରହିଛି।

**ସିଂହ**
ବିଭିନ୍ନ ଯୋଜନା ସମ୍ପର୍କୀୟ ଆଲୋଚନା, ଜମିଜମା କାରବାର ଏବଂ ଗାଡି ମୋଟର ମରାମତି ପ୍ରଭୃତି ସକାଶେ ବ୍ୟସ୍ତତା ବଢିଯିବ। ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ, ଯାହା କି ଆପଣଙ୍କ କାମକୁ ବହୁତ ପରିମାଣରେ ସାହାଯ୍ୟ କରିବ। ରାଜନୈତିକ ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା**
ଆଜି ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇ ଖୁସୀ ହେବେ। କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି। ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢିପାରେ। ବହୁତ ଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହୋଇଯିବ।

**ତୁଳା**
ଯେ କୌଣସି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବନ୍ଧୁମିଳନ ଅବକାଶରେ ସନ୍ତାନମାନଙ୍କ ବୈବାହିକ ପ୍ରସ୍ତାବର ଆଲୋଚନା କରିପାରନ୍ତି। ସଭାସମିତିରେ ଯୋଗ ଦେଇ ଲାଭବାନ ହେବେ ଓ ସମ୍ମାନ, ପ୍ରତିଷ୍ଠା ପାଇବେ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା**
ବହୁତ ଦିନର ଆଶା ପୂରଣ ହେବା କାରଣରୁ ମନ ଉତ୍ଫୁଲ୍ଲିତ ରହିବ। ଅନ୍ୟମାନଙ୍କର ଉଦ୍ଦେଶ୍ୟକୁ ବୁଝି ନ ପାରି ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ। କର୍ମକ୍ଷେତ୍ରର ପ୍ରତ୍ୟେକ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିପାରନ୍ତି।

**ଧନୁ**
ପରିବାର ମଧ୍ୟରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ। ସାଂଗଠନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇପାରନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳକୁ ଠିକ୍ ସମୟରେ ଯାଇ ପାରିବେ ନାହିଁ।

**ମକର**
ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଧନିଷ୍ଠା ନକ୍ଷତ୍ର ଜାତବ୍ୟକ୍ତିମାନଙ୍କର ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ**
ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଲାଭ କରି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ବାଣିଜ୍ୟ ଓ ବ୍ୟବସାୟରେ କିଛି ନା କିଛି ସମସ୍ୟା ଅବଶ୍ୟ ପରିଲକ୍ଷିତ ହେବ। ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଆତ୍ମୀୟମାନଙ୍କ ବେଖାତିର ମନୋଭାବ ଦୁଶ୍ଚିନ୍ତାକୁ ବଢାଇପାରେ।

**ମୀନ**
କର୍ମକ୍ଷେତ୍ରରେ ସହଯୋଗ ଭିତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହେବାର ଆଶଙ୍କାକୁ ଏଡାଇ ହେବନି। ପରିବାର ସକାଶେ ସେମାନେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି।

ଆଜି ଆଶ୍ୱିନ ମଳ କୃଷ୍ଣ ଚତୁର୍ଦ୍ଦଶୀ ଗୁରୁବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅକ୍ଟୋବର ୧୫ ତାରିଖ, ବିଶ୍ୱ ହାତଧୁଆ ଦିବସ, ବିଶ୍ୱ ଛାତ୍ର ଦିବସ, ପୂର୍ବତନ ରାଷ୍ଟ୍ରପତି ତଥା ପରମାଣୁର ଜନକ ଡକ୍ଟର ଏ.ପି.ଜେ. ଅବ୍‌ଦୁଲ କଲାମଙ୍କ ଜୟନ୍ତୀ, ଶିରିଡି ସାଇବାବାଙ୍କ ମହାପ୍ରୟାଣ ଦିବସ,(୧୫।୧୦।୧୯୧୮),ରାଶିନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/କନ୍ୟା,ବୃଷ ରାଶିର ଘାତଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୪ମି.ଗତେ ଘ.୦୭.୧୭ମି. ମଧ୍ୟେ, ଘ.୦୧.୨୮ମି.ଗତେ ଘ.୦୩.୦୦ମି.ମଧ୍ୟେ, ସନ୍ଧ୍ୟା ଘ.୦୬.୦୯ମି. ଗତେ ଘ.୦୯.୨୮ମି. ମଧ୍ୟେ, ରାତ୍ରି ଘ.୧୧.୫୭ମି. ଗତେ ଘ.୦୩.୧୬ମି. ମଧ୍ୟେ, ରାତ୍ରି ଘ.୦୪.୦୫ମି.ଗତେ ଘ.୦୫.୪୫ମି.ମଧ୍ୟେ ଅମୃତବେଳା।


# classifieds Everyday
**0674-2580101, 2549302**




**SALE**

ପୁରୀ ଭିଆଇପି ରୋଡରେ ୧୦ଡିସିମିଲି ଖଜୁରିଆ ୧୧୬, ଶୁକଳ ୫୦ ଏକର ଜମି ବିକ୍ରିହେବ। 8018702198 D-69026

BDA yellowzone commercial/residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477. D-69167

Bhubaneswar ସୁନ୍ଦରପଦାରେ 1200sqft. plot 11,40,000/- କିଣି ଘର କରନ୍ତୁ। 9938016295. D-69183

Well developed 30'road, ଘରବାରି, boundary, ଇଲେକ୍‌ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner-9437033320. D-69181

Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321. D-69166




Godown space available near Puri bypass area 18000/-, open space 15000/-. 9938125254 D-18598




Newly open SPA centre smart therapist full body massage: 7205187702. D-59966

Swarna SPA newly open positively health benefits with expert therapist. 7873794731. D-69776

Get refreshment body massage by expert therapist contact for 7205084157. D-69777

Newly open SPA centre smart therapist full body massage: 7846814019. D-59967

Herbal full body massage by smart / expert therapist. Contact: 8338067247. D-69775

Newly open SPA centre smart therapist full body massage: 8114970372. D-59968

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69778

Newly open full body massage SPA in Bhubaneswar. Contact: 7205058838. D-69779

Rejuvenate and Ayurvedic full body massage by smart therapist. 9348123330. D-69780

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**

By an affidavit before the Executive Magistrate, Sadar, Sundargarh I, Nilabati Khuntia, W/o. Narendra Khuntia, R/o. Petford, Badgaon, Dist. Sundargarh declared that my actual name is Nilabati Khuntia but in LIC policy vide No. 591367058 my name has been wrongly mentioned as Subasini Khuntia instead of Nilabati Khuntia. That both the names relates to the one and same person. D-18605

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଗୁରୁବାର, ୧୫ ଅକ୍ଟୋବର, ୨୦୨୦



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୮୫,୮୯,୬୭୪ | ୧୦,୯୩,୮୮୫ | ୨,୮୯,୯୭,୯୦୮ |
| ଭାରତ | ୭୩,୦୧,୮୦୪ | ୧,୧୧,୨୬୨ | ୬୩,୭୬,୮୬୩ |
| ଓଡ଼ିଶା | ୨,୫୯,୫୪୧ | ୧୦୭୨(+୫୩) | ୨,୩୫,୭୬୩ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ବିଶ୍ୱ ଛାତ୍ର ଦିବସ




# ରାଜ୍ୟରେ ୨୨,୬୫୩ ସକ୍ରିୟ ଆକ୍ରାନ୍ତ

## ଆଉ ୨୬୦୪ ଚିହ୍ନଟ, ୨୭୭୫ ସୁସ୍ଥ, ୧୫ ମୃତ

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। ଏଥିସହ ଆରୋଗ୍ୟ ହାର ଅଧିକ ରହୁଥିବାରୁ ଏବେ ସକ୍ରିୟ ରୋଗୀ ସଂଖ୍ୟା ମଧ କମୁଛି। ଶେଷ ୨୪ଘଣ୍ଟାରେ ଆଉ ୨,୬୦୪ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨,୭୭୫ ଆକ୍ରାନ୍ତ ଆରୋଗ୍ୟ ଲାଭ କରିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୨,୫୯,୫୪୧ରେ ପହଞ୍ଚିଥିବାବେଳେ ଆରୋଗ୍ୟ ସଂଖ୍ୟା ୨,୩୫,୭୬୩କୁ ବୃଦ୍ଧି ପାଇଛି। ବର୍ତ୍ତମାନ ରାଜ୍ୟରେ ଆଉ ମାତ୍ର ୨୨,୬୫୩ ସକ୍ରିୟ ରୋଗୀ ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି।

ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୩୮୫ଜଣ ଥିବାବେଳେ ଅନୁଗୋଳରୁ ୨୧୬, କଟକ ୨୦୯, ସୁନ୍ଦରଗଡ଼ ୧୮୬, ବାଲେଶ୍ୱର ୧୬୪, ମୟୂରଭଞ୍ଜ ୧୨୨ ଓ ଯାଜପୁର ଜିଲ୍ଲାରୁ ୧୧୩ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ସଂକ୍ରମିତ ଶହେ ତଳକୁ ରହିଥିବାବେଳେ ଗଜପତିରେ ସର୍ବନିମ୍ନ ୮ଜଣ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ରାଜ୍ୟରେ ଆଉ ୧୫ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। କଟକରୁ ସର୍ବାଧିକ ୩ଜଣ ରହିଥିବାବେଳେ ବୌଦ୍ଧ, ଖୋର୍ଦ୍ଧା, ଗଞ୍ଜାମ, କଳାହାଣ୍ଡି, ରାୟଗଡ଼ା, କେନ୍ଦ୍ରାପଡ଼ା, କନ୍ଧମାଳ, ମୟୂରଭଞ୍ଜ, ସୁନ୍ଦରଗଡ଼, ପୁରୀ, ଯାଜପୁର ଓ ବାଲେଶ୍ୱରରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧,୦୭୨କୁ ବୃଦ୍ଧି ପାଇଛି। ଗଞ୍ଜାମରେ ସର୍ବାଧିକ ୨୨୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏହା ତଳକୁ ଖୋର୍ଦ୍ଧାରେ ୧୮୦, କଟକ ୯୧, ପୁରୀ ୭୨, ବାଲେଶ୍ୱର ୬୦, ସୁନ୍ଦରଗଡ଼ ୫୦ଜଣ ପ୍ରାଣ ହରାଇ ସାରିଲେଣି। ଅନ୍ୟସବୁ ଜିଲାରେ ମୃତକଙ୍କ ସଂଖ୍ୟା ଏହାଠାରୁ କମ୍ ରହିଥିବାବେଳେ ନୂଆପଡ଼ା ଓ ଦେବଗଡ଼ରେ ସର୍ବନିମ୍ନ ଜଣେ ଲେଖାଏ ମରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି।

## ୨ ନୂଆ କୋଭିଡ୍ ହସ୍ପିଟାଲ ନେଇ ଖୁସିବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାର କରୋନା ରୋଗୀଙ୍କ ଚିକିତ୍ସାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍ସାର)ରେ ୨୦ ଆଇସିୟୁ ଶଯ୍ୟା ସହିତ ୧୨୦ ଶଯ୍ୟା ବିଶିଷ୍ଟ ଏବଂ କୋରାପୁଟର ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ଓ ହସ୍ପିଟାଲରେ ୭୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି ଯେ, ଏହି ଦୁଇ ସ୍ୱାସ୍ଥ୍ୟାନୁଷ୍ଠାନରେ ସ୍ଥାନୀୟ ଅଞ୍ଚଳର ଜଟିଳ କରୋନା ରୋଗୀଙ୍କ ଚିକିତ୍ସା କରାଯାଇପାରିବ। ଏହା କୋଭିଡ୍-୧୯ ବିରୋଧରେ ଆମର ସଂଗ୍ରାମକୁ ସଶକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ଶିକ୍ଷକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

## ୪ .୯୩ କୋଟିର ସମ୍ପତ୍ତି ଠାବ

**ବ୍ରହ୍ମପୁର ଅଫିସ,୧୪।୧୦:** ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ବୈକୁଣ୍ଠନଗରରେ ଥିବା ଜଣେ ଶିକ୍ଷକଙ୍କ ଘରେ ବୁଧବାର ଚଢାଉ କରିଛି। ଖାଡ଼ାଙ୍କୋଲି ଯଶୋଦା ହାଇସ୍କୁଲର ହିନ୍ଦୀ ଶିକ୍ଷକ ଭୁବନାନନ୍ଦ ସାହୁଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗ ବୈକୁଣ୍ଠନଗର ଦ୍ୱିତୀୟ ଲାଇନ୍ ଘର, ବ୍ରହ୍ମାନଗରସ୍ଥିତ ଘର, କୋଟଲିଙ୍ଗିରେ ଥିବା ପୈତୃକ ଘର, ଚିକିଟି ଲକ୍ଷ୍ମୀପୁରସ୍ଥିତ ଘରୋଇ ସ୍କୁଲ, ଯଶୋଦା ହାଇସ୍କୁଲ ଅଫିସରେ ଏକକାଳୀନ ଚଢ଼ାଉ କରିଥିଲା। ଯାଞ୍ଚ ପରେ ଶିକ୍ଷକ ସାହୁ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ମୋଟ ୪କୋଟି ୯୩ ଲକ୍ଷ ୯୭ ହଜାର ୨୪୪ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ବିଭାଗ ଠାବ କରିଛି। ସମ୍ପତ୍ତି ମଧ୍ୟରେ ବ୍ରହ୍ମାନଗରରେ ୫ମହଲା, ବୈକୁଣ୍ଠନଗରରେ ୩ମହଲା ଘର, ଗୋପାଳପୁରରେ ଫ୍ଲାଟ୍, ୧୦ ଜମି, ଭୁବନେଶ୍ୱର ଓ ପୁରୀରେ ଆପାର୍ଟମେଣ୍ଟ ଆଦି ରହିଛି। ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ବ୍ୟାଙ୍କ ଜମା ରହିଥିବା ଜଣାପଡ଼ିଛି।


ଭୁବନାନନ୍ଦ ସାହୁ

# ଆର୍‌ଏମ୍‌ସି କ୍ୟାଶିୟରଙ୍କ ଘରେ ଚଢ଼ାଉ

**ନବରଙ୍ଗପୁର,୧୪।୧୦(ବି.ପ୍ର.):** ଆୟ ବହର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) କ୍ୟାଶିୟର ଅଶୋକ କୁମାର ନନ୍ଦ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ନବରଙ୍ଗପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ବୁଧବାର ନନ୍ଦଙ୍କ ଇଛାବତୀଗୁଡ଼ା ଏବଂ ଭାଟିଶାଳଗୁଡ଼ାସ୍ଥିତ ୨ମହଲା ଘର ଏବଂ ଆର୍‌ଏମ୍‌ସି କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ୧ କୋଟି ୨୫ ଲକ୍ଷ ୬୩ ହଜାର ୭୧୩ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏଥିରେ ୨ଟି ଦୁଇ ମହଲା ଘର, ୧୪ ପ୍ଲଟ୍, ୪ଟି ଚାରି ଚକିଆ ଯାନ, ଟ୍ରାକ୍ଟର, ୫ ଦୁଇ ଚକିଆ ଯାନ, ଯାନ ବାହନ ପଞ୍ଜୀକରଣ ଫି ବାବଦକୁ ୨ ଲକ୍ଷ ୩୩ ହଜାର ୪ଶହ ଟଙ୍କା, ବିଭିନ୍ନ ବ୍ୟାଙ୍କରେ ଜମା ଓ ବୀମା ପଲିସି ଏବଂ ସୁନା ଓ ରୂପା ଅଳଙ୍କାର, ଘରୋଇ ଆସବାବପତ୍ର ଅନ୍ତର୍ଭୁକ୍ତ।


ଅଶୋକ ନନ୍ଦ

# ଦକ୍ଷତା ବୃଦ୍ଧି ବାବଦକୁ ୨୦୫ କୋଟି ମଞ୍ଜୁର

## ରାଜ୍ୟସ୍ତରୀୟ କାର୍ଯ୍ୟ ନିର୍ବାହୀ ପରିଷଦ ବୈଠକ

### ବିପର୍ଯ୍ୟୟ ପରିଚାଳନାରେ ଦକ୍ଷତା ବୃଦ୍ଧିକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

ଚଳିତ ଆର୍ଥିକ ବର୍ଷରେ ଦକ୍ଷତା ବୃଦ୍ଧି ଓ ବୈଷୟିକ ଯନ୍ତ୍ରପାତି କ୍ରୟ ବାବଦରେ ମଞ୍ଜୁର ପରିମାଣ ୨୦୫.୨୧ କୋଟିକୁ ବୃଦ୍ଧି କରାଯାଇଛି। ବୁଧବାର ଲୋକସେବା ଭବନରେ ଡିଜିଟାଲ ମୋଡରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନୁସନ୍ଧାନ, ଉଦ୍ଧାର, ଜୀବନ ରକ୍ଷାକାରୀ ଯନ୍ତ୍ରପାତି ଓ ଦକ୍ଷତା ବୃଦ୍ଧି ବାବଦରେ ଏହି ଅର୍ଥ ମଞ୍ଜୁର କରାଯାଇଛି। ରାଜ୍ୟରେ ଥିବା ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀର ରକ୍ଷଣାବେକ୍ଷଣ ଓ ମରାମତି ବିଷୟରେ ବୈଠକରେ ଆଲୋଚନା ହୋଇଛି। ୨୫ ଜିଲାର ୮୧୪ ଆଶ୍ରୟସ୍ଥଳୀ ମଧ୍ୟରୁ ଆବଶ୍ୟକ ପଡୁଥିବା ୭୯୫ର ମରାମତି କାର୍ଯ୍ୟ ସରିଛି। ଏବେ ଏବାବଦରେ ୪୫ କୋଟି ଟଙ୍କା ବିନିଯୋଗ କରାଯାଇଛି। ଓଡ୍ରାଫ୍ ଏବଂ ଫାୟାର ସର୍ଭିସ୍ ଟିମ୍‌ଗୁଡିକ ପଡୋଶୀ ରାଜ୍ୟରେ ଉଚ୍ଚମାନର ସେବା ପ୍ରଦାନ କରି ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବାରୁ ମୁଖ୍ୟ ଶାସନ ସଚିବ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଫାୟାର ସର୍ଭିସ୍ ୟୁନିଟ୍‌ର କାର୍ଯ୍ୟ ପରିସରକୁ ଅଧିକ ସମ୍ପ୍ରସାରିତ କରି ସେମାନଙ୍କୁ ବହୁମୁଖୀ ବିପର୍ଯ୍ୟୟର ପ୍ରଥମ ସାହାଯ୍ୟକାରୀ ଭାବେ ଗଢ଼ି ତୋଳିବାକୁ ଗୃହ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ବିପର୍ଯ୍ୟୟ ପରିଚାଳନାରେ ଅନ୍ତର୍ଜାତିକ ସ୍ୱୀକୃତି ମିଳିବା ପରେ ରାଜ୍ୟର ଦକ୍ଷତା ଅଭିବୃଦ୍ଧିରେ ନୂତନ ପ୍ରଯୁକ୍ତି କୌଶଳ ଓ ଯନ୍ତ୍ରପାତି ପ୍ରୟୋଗ ଲାଗି ମୁଖ୍ୟ ଶାସନ ସଚିବ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିପର୍ଯ୍ୟୟ ମୁକାବିଲା ସଂସ୍ଥାଗୁଡିକୁ ଅଧିକ ସଶକ୍ତ ଓ ଦକ୍ଷ କରିବା ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ନୂତନ ବୈଷୟିକ ଜ୍ଞାନ କୌଶଳ ଓ ଯନ୍ତ୍ରପାତିର ପ୍ରୟୋଗ ଉପରେ ଉପସ୍ଥିତ ସଦସ୍ୟମାନେ ଗୁରୁତ୍ୱ ଆରୋପ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ପାଇଁ ଓଡ୍ରାଫ୍, ଫାୟାର୍ ସର୍ଭିସ୍ ଓ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରତିଷ୍ଠାନ ଆଦିରୁ ବୈଷୟିକ ଯନ୍ତ୍ରପାତି ବାବଦରେ ମିଳିଥିବା ପ୍ରାୟ ୫୫.୨୨ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି।

# ୨୪ ଘଣ୍ଟା ମଧ୍ୟରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ):** ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଉତ୍ତର ଆନ୍ଧ୍ର ଉପକୂଳରେ ଏକ ଟ୍ରପ ଲାଇନ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳ, ଅନୁଗୋଳ, ଖୋର୍ଦ୍ଧା, ନୟାଗଡ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଏବଂ ରାୟଗଡା ଜିଲାର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ବାଲେଶ୍ୱର, ଭଦ୍ରକ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରପଡା, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂଭରଞ୍ଜ, ସମ୍ବଲପୁର, ଦେବଗଡ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୪୮ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୧୭ ମି.ମି., ଭୁବନେଶ୍ୱରରେ ୪୪, ଦାରିଙ୍ଗବାଡି ୭୪ ଓ ନୟାଗଡରେ ୧୭.୩ ମି.ମି. ବର୍ଷା ରେକର୍ଡ କରାଯାଇଛି।

LIC
LIFE INSURANCE CORPORATION OF INDIA
**ଭାରତୀୟ ଜୀବନ ବୀମା ନିଗମ**
**କେନ୍ଦ୍ରୀୟ କାର୍ଯ୍ୟାଳୟ**

**ସୂଚନା ଦିଆଯାଉଛି ଅବସରପ୍ରାପ୍ତ ପାର୍ଟ-ଟାଇମ୍ କର୍ମଚାରୀ/ କନ୍‌ଭର୍ଟେଡ୍ ଫୁଲ୍-ଟାଇମ୍ କର୍ମଚାରୀ ଏବଂ ମୃତ ରେଗୁଲାର୍ ପାର୍ଟ-ଟାଇମ୍ କର୍ମଚାରୀ/କନ୍‌ଭର୍ଟେଡ୍ ଫୁଲ୍-ଟାଇମ୍ କର୍ମଚାରୀଙ୍କ ପରିବାରବର୍ଗଙ୍କୁ**

ନିର୍ଣ୍ଣୟ ନିଆଯାଇଛି ଯେ ଏଲଆଇସି ଅଫ ଇଣ୍ଡିଆ (ରେଗୁଲାର୍ ପାର୍ଟ-ଟାଇମ୍ ଏମ୍ପ୍ଲୟୀଜ୍) ପେନସନ ସ୍କିମ୍, 1999 ରେ ଯୋଗ ଦେବାର ବିକଳ୍ପ କାର୍ଯ୍ୟକାରୀ କରିବା ପାଇଁ, 03.11.1999 ରେ ଅଣାଯାଇଥିବା ପେନସନ ସ୍କିମ୍ ରେ ଯୋଗଦେବାକୁ ଯୋଗ୍ୟ ଥିବା ସେ ସମସ୍ତ ରିଟାୟର୍ଡ ରେଗୁଲାର୍ ପାର୍ଟ-ଟାଇମ୍ ଏମ୍ପ୍ଲୟୀଜ୍/କନ୍‌ଭର୍ଟେଡ୍ ଫୁଲ୍-ଟାଇମ୍ ଏମ୍ପ୍ଲୟୀଜ୍ ବା ମୃତ ରେଗୁଲାର୍ ପାର୍ଟ-ଟାଇମ୍ ଏମ୍ପ୍ଲୟୀଜ୍/କନ୍‌ଭର୍ଟେଡ୍ ଫୁଲ୍-ଟାଇମ୍ ଏମ୍ପ୍ଲୟୀଜ୍ ଙ୍କ ପରିବାର ସଦସ୍ୟ ତଥା ଏଲଆଇସି ଅଫ ଇଣ୍ଡିଆ (ରେଗୁଲାର୍ ପାର୍ଟ-ଟାଇମ୍ ଏମ୍ପ୍ଲୟୀଜ୍) ପେନସନ ସ୍କିମ୍, 1999 ର ପାରା 4 ଅନୁସାରେ ପେନସନ ପାଇଁ ନିଜ ଅଧିକାର ଛାଡ଼ିଦେବାର ବିକଳ୍ପ ନେଇଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଆଉ ଏକ ସୁଯୋଗ ଦିଆଯିବ। ଆମ ୱେବସାଇଟ୍ https://licindia.in/Bottom-links/RTI/LIC-of-India-(Regular-Part-time-Employees)-Pension ଦେଖନ୍ତୁ କିମ୍ବା ବିଶଦ ବିବରଣୀ ଓ ଅପ୍‌ସନ୍ ଫର୍ମ ପାଇଁ ପାଖ ଶାଖା/ମଣ୍ଡଳ/ଜନାଲ କାର୍ଯ୍ୟାଳୟ କୁ ସମ୍ପର୍କ କରନ୍ତୁ।

ଏକ୍‌ଜିକ୍ୟୁଟିଭ ଡିରେକ୍ଟର (ପର୍ସନେଲ)



ଯଦି ମୃତ୍ୟୁ ନ ଥାନ୍ତା -ତେବେ ଅମରତ୍ୱ ନ ଥାନ୍ତା। ଯଦି ହିଂସ୍ରତା ନ ଥାନ୍ତା ତେବେ ଆନନ୍ଦ ହୋଇଥାନ୍ତା କ୍ଷୀଣ ପୁଲକ ମାତ୍ର ! ଯଦି ଅଜ୍ଞାନ ନ ଥାନ୍ତା- ତେବେ ଆମର ଚରମ ସିଦ୍ଧି ଏକ ସୀମାବଦ୍ଧ ଯୌକ୍ତିକତା ଓ ବ୍ୟାବହାରିକ ବିଜ୍ଞତା ଛାଡି ଆଗକୁ ଯାଇ ପାରନ୍ତା ନାହିଁ। -ଶ୍ରୀଅରବିନ୍ଦ

# କ୍ଷୀରପାନକୁ ନେଇ ଦ୍ୱନ୍ଦ୍ୱ



ମାନେକା ଗାନ୍ଧୀ

କ୍ଷୀର ପିଇବା ପରମ୍ପରା ଶ୍ରୀକୃଷ୍ଣଙ୍କଠାରୁ କିମ୍ବା ବେଦରୁ ଆମ ପାଖକୁ ଆସିନାହିଁ, ଆସିଛି ଇଂରେଜମାନଙ୍କଠାରୁ। ରାବିଡି କ୍ଷୀରପାନ ସଂସ୍କୃତିକୁ ସେମାନେ ଭାରତକୁ ଆଣିଛନ୍ତି। ସେମାନେ ଭାରତରେ ପ୍ରଥମେ ଡାଇରୀ ଫାର୍ମ ଆରମ୍ଭ କରି ଏହାକୁ ଅତ୍ୟଧିକ ପ୍ରୋତ୍ସାହିତ କରିଥିଲେ। ପରେ ଆମ ସରକାର ଏହାକୁ ଆଗକୁ ନେଇ ଲୋକମାନଙ୍କ ମନରେ ଏହି ସଂସ୍କୃତିକୁ ଭରିଦେଲେ। କ୍ଷୀରକୁ ପବିତ୍ର କହି ତାହାକୁ ଏକ ଧାର୍ମିକ ସଂଜ୍ଞା ଦେବା ସହ ପ୍ରଚାର କରାଗଲା ଯେ ଏହା କ୍ୟାଲସିୟମ ଏବଂ ପ୍ରୋଟିନ୍‌ରେ ଭରପୂର,ଏହା ପିଲାଙ୍କ ପାଇଁ ଅତି ଦରକାରୀ ଖାଦ୍ୟ ଓ ଦିନକୁ ସେମାନେ ଅତିକମ୍‌ରେ ତିନିବେଳା ପିଇବା ଦରକାର। 'କ୍ଷୀର ସ୍ୱାସ୍ଥ୍ୟ ପାଇଁ ଉତ୍ତମ' କୁହାଯାଉଛି ହେଲେ ଖାଦ୍ୟ ଭାବେ କ୍ଷୀର ଏହି ଗୁଣବତ୍ତାର ଅଧିକାରୀ କି ? ଏବେ ବୈଜ୍ଞାନିକମାନେ ଏହାକୁ ଅସ୍ୱୀକାର କରିବା ସହ ସେମାନଙ୍କ ପୂର୍ବ ମତ ବଦଳାଇଛନ୍ତି। ବିଶ୍ୱର ପ୍ରମୁଖ ମେଡିକାଲ ମାଗାଜିନ 'ଦି ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିସିନ'ରେ ଫେବୃୟାରୀ ୨୦୨୦ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ହାୱାର୍ଡସ୍ଥିତ ଟି.ଏଚ୍. ଚାନ୍ ସ୍କୁଲ୍ ଅଫ୍ ପବ୍ଲିକ୍ ହେଲ୍‌ଥର ନ୍ୟୁଟ୍ରିଶନ ଆଣ୍ଡ୍ ଏପିଡେମିଓଲୋଜିର ପ୍ରାଧ୍ୟାପକ ବୈଜ୍ଞାନିକ ୱାଲଟର ୱିଲେଟ୍ ଏବଂ ତାଙ୍କ ସହ ଗବେଷକ ତଥା ହାୱାର୍ଡ ବିଶ୍ୱବିଦ୍ୟାଳୟର ପେଡିଆଟ୍ରିକ୍ସ ଆଣ୍ଡ୍ ନ୍ୟୁଟ୍ରିଶନର ପ୍ରାଧ୍ୟାପକ ଡାଭିଡ୍ ଲୁଡୱିଗ୍ ପ୍ରକାଶ କରିଛନ୍ତି ଯେ, ଖାଇବାକୁ ପରାମର୍ଶ ଦିଆଯାଉଥିବା ଡାଏଟାରୀ ପ୍ରଡକ୍ଟଗୁଡିକ( କ୍ଷୀର ଓ କ୍ଷୀରଜାତୀୟ ଉତ୍ପାଦ) ପଛରେ ପ୍ରାୟତଃ କୌଣସି ବୈଜ୍ଞାନିକ ଆଧାର ନାହିଁ। ଏହା ଖାଇବା ଆମ ପାଇଁ କ୍ଷତିକାରକ ହୋଇପାରେ। ବିଶ୍ୱରେ ଡାଇରୀ ଉପରେ ୱିଲେଟ ଜଣେ ଜଣାଶୁଣା ବୈଜ୍ଞାନିକ। ଏହି ଦୁଇ ବୈଜ୍ଞାନିକଙ୍କ ମତରେ କ୍ଷୀର ପିଇବାର ମୂଳ କାରଣ ହେଉଛି ଏଥିରେ ଥିବା କ୍ୟାଲସିୟମ। ତ୍ରୁଟିପୂର୍ଣ୍ଣ ପ୍ରମାଣ ଆଧାରରେ ଏହା କୁହାଯାଉଛି। ଟୁସ୍କୋନ ସ୍ଥିତ ୟୁନିଭର୍ସିଟି ଅଫ୍ ଆରିଜୋନା କଲେଜ ଅଫ୍ ପବ୍ଲିକ ହେଲ୍‌ଥର ଏପିଡେମିଓଲୋଜି, ବାୟୋଷ୍ଟାଟିଷ୍ଟିକ୍ସ ଆଣ୍ଡ୍ ନ୍ୟୁଟ୍ରିଶନ ସାଇନ୍ସର ପ୍ରାଧ୍ୟାପିକା ଏଲିଜାବେଥ୍ ଜ୍ୟାକୋବ୍ସ 'ନ୍ୟୁଟ୍ରିଶନାଲ ରିଭ୍ୟୁଜ'ରେ ତାଙ୍କ ମତ ପ୍ରକାଶ କରିଛନ୍ତି। ଏଥିରେ ସେ କ୍ଷୀରକୁ ଏକ ଭିନ୍ନ ଏବଂ ଆବଶ୍ୟକୀୟ ଖାଦ୍ୟ ଭାବେ ସେ ଗ୍ରହଣ କରିନାହାନ୍ତି। ଠିକ୍ ଜ୍ୟାକୋବ୍ସଙ୍କ ମତ ପ୍ରକାଶ ପାଇବା ସମୟରେ ୱିଲେଟ ଓ ଲୁଡୱିଗଙ୍କ ଅନୁଧ୍ୟାନମୂଳକ ଲେଖା ବି ସାମନାକୁ ଆସିଛି। ଜ୍ୟାକୋବ୍ସ କହିଛନ୍ତି ଯେ, ପ୍ରୋଟିନ ଯୋଗାଉଥିବା ଖାଦ୍ୟ ତାଲିକାର ବହୁ ତଳେ କ୍ଷୀର ରହିବ।

ଆମେରିକାରେ ୧୯୭୫ଠାରୁ କ୍ଷୀରପାନ ୪୦% କମିଯାଇଛି। କିନ୍ତୁ ଏହାର ଉତ୍ପାଦନ ଓ ଉପଯୋଗ ୯% ବୃଦ୍ଧି ପାଇଛି। ଲୋକମାନେ ଅଧିକ ଛେନା,ଲହୁଣି ଖାଇବା ଓ ଏହାକୁ ପ୍ରସ୍ତୁତ କରିବା ଲାଗି ପ୍ରଚୁର ପରିମାଣର କ୍ଷୀର ଆବଶ୍ୟକ ହେଉଥିବାରୁ ଏଭଳି ବୃଦ୍ଧି ଘଟିଛି। ଭାରତରେ ବି ସମାନ ପ୍ରକାର ଧାରା ଦେଖିବାକୁ ମିଳେ। ପିଲାଙ୍କୁ ବହୁତ କମ୍ କ୍ଷୀର ପିଇବାକୁ ଦିଆଯାଉଛି, ଅପରପକ୍ଷେ କ୍ଷୀରରୁ ଅଧିକ ପନିର, ଦହି ଓ ମିଠା ପ୍ରସ୍ତୁତ କରାଯାଉଛି। ୱିଲେଟ ଏବଂ ତାଙ୍କ ଗବେଷକ ଟିମ୍‌ଙ୍କ ମତରେ କ୍ଷୀରକୁ କ୍ୟାଲସିୟମର ଏକ ମୁଖ୍ୟ ଉତ୍ସ ବୋଲି ଯାହା କୁହାଯାଉଛି ତାହା ପ୍ରମାଣ କରିବା ଲାଗି ଏକ ସ୍ୱଳ୍ପ ଅବଧି (କିଛି ସପ୍ତାହର)ରେ କମ୍ ଲୋକଙ୍କୁ ନେଇ ଅନୁଧ୍ୟାନ କରାଯାଇଥିଲା। ଶରୀରରେ କ୍ୟାଲସିୟମ ବାଲାନ୍ସ ବା ସନ୍ତୁଳନ ରଖିବାକୁ କେତେ କ୍ୟାଲସିୟମ୍ ଦରକାର ତାହା ଜାଣିବା ପାଇଁ ଏହା କରାଯାଇଥିଲା। ବୟସ୍କଙ୍କ କ୍ଷେତ୍ରରେ କ୍ୟାଲସିୟମ ବାଲାନ୍ସ ପୂରା ଶୂନ ରହିବା ଉଚିତ। ଅର୍ଥାତ ଶରୀର ଯେତିକି ପରିମାଣର କ୍ୟାଲସିୟମ ଗ୍ରହଣ କରେ ସେତିକି ପରିମାଣର କ୍ୟାଲସିୟମ ବାହାରକୁ ଛାଡିବା ଆବଶ୍ୟକ। ଏହା ଉପରେ ଅନୁଧ୍ୟାନ କରି ଗବେଷକମାନେ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ, ବାଲାନ୍ସ ଲାଗି ଦୈନିକ ଆମେରିକୀୟମାନଙ୍କ ପାଇଁ ୭୪୧ ମିଲିଗ୍ରାମ କ୍ୟାଲସିୟମ ଯଥେଷ୍ଟ। କିନ୍ତୁ ପେରୁ ଭଳି ବ୍ରିଟିଶ ଶାସନ ପୂର୍ବରୁ ସବୁ ଏସିଆ ଓ ଆଫ୍ରିକୀୟ ଦେଶଗୁଡ଼ିକରେ ଯେଉଁଠି ଡାଇରୀ ବା କ୍ଷୀରକୁ ଏକ ସାଧାରଣ ଖାଦ୍ୟଭାବେ ଗ୍ରହଣ କରାଯାଉ ନ ଥିଲା ସେଠାରେ କ୍ୟାଲସିୟମ ବାଲାନ୍ସ ଲାଗି ବହୁତ କମ୍ ଅର୍ଥାତ ପାଖାପାଖି ୨୦୦ ମିଲିଗ୍ରାମ୍ କ୍ୟାଲସିୟମ ଆବଶ୍ୟକ ହେଉଥିଲା। ୱିଲେଟ କହନ୍ତି, ସାଧାରଣତଃ ଯାହା ବାଲାନ୍ସ ପାଇଁ ଆବଶ୍ୟକ ଶରୀର ତାହା ହିଁ ଗ୍ରହଣ କରିଥାଏ। ଯେ କୌଣସି ଖାଦ୍ୟ ଯଥା ଫଳ, ପରିବା, ଶାଗ କିମ୍ବା ମାଛ ଆଦିରୁ ଶରୀରକୁ ଏହା ଅଧିକ ମିଳିଥାଏ।

ଶରୀର ମଧ୍ୟକୁ ଅତ୍ୟଧିକ କ୍ୟାଲସିୟମ ପ୍ରବେଶ କଲେ କ'ଣ ଘଟେ ତାହା ଜାଣିବା ଲାଗି ଅଧିକ ଲୋକଙ୍କୁ ନେଇ ୱିଲେଟ ମଧ୍ୟ ଏକ ଅନୁଧ୍ୟାନ କରିଛନ୍ତି। ଏଥିରେ ଲୋକମାନେ ବର୍ଷ ବର୍ଷ ଧରି କେମିତି ଖାଉଥିଲେ ଓ ସେମାନଙ୍କ ଶରୀରରେ କ'ଣ ପରିବର୍ତ୍ତନ ଘଟୁଥିଲା ତା'ଉପରେ ଲକ୍ଷ୍ୟ ରଖାଯାଇଥିଲା। ଯେଉଁମାନେ ଅଧିକ କ୍ଷୀର ପିଉଥିଲେ ସେମାନଙ୍କ ହାଡ଼( ମୁଖ୍ୟତଃ ଅଣ୍ଟା ହାଡ଼) ଭାଙ୍ଗିଯିବା ଲକ୍ଷ୍ୟ କରାଯାଇଥିଲା। ଯେଉଁ ପୁରୁଷମାନେ ପିଲାଦିନେ ଅଧିକ କ୍ଷୀର ପିଇଥାନ୍ତି ସେମାନଙ୍କ ହାଡ ଭାଙ୍ଗିଯିବାର ବିପଦ ବେଶି। ବହୁସଂଖ୍ୟକ ମହିଳାଙ୍କୁ ନେଇ କରାଯାଇଥିବା ଅନୁଧ୍ୟାନରୁ ଜଣାପଡିଥିଲା ଯେ,ଯେଉଁ ମହିଳାମାନେ ଦିନକୁ ୨.୫ ଗ୍ଲାସ କିମ୍ବା ଅଧିକ କ୍ଷୀର ପିଅନ୍ତି ଏହାଠାରୁ କମ୍ ପରିମାଣର କ୍ଷୀର ପିଉଥିବା ମହିଳାମାନଙ୍କ ତୁଳନାରେ ସେମାନଙ୍କ ହାଡ ଭାଙ୍ଗିବାର ଆଶଙ୍କା ବେଶି ରହିଥାଏ। ଅନୁଧ୍ୟାନରୁ ଆଉ ଯାହା ସବୁ ୱିଲେଟ ପାଇଛନ୍ତି ତାହାର କୌଣସି ପ୍ରାମାଣିକ ଆଧାର ନାହିଁ ବୋଲି ଅନ୍ୟମାନେ ଦାବି କରିଥାନ୍ତି। ୱିଲେଟଙ୍କ ସିଦ୍ଧାନ୍ତଗୁଡିକ ମଧ୍ୟରେ ରହିଛି– କ୍ଷୀର ଆପଣଙ୍କ ଓଜନ କମାଏ, କ୍ଷୀର ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହାର କୌଣସି ପ୍ରମାଣ ନାହିଁ। କ୍ଷୀର କାର୍ଡିଓଭାସ୍କୁଲାର ଡିଜିଜ୍ ହାର କମାଏ ବୋଲି କହିଛନ୍ତି। ସବୁ ଗବେଷଣାରୁ ଜଣାପଡିଛି ଯେ, କାର୍ଡିଓଭାସ୍କୁଲାର ଡିଜିଜ୍ ସହ କ୍ଷୀରର କୌଣସି ସମ୍ପର୍କ ନାହିଁ। ଯାହା ହେଉ ଏବେ ସୁଦ୍ଧା କରାଯାଇଥିବା ସବୁ ଅନୁଧ୍ୟାନରେ ସ୍ୱାସ୍ଥ୍ୟ ପାଇଁ କ୍ଷୀର ଜରୁରୀ ନୁହେଁ ବୋଲି ଜଣାପଡିଥିବା କହନ୍ତି ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ନ୍ୟୁଟ୍ରିଶନ, ଫୁଡ୍ ଷ୍ଟଡିଜ ଆଣ୍ଡ୍ ପବ୍ଲିକ ହେଲ୍‌ଥର ପ୍ରାଧ୍ୟାପିକ ମ୍ୟାରିୟନ ନେସ୍‌ଲେ।

ଗାଈ କ୍ଷୀର ପିଉ ନ ଥିବା ପିଲାଙ୍କ ତୁଳନାରେ ଏହି କ୍ଷୀର ପିଉଥିବା ପିଲାମାନେ ବେଶି ଡେଙ୍ଗା ହେଉଥିବା ସପକ୍ଷରେ ତଥ୍ୟ ରହିଛି। କିନ୍ତୁ କ୍ଷୀର କିଭଳି ଓ କେମିତି ଶାରୀରିକ ବିକାଶ କରାଏ ତା'ଉପରେ କୌଣସି ବୈଜ୍ଞାନିକ କାରଣ ନାହିଁ। ୱିଲେଟ ଏହା ପଛରେ ଏକ ଠୋସ୍ କାରଣ ରହିଥିବା ଦର୍ଶାଇଛନ୍ତି। ଅନେକ ସମୟରେ ଗାଈ ଗର୍ଭବତୀ ଥିବାବେଳେ କ୍ଷୀର ଦୁହାଁଯାଏ। ଏହି ସମୟରେ ଏଷ୍ଟ୍ରୋଜେନ ଏବଂ ପ୍ରୋଜେଷ୍ଟେରୋନ ହର୍ମୋନ ବୃଦ୍ଧିପାଏ। ଏହାସହ ଇନ୍‌ସୁଲିନ ଲାଇକ୍ ଗ୍ରୋଥ ଫ୍ୟାକ୍ଟର (ଆଇଜିଏଫ୍) ହର୍ମୋନ ବି ଶରୀରରେ ବଢିଯାଏ। ଏହା ଅଧିକ କ୍ଷୀର ସୃଷ୍ଟି କରେ (କ୍ୟାନ୍‌ସରର ବି ଏକ କାରଣ)। ଏହିସବୁ ହର୍ମୋନ ମଣିଷ ଶରୀରର ବିକାଶ କରିପାରେ ବୋଲି କହନ୍ତି ୱିଲେଟ।

କ୍ଷୀର କିମ୍ବା ଦୁଗ୍ଧଜାତୀୟ ଖାଦ୍ୟ ହାଡ ମଜଭୁତ କରିଥାଏ ବୋଲି କୌଣସି ଅନୁଧ୍ୟାନରେ ପ୍ରମାଣିତ ହୋଇନାହିଁ। ଗବେଷକ ଭୋଗେଲ,ମାର୍ଟିନ ମ୍ୟାକ କ୍ୟାବେ କିଶୋର ବୟସରେ ପଦ ଦେଇଥିବା ପୁଅ ଝିଅମାନେ କ୍ଷୀର ପିଇଲେ ବୋନମାସ୍ ଏବଂ ବଡି କଞ୍ଜମ୍ପଶନ ଉପରେ ତା'ର କ'ଣ ପ୍ରଭାବ ରହିଛି ତାହା ଜାଣିବା ଲାଗି ଏକ ଅନୁଧ୍ୟାନ କରିଥିଲେ। ହେଲେ ହାଡ ମଜଭୁତ ହେବା ସପକ୍ଷରେ ପ୍ରମାଣ ପାଇ ନ ଥିଲେ। ଅନୁଧ୍ୟାନ ସମ୍ପର୍କିତ ତଥ୍ୟ ଆମେରିକାନ ସୋସାଇଟି ଫର୍ ନ୍ୟୁଟ୍ରିଶନରେ ୨୦୧୭ରେ ପ୍ରକାଶ ପାଇଥିଲା। ୪ରୁ ୮ ବର୍ଷ ପିଲା ପାଇଁ ଦିନକୁ ୧,୦୦୦ ମିଲିଗ୍ରାମ୍ କ୍ୟାଲସିୟମ ଦରକାର ବୋଲି ଆମେରିକା ସୁପାରିସ କରିଛି। ଇଂଲଣ୍ଡରେ ପିଲାମାନଙ୍କ ପାଇଁ ଦୈନିକ ଏହାର ଅଧା ଅର୍ଥାତ ୪୫୦ରୁ ୫୦୦ ମିଲିଗ୍ରାମ କ୍ୟାଲସିୟମ ଆବଶ୍ୟକ ବୋଲି ସୁପାରିସ କରାଯାଇଛି।। ସୁପାରିସରେ ଏଭଳି ପ୍ରଭେଦ କେବଳ ବୈଜ୍ଞାନିକଙ୍କ ମତରେ ରହିଥିବା ପ୍ରଭେଦ ଯୋଗୁ ନୁହେଁ, ବରଂ ଡାଇରୀ ଇଣ୍ଡଷ୍ଟ୍ରିଗୁଡ଼ିକୁ ଦିଆଯାଉଥିବା ରାଜନୈତିକ ଗୁରୁତ୍ୱ ଉପରେ ନିର୍ଭର କରେ।

ପରିବା, କୋଳି, ବିହ୍ନରୁ ଶରୀରକୁ ପ୍ରଚୁର କ୍ୟାଲସିୟମ ମିଳେ। ତୁମେ ଖାଉଥିବା ଖାଦ୍ୟରେ କ୍ୟାଲସିୟମ କିମ୍ବା ପ୍ରୋଟିନର କିଛି ଫରକ ନ ଥାଏ, କିନ୍ତୁ ସେଥିରେ ଥାଏ କେମିକାଲ୍ସ, କୃତ୍ରିମ ହର୍ମୋନ, ଆଣ୍ଟିବାୟୋଟିକ୍ସ ଏବଂ କୀଟନାଶକ। ତୁମେ ବିପରିବେଶ ଲାଗି ବିପର୍ଯ୍ୟୟ ଆଣିଥାଅ। ଡାଏରୀ ଫାର୍ମ ଅତ୍ୟଧିକ ପାଣି ଆବଶ୍ୟକ କରେ। ତାହା ଜଳ ପ୍ରଦୂଷଣର କାରଣ ପାଲଟେ। ଗୋରୁ ମିଥେନ ଗ୍ୟାସ ନିର୍ଗତ କରିଥାନ୍ତି। ଏହା କାର୍ବନ ଡାଇଅକ୍ସାଇଡ୍‌ଠାରୁ ବି ବାୟୁମଣ୍ଡଳକୁ ଅଧିକ ଉତ୍ତପ୍ତ କରିଥାଏ।

Email: gandhim@nic.in

## ଏଇ ଭାରତରେ

କୋଭିଡ୍-୧୯ରେ ସଂକ୍ରମିତଙ୍କୁ ଚିକିତ୍ସା କରୁଥିବା କରୋନା ଯୋଦ୍ଧାମାନଙ୍କ ମଧ୍ୟରେ ଡ. ମନୋଜ ଗୋଏଲ ବି ଜଣେ, ଯିଏ ମହାମାରୀ ବ୍ୟାପିବା ଦିନଠାରୁ ଏଯାବତ ଛୁଟି ନ ନେଇ ୧୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା କରିସାରିଛନ୍ତି। ୫୫ ବର୍ଷୀୟ ଗୋଏଲ ଗୁଡ୍‌ଗାଁଓର ଫର୍ଟିସ ମେମୋରିଆଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ଦୀର୍ଘ ଆଠମାସ ହେବ କୌଣସି ଛୁଟି ନ ନେଇ ଦିନ ରାତି ସଂକ୍ରମିତଙ୍କ ସେବାରେ ଲାଗିଛନ୍ତି। କୋଭିଡ ଆକ୍ରାନ୍ତଙ୍କ ପରିବାର ଯେତେବେଳେ ତାଙ୍କୁ କଲ୍ କରୁଛନ୍ତି ସେ ତାଙ୍କ ନିକଟରେ ପହଞ୍ଚୁଛନ୍ତି। ସକାଳ ୯ଟାରେ ମେଡିକାଲରେ ପହଞ୍ଚିବା ପରେ ପିପିଇ କିଟ୍ ପରିଧାନ କରିବା ପରେ ସନ୍ଧ୍ୟା ୭ଟାରେ ସେଥିରୁ ବାହାରି ଘରକୁ ଫେରନ୍ତି। ଏହି ସମୟ ମଧ୍ୟରେ ସେ କିଛି ଖାଆନ୍ତିନି କି ପିଅନ୍ତିନି। ଘରେ ବି ସେ ଏକ ୱାର୍କ ଷ୍ଟେସନ ଖୋଲିଛନ୍ତି। ସେଠାରୁ ସେ ରୋଗୀଙ୍କ ଭଲ ମନ୍ଦ ବୁଝୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଅକ୍ଟୋବର ୧୯୯୫

- ଇସ୍ରାଏଲ ପ୍ରଧାନମନ୍ତ୍ରୀ ୟିତ୍‌ଝାକ ରାବିନ ଓ ପି.ଏଲ୍.ଓ. ଅଧ୍ୟକ୍ଷ ୟାସେର ଆରାଫତଙ୍କୁ ଜର୍ମାନ ଗଣମାଧ୍ୟମ ପକ୍ଷରୁ ବାର୍ଷିକ ଗଣମାଧ୍ୟମ ପୁରସ୍କାର ପ୍ରଦାନ କରାଯିବା ପାଇଁ ମନୋନୀତ କରାଯାଇଛି।
- ସୁପ୍ରିମ୍‌କୋର୍ଟ ମଣିପୁରର ବରିଷ୍ଠ ଆଇଏଏସ୍ ଅଫିସର ଏ.ୱାଟି. ଆଓଙ୍କୁ ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 7 | | | | 1 | D | | B | | 2 | | C | | |
| | | | | | | | 8 | | | | | 6 | 4 | D |
| E | | | | | | | | 7 | 1 | 4 | 5 | | | |
| A | | | 6 | | | | 2 | | | | C | | | 8 |
| 3 | | | | A | | | | 9 | | | 6 | E | | |
| B | | 6 | | | | | | 2 | | 9 | | | | |
| | | | | | | | 1 | | 6 | | 4 | 7 | D | 0 |
| | | | | | | | | D | 0 | | | 3 | | 5 |
| | 2 | | | | E | | 3 | 8 | D | | | | | |
| | | | 9 | 4 | | 5 | B | | | 8 | | | E | |
| 2 | | 4 | B | E | 9 | | 5 | | | | 8 | | | |
| | | | | | | | 7 | | E | 5 | | | 9 | 3 |
| | | B | | | | | | 4 | | | A | | | |
| 7 | A | 9 | | | 8 | | | C | B | 1 | | | | E |
| | | | | | D | | | | | | 9 | 1 | 7 | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 9 | 2 | 3 | 8 | 6 | C | 0 | E | A | 1 | 4 | D | 7 | B |
| 1 | E | 3 | C | 7 | 9 | 6 | 4 | D | 5 | 2 | B | A | 0 | 8 |
| C | D | 0 | B | 4 | E | 1 | A | 2 | 9 | 8 | 7 | 3 | 6 | 5 |
| 4 | 7 | 6 | 1 | D | A | 5 | B | 8 | 3 | E | 0 | C | 2 | 9 |
| B | 8 | A | 5 | 2 | 0 | 3 | 7 | 9 | 6 | C | D | 1 | 4 | E |
| 8 | 6 | C | E | 5 | 7 | B | 9 | 1 | 2 | 4 | 3 | 0 | A | D |
| 2 | B | E | D | 0 | 8 | 4 | 3 | 7 | C | A | 6 | 5 | 9 | 1 |
| 7 | 5 | 4 | A | 1 | 2 | D | C | 6 | 8 | 0 | 9 | B | E | 3 |
| 3 | 0 | 9 | 6 | B | 4 | E | 8 | A | 1 | D | 5 | 2 | C | 7 |
| D | A | 1 | 9 | C | 3 | 0 | 2 | 5 | 7 | B | E | 4 | 8 | 6 |
| 6 | 2 | B | 7 | 9 | D | 8 | 1 | C | 0 | 5 | A | E | 3 | 4 |
| 9 | 1 | 5 | 0 | E | C | 2 | 6 | B | 4 | 3 | 8 | 7 | D | A |
| 0 | 4 | 8 | 2 | A | B | 7 | E | 3 | D | 9 | 1 | 6 | 5 | C |
| E | C | 7 | 8 | 3 | 5 | A | D | 4 | B | 6 | 2 | 9 | 1 | 0 |
| A | 3 | D | 4 | 6 | 1 | 9 | 5 | 0 | E | 7 | C | 8 | B | 2 |

ଗତକାଲିର ଉତ୍ତର

# କୃଷି ଉତ୍ପାଦ ବିପଣନରେ ସଂସ୍କାର ଅନିବାର୍ଯ୍ୟ



ନଟବର ଖୁଣ୍ଟିଆ

ଭାରତର କୃଷକ ଆନ୍ଦୋଳନରେ ଜଣେ ତୁଙ୍ଗ ନେତା ଓ ଶେତକାରୀ ସଂଗଠନର ପ୍ରତିଷ୍ଠାତା ଶରଦ ଯୋଶୀ ଚାରି ଦଶନ୍ଧି ତଳେ କହିଥିଲେ, ''ଭାରତୀୟ ଚାଷୀ ମାର୍କ୍ସ ଓ ସ୍ପେନ୍‌ସରର ସାହାଯ୍ୟ ଲୋଡେ ମାର୍କ୍ସ ଓ ଏଙ୍ଗେଲଙ୍କ ନୁହେଁ। ତାଙ୍କ କହିବାର ତାତ୍ପର୍ଯ୍ୟ ଥିଲା ମାର୍କ୍ସ ଗରିବଙ୍କର ଉତ୍‌ଥାନ ପାଇଁ ଗବେଷଣା କରି ନୀତିନିୟମ ନିର୍ଦ୍ଧାରଣ କରୁଥିବାବେଳେ ଏଙ୍ଗେଲ ତାହାର ପ୍ରଚାର ପ୍ରସାର କରୁଥିଲେ। ଆଜିକା ଦିନରେ ଗରିବଙ୍କ ଉତ୍‌ଥାନ ପାଇଁ ପ୍ରଚାର ପ୍ରସାର କରିବା ଯଥେଷ୍ଟ ନୁହେଁ। ମାର୍କ୍ସଙ୍କ ଗରିବ ଉତ୍‌ଥାନ ତତ୍ତ୍ୱକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବାକୁ ହେଲେ ସ୍ପେନ୍‌ସର ପରି କୃଷିଜାତ ଦ୍ରବ୍ୟର କ୍ରୟ, ପ୍ରକ୍ରିୟାକରଣ, ପ୍ୟାକେଜ, ଭଣ୍ଡାରଣ କରି ଦେଶ ମଧ୍ୟରେ ଦେଶ ବାହାରେ ବିକ୍ରି କରିବା ଏକାନ୍ତ ଆବଶ୍ୟକ। ଗତ ଚାରି ଦଶନ୍ଧି ତଳେ ଶରଦ ଯୋଶୀଙ୍କ ପରି ଜଣେ କୃଷକ ନେତା, ବୁଦ୍ଧିଜୀବୀ, ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ କୃଷି ଅର୍ଥନୀତି ବିଶାରଦ ଓ ରାଜନେତା ଯେଉଁ ଆହ୍ୱାନ ଦେଇଥିଲେ ଆଜି ପାର୍ଲାମେଣ୍ଟରେ କୃଷି ସମ୍ବନ୍ଧୀୟ ତିନି ଗୋଟି ବିଲ୍ ଗୃହୀତ ହେବା ପରେ ଆଶାର ସଞ୍ଚାର ହୋଇଛି ଯେ, କୃଷକର ଆଶା ଆକାଂକ୍ଷା ପୂର୍ଣ୍ଣ ହେବ ଏବଂ ତା'ର ଆୟ ବୃଦ୍ଧିର ପଥ ସୁଗମ ହେବ।

ଉପରୋକ୍ତ ପରିପ୍ରେକ୍ଷୀରେ ସେମାନେ କ'ଣ ଚାହୁଁଛନ୍ତି ବ୍ରିଟିଶ ଶାସନ କାଳରୁ କୃଷି ବଜାରକୁ ନିୟନ୍ତ୍ରଣ କରୁଥିବା ଏପିଏମ୍‌ସି ଆଇନ ଚାଲୁ ରହିଥାଉ ? ଏହି ଏପିଏମ୍‌ସି ଆଇନ ବ୍ରିଟିଶ ଶାସନକାଳରେ ୧୮୮୬ରେ ପ୍ରଥମେ କାର୍ଯ୍ୟକାରୀ ହୋଇଥିଲା। ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତରେ ଅମଳ ହେଉଥିବା କପାକୁ ଏହି ଆଇନ ବଳରେ ସୁଲଭ ମୂଲ୍ୟରେ କ୍ରୟ କରି ବ୍ରିଟେନର ମାଞ୍ଚେଷ୍ଟରକୁ ପଠାଇ ସେହି କପାରୁ ସୂତା ଓ ସୂତାରୁ ଲୁଗାବୁଣି ଆଣି ଭାରତରେ ଚଢ଼ା ଦରରେ ବିକ୍ରି କରିବା। ଏହାଦ୍ୱାରା ସେମାନେ ଭାରତୀୟ ଚାଷୀ ଓ ଖାଉଟିଙ୍କୁ ଶୋଷଣ କରୁଥିଲେ। ଏହାର ପ୍ରତିବଦଳରେ ମହାତ୍ମା ଗାନ୍ଧୀ ଖଦି ଆନ୍ଦୋଳନ କରି ଦେଶରେ ସ୍ୱାଧୀନତା ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ। ସେହି ଏପିଏମ୍‌ସି ଆଇନ ଆଜି ପର୍ଯ୍ୟନ୍ତ ସ୍ୱାଧୀନ ଭାରତରେ ମଧ୍ୟ ସାମାନ୍ୟ କେଉଁଠି କିପରି ସଂଶୋଧିତ ହୋଇ କାର୍ଯ୍ୟକାରୀ ହେଉଛି।

ଏପିଏମ୍‌ସି ଆଇନର ମୂଳନୀତି ହେଲା ଚାଷୀଟିଏ ତା'ର ଉତ୍ପାଦକୁ ଏହି ଆଇନ ବଳରେ ଗଠିତ ମଣ୍ଡିରେ କେବଳ ବିକ୍ରି କରିପାରିବ, ମଣ୍ଡି ବାହାରେ କାହାକୁ ବିକ୍ରି କରିପାରିବ ନାହିଁ। କେବଳ ସେତିକି ନୁହେଁ, ବିଭିନ୍ନ ଜିଲାରେ ଗଠିତ ଏପିଏମ୍‌ସି ମଣ୍ଡି ବାହାରକୁ କୌଣସି କୃଷିଜାତ ଦ୍ରବ୍ୟ ପଠାଇପାରିବେ ନାହିଁ। ଉଦାହରଣ ସ୍ୱରୂପ କଳାହାଣ୍ଡିର ଚାଷୀ ବରଗଡ଼କୁ ତା'ର ଦ୍ରବ୍ୟ ପଠାଇପାରିବ ନାହିଁ। ପଠାଇଲେ କର ଦେବାକୁ ହେବ। ଆମ ରାଜ୍ୟ ଓଡ଼ିଶାରେ ରିଜିଓନାଲ କୋଅପରେଟିଭ୍ ମାର୍କେଟିଂ ସୋସାଇଟି (ଆର୍‌ସିଏମ୍‌ଏସ୍)କୁ ଏହି ଦାୟିତ୍ୱ ଦିଆଯାଇଛି। ଆର୍‌ସିଏମ୍‌ଏସ୍ ରାଜ୍ୟ ସମବାୟ ବିଭାଗ ଦ୍ୱାରା ପରିଚାଳିତ। ମଣ୍ଡି ମାଧ୍ୟମରେ ଯେଉଁ କୃଷିଜାତ ଦ୍ରବ୍ୟ ବିକ୍ରି ହୁଏ ସେଥିପାଇଁ ବିଭିନ୍ନ ପ୍ରକାର କର ଦେବାକୁ ହୁଏ। ବିଭିନ୍ନ ସୂତ୍ରରୁ ସଂଗୃହୀତ ତଥ୍ୟରୁ ଜଣାଯାଏ ଯେ, ବିକ୍ରୟ କର ୦.୩୦ ପ୍ରତିଶତରୁ ୨.୦ ପ୍ରତିଶତ ଆଦାୟ ହେବା ବେଳେ କମିଶନ ଏଜେଣ୍ଟ ଫିକସ ହେଲା ୦.୫ ପ୍ରତିଶତରୁ ୪.୫ ପ୍ରତିଶତ ଏବଂ ଫଳ ପନିପରିବା କ୍ଷେତ୍ରରେ ୩.୦ ପ୍ରତିଶତରୁ ୭.୦ ପ୍ରତିଶତ ଦେବାକୁ ହୁଏ। ଏହାଛଡ଼ା ଅନ୍ୟାନ୍ୟ ଦେୟ ଯେପରି କି ଉନ୍ନୟନ ସେସ୍, ପ୍ରବେଶକର, ଓଜନ କରିବା ପାଇଁ ଦେୟ ଏବଂ ହାମେଲ ଦେୟ। ହାମେଲ କହିଲେ ମାଲ ବୋଝେଇ ଓ ଖଲାସ କରିବା ପାଇଁ ଦେୟ। ଏହି ସବୁ କର ବା ଦେୟ ହାରାହାରି ୮ ପ୍ରତିଶତ ପାଖାପାଖି ଦ୍ରବ୍ୟର ମୂଲ୍ୟର ହୋଇଥାଏ। ଏହି କର ଦେବା ଦ୍ୱାରା ଚାଷୀଟି ତା'ର ଦ୍ରବ୍ୟ ଯେତିକି ମୂଲ୍ୟରେ ବିକ୍ରିକରେ ତା'ର ୮ ପ୍ରତିଶତ ପାଖାପାଖି କମ୍ ପାଏ। ଏଣେ ମଣ୍ଡି ଉପଯୁକ୍ତ ଭିତିଭୂମି ସୃଷ୍ଟି ଅଧିକାଂଶ ସ୍ଥାନରେ କରିପାରେ ନାହିଁ, ଯେପରି କି ଚାଷୀ ଅତି ସୁରୁଖୁରୁରେ ତା'ର ଦ୍ରବ୍ୟକୁ ବିକ୍ରି କରିପାରିବ ନାହିଁ। ଉପଯୁକ୍ତ ଗୋଦାମଘର ନ ଥାଏ। ଶୀତଳଭଣ୍ଡାର ନ ଥାଏ। ଶୁଖାଇବା ପାଇଁ ଉପଯୁକ୍ତ ଖଳା ନ ଥାଏ। ଯଥେଷ୍ଟ ସଂଖ୍ୟାରେ ଚାଷୀର ଘର ପାଖାପାଖି ମଣ୍ଡି ନ ଥାଏ। ଅଧିକ ସଂଖ୍ୟକ କମିଶନ ଏଜେଣ୍ଟ ନିଯୁକ୍ତ କରି ପ୍ରତିଯୋଗିତା ବଢ଼ାଇବା ପାଇଁ ସୁଯୋଗ ସୃଷ୍ଟି କରାଯାଏ ନାହିଁ। ଜାଗା ଅଭାବରୁ ନୂଆ କମିଶନ ଏଜେଣ୍ଟଙ୍କୁ ଲାଇସେନ୍ସ ଦିଆଯାଏ ନାହିଁ। ଅନ୍ୟ ଅର୍ଥରେ ଏସବୁ କରିବା ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହୁଏ।

ବର୍ତ୍ତମାନ ଯେଉଁ କୃଷି ଉତ୍ପାଦର ବେପାର ଓ ବଣିଜ ପ୍ରୋତ୍ସାହନ ଓ ସରଳୀକରଣ ଆଇନ ଗୃହୀତ ପାର୍ଲାମେଣ୍ଟରେ ହୋଇଛି ତାହା ଦ୍ୱାରା ମଣ୍ଡିର ଉଚ୍ଛେଦ ନ ହେଲେ ବି ଟିକସ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯାଇଛି ଏବଂ ଚାଷୀ ତା'ର ଦ୍ରବ୍ୟକୁ ମଣ୍ଡି ବାହାରେ ଓ ରାଜ୍ୟ ଏବଂ ଦେଶ ମଧ୍ୟରେ ଯେକୌଣସି ସ୍ଥାନରେ ବିକ୍ରି କରିପାରିବ। ପ୍ରଥମ ଲାଭ ଟିକସ ଦେବ ନାହିଁ ଏବଂ ପ୍ରତିଯୋଗିତା ବଜାରରେ ଯିଏ ଅଧିକ ମୂଲ୍ୟ ଦେବ ଚାଷୀ ତାକୁ ବିକିବ। ଏଥିରେ ଚାଷୀର କ୍ଷତି ହେବ କିପରି? ଯେଉଁ ଘରୋଇ ବ୍ୟବସାୟୀମାନେ କୃଷିଜାତ ଦ୍ରବ୍ୟ କିଣିବେ ସେମାନେ ବିଭିନ୍ନ ପ୍ରକାର ଭିତିଭୂମି ସୃଷ୍ଟି କରି ନିଜର ବେପାର ବଢ଼ାଇବେ। ପ୍ରତିଯୋଗିତା ବ୍ୟବସାୟୀଙ୍କ ମଧ୍ୟରେ ହେବ ଆଉ ଚାଷୀ ଅଧିକ ଦାମ୍ ପାଇବ।

ଅନ୍ୟ ଆଇନଟି ହେଲା ଠିକା ଚାଷୀ ପାଇଁ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ରାଜିନାମା ମୂଲ୍ୟଧାର୍ଯ୍ୟ ଓ କୃଷି ସେବା ଆଇନ। ଏହି ଆଇନ ବଳରେ ଚାଷୀ ବିଭିନ୍ନ କୃଷି ଉତ୍ପାଦକୁ ନେଇ ବ୍ୟବସାୟ କରୁଥିବା କମ୍ପାନୀ ସହିତ ଚାଷ କରିବା ପୂର୍ବରୁ ବୁଝାମଣା କରିବ। ସେ ଫସଲ ଚାଷ କଲେ ଯେଉଁ ଖର୍ଚ୍ଚ ହେବ, ଯେଉଁ ନିବେଶ ଦରକାର ହେବ ଏବଂ ଯେଉଁ ବୈଜ୍ଞାନିକ ପଦ୍ଧତି ଚାଷ ପାଇଁ ଦରକାର ହେବ ତାହା ଯୋଗାଇ ଦେବ ଏବଂ ଚାଷ ପରେ କେତେ ଅମଳ କରିବ ତା'ର ଅନ୍ୟୂନ ହାରାହାରି ପରିମାଣ କହିବ ଏବଂ ଉତ୍ପାଦନକୁ କେତେ ଦରରେ କିଣିବ ଠିକ୍ ହେବ। ଚାଷୀ ଯଦି ଦେଖିବ ଯେ, କମ୍ପାନୀ ଯାହା କହୁଛି ତା'ର ଅନୁଭୂତିରୁ ତାହା ସମ୍ଭବ । ତେଣୁ ସେ ବୁଝାମଣା କରିବ ଏବଂ ପୂର୍ବ ନିର୍ଦ୍ଧାରିତ ମୂଲ୍ୟରେ ତା'ର ଉତ୍ପାଦନ ବିକି ଲାଭ କରିବ। ଆଇନରେ ପ୍ରାଞ୍ଜଳ ଭାବରେ ଉଲ୍ଲେଖ ଅଛି ଚାଷୀର ଜମି ସହିତ ଏହି ବୁଝାମଣାର କିଛି ସମ୍ପର୍କ ନାହିଁ। କିନ୍ତୁ ବିରୋଧୀମାନେ ଅଯଥା ଭୟ ସୃଷ୍ଟି କରୁଛନ୍ତି ଯେ, କମ୍ପାନୀ ଚାଷୀର ଜମି ନେଇଯିବ। ଚାଷୀଙ୍କୁ ଅଯଥା ଭ୍ରମିତ କରାଯାଉଛି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ହେଉଛି ୧୯୫୫ର, ଯେତେବେଳେ ଖାଦ୍ୟଶସ୍ୟ ଆବଶ୍ୟକ ତୁଳନାରେ ବହୁତ କମ୍ ଥିଲା। ବର୍ତ୍ତମାନ ସ୍ଥିତି ବଦଳିଯାଇଛି। ଏବେ ବ୍ୟବସାୟୀମାନେ ଯଦି ଅଧିକ କୃଷିଜାତ ଦ୍ରବ୍ୟ ଗୋଦାମରେ ସାଇତି ନ ରଖିବେ ତେବେ ବଜାରରେ ତାହା ବିକ୍ରି ନ ହୋଇପାରି ଚାଷୀ କ୍ଷତି ସହିବ। ଆଇନରେ ବ୍ୟବସ୍ଥା ଅଛି ବନ୍ୟା, ମରୁଡ଼ି, ଯୁଦ୍ଧବେଳେ ଖାଦ୍ୟ ଅଭାବ ପଡ଼ିଲେ ସରକାର ଅଧିକ ସାଇତି ରଖିବାକୁ ବାତିଲ କରିବେ। ତେବେ ବିରୋଧ କାହିଁକି ?

ମୋ: ୯୯୩୭୯୫୧୨୬୨

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକମାନେ ନିଜ ଗାଁ ପିଲାଙ୍କୁ ପଢ଼ାନ୍ତୁ

ମହାଶୟ,

ଦୀର୍ଘ ଛଅମାସ ହେଲା କରୋନା ଯୋଗୁ ପିଲାଙ୍କ ପାଠପଢ଼ା ପୂରା ଠପ୍ ହୋଇଯାଇଛି। ଅବଶ୍ୟ ସରକାରଙ୍କ ବିକଳ୍ପ ପନ୍ଥା ଅନ୍‌ଲାଇନ, ଟିଭି, ଖବରକାଗଜ ଓ ରେଡିଓ ମାଧ୍ୟମରେ ଏହା ଚାଲିଛି। ଏହାର ସୁଯୋଗ କେବଳ ୩୦% ପିଲା ପାଉଛନ୍ତି, ସେ ପୁଣି ସହରିପିଲା, ଧନିକ ପିଲା, ଏ ବିଷୟରେ ଅବଗତ ଥିବା ପିଲା। ଯାହା ବି ହେଉ ସରକାରଙ୍କ ଏହା ଏକ ଭଲ ପ୍ରୟାସ। ତେବେ ଏ ଦିଗରେ ଗାଁ ଶିକ୍ଷକମାନେ ପିଲାଙ୍କୁ ଟିଭି, ରେଡ଼ିଓ, ପେପର ସହ ସଂଯୁକ୍ତ କରାଇ ପାଠପଢ଼ାରେ ସହଯୋଗ କରାନ୍ତୁ। ଏବେ ଲକ୍‌ଡାଉନ୍ ଖୋଲିଗଲା ପରେ ପିଲାଏ ବହୁ ଭାବରେ ଖେଳାବୁଲା କରୁଛନ୍ତି। ପିଲାଙ୍କୁ ଭାଗ ଭାଗ ବା ଦଳଦଳ କରି କମ୍ ପିଲା ନେଇ ଗାଁ ପଡିଆରେ, ସ୍କୁଲ ବାରଣ୍ଡାରେ କିଛି କିଛି ସମୟ ପଢ଼ାଇବା ଲାଗି ବ୍ୟବସ୍ଥା କରାଯିବା ଦରକାର। ଗାଁ ଶିକ୍ଷକମାନେ ଏଥିରେ ପ୍ରମୁଖ ଭୂମିକା ନେବା ଦରକାର। ଗଣଶିକ୍ଷା ବିଭାଗ, ଯୋଜନା କରି ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ।

ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ପ୍ରଗତିର ଅଗ୍ରଦୂତ କଲାମ



ଅକ୍ଷୟ କୁମାର ରାଉତ

ଭାରତୀୟ କ୍ଷେପଣାସ୍ତ୍ରର ଜନକ, ପୂର୍ବତନ ରାଷ୍ଟ୍ରପତି ଡ.ଏପିଜେ ଅବଦୁଲ କଲାମ ୧୯୩୧ ଅକ୍ଟୋବର ୧୫ରେ ମାଡ୍ରାସ (ଚେନ୍ନାଇ) ଅନ୍ତର୍ଗତ ରାମେଶ୍ୱର ଦ୍ୱୀପାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତାଙ୍କ ନାମ ଆସି ଆମା ଓ ପିତାଙ୍କ ନାମ ଜୈନୁଲବଦ୍ଦିନ୍ ମରକାୟାର। କଲାମ ରାମେଶ୍ୱର ଏଲିମେଣ୍ଟାରୀ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼ିବା ସମୟରେ ଆଗଧାଡିରେ ରାମାନନ୍ଦ ଶାସ୍ତ୍ରୀଙ୍କ ପାଖକୁ ଲାଗି ବସିଥାନ୍ତି। ରାମେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ଥିବା ଲକ୍ଷ୍ମଣ ଶାସ୍ତ୍ରୀଙ୍କ ପୁଅ ରାମାନନ୍ଦ ଶାସ୍ତ୍ରୀ। ଶ୍ରେଣୀ ଶିକ୍ଷକ ଏହାକୁ ଗ୍ରହଣ କରିପାରି ନ ଥିଲେ। କଲାମଙ୍କୁ ଉଠାଇ ଶେଷ ବେଞ୍ଚରେ ବସିବାକୁ କହିଲେ। ଏହି ଘଟଣାରେ ଉଭୟ ଦୁଃଖିତ ହୋଇପଡିଲେ। ଲକ୍ଷ୍ମଣ ଶାସ୍ତ୍ରୀ ଏହା ଜାଣିବା ପରେ ଶିକ୍ଷକଙ୍କୁ କ୍ଷମା ମାଗିବାକୁ କହିଥିଲେ। ଦିନେ ବିଜ୍ଞାନ ଶିକ୍ଷକ ଶିବସୁବ୍ରମଣି ଆୟାର କଲାମଙ୍କୁ ଖାଇବାକୁ ଘରକୁ ଡାକିଥିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ଦେଖି ଭୋଜନ ଦେବାକୁ ମନା କରିଦେଲେ । ଆୟାର ନିଜେ ବାଢ଼ିଲେ କଲାମଙ୍କ ପାଇଁ ଓ କଲାମଙ୍କ ପାଖରେ ଖାଇବାକୁ ବସିପଡିଲେ। କିଛିଦିନ ପରେ କଲାମଙ୍କୁ ପୁଣି ଘରକୁ ଖାଇବାକୁ ଡାକିଲେ। କଲାମ ଶିକ୍ଷକଙ୍କ ଘରେ ପହଞ୍ଚିଲେ। ଶିକ୍ଷକଙ୍କ ପତ୍ନୀ କଲାମଙ୍କୁ ରୋଷେଇ ଘର ଭିତରକୁ ନେଇ ବସାଇଲେ ଓ ନିଜ ହାତରେ ଖାଇବାକୁ ବାଢ଼ି ଦେଇଥିଲେ। କଲାମ ରାମେଶ୍ୱରମ ଏଲିମେଣ୍ଟାରୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଓ ରାମନାଥପୁରମ୍ ସ୍ୱାର୍ଟିକ୍ ହାଇସ୍କୁଲରୁ ଶିକ୍ଷା ସମାପ୍ତ କରି ତିରୁଚିରାପଲ୍ଲୀ ସେଣ୍ଟ ଯୋଶେଫ୍ କଲେଜରେ ଅଧ୍ୟୟନ କଲେ। କୃତିତ୍ୱର ସହିତ ବି.ଏସ୍‌ସି. ପାସ୍ କଲେ। କଲାମଙ୍କ ପିତା ଜୈନୁଲା ବଦ୍ଦିନ୍ ଜଣେ ନାବିକ ଥିଲେ। ପରିବାର ଚଳାଇବା ପାଇଁ ପିତାଙ୍କ ରୋଜଗାର ଯଥେଷ୍ଟ ନ ଥିଲା। ତେଣୁ କଲାମ ସ୍କୁଲ ପାଠପଢ଼ା ସମୟରେ ଖବରକାଗଜ ବିକ୍ରି କରୁଥିଲେ। କବି ଜିବ୍ରାନଙ୍କ ଦ୍ୱାରା କଲାମ ପ୍ରଭାବିତ ହୋଇଥିଲେ। ସ୍ନାତକ ଡିଗ୍ରୀ ପରେ ୧୯୫୫ରେ କଲାମ ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍.ଆଇ.ଟି.)ରୁ ଜଣେ ବୈମାନିକ ଇଞ୍ଜିନିୟର ଭାବେ ବାହାରିଥିଲେ।

୧୯୫୮ରେ କଲାମ୍ ହିନ୍ଦୁସ୍ଥାନ ଏରୋନଟିକ୍ସ ଟ୍ରେନିଂ ନେଲା ପରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ଜଣେ ବରିଷ୍ଠ ବୈଜ୍ଞାନିକ ସହାୟକ ଭାବରେ ଯୋଗଦେଲେ। ଏହାପରେ ସେ କାନପୁରରେ ଅବସ୍ଥାପିତ ଏୟାର କ୍ରାଫ୍‌ଟ ଆଣ୍ଡ ଅର୍ମାମେଣ୍ଟ କେନ୍ଦ୍ରରେ କାର୍ଯ୍ୟକରି ପ୍ରଶଂସା ଲାଭ କରିଥିଲେ। ବମ୍ବେରେ ପ୍ରତିଷ୍ଠିତ ମହାକାଶ ଗବେଷଣା କେନ୍ଦ୍ରରେ ରକେଟ୍ ଇଞ୍ଜିନିୟର ଭାବରେ ଯୋଗଦେଇ କର୍ମ ଦକ୍ଷତାର ପ୍ରତିପାଦନ କରିଥିଲେ। ରକେଟ ସମ୍ବନ୍ଧୀୟ ବିଶେଷ ଜ୍ଞାନ ପାଇଁ ଆମେରିକାର ନାସା କେନ୍ଦ୍ରରେ ଯୋଗଦେଇଥିଲେ। ସେଠାରେ ସେ ଛ' ମାସ ରହି ଜ୍ଞାନ ଲାଭ କରିଥିଲେ। ୧୯୬୯ରେ ଇସ୍ରୋର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ ଉତ୍‌କ୍ଷେପଣ ଯାନ (ଏସ୍.ଏଲ୍.ଭି.-୩)ର ସେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ଏସ୍.ଏଲ୍.ଭି-୩ ସଫଳତା ଯୋଗୁ ବମ୍ବେ ସ୍ଥିତ ନେହେରୁ ବିଜ୍ଞାନ କେନ୍ଦ୍ର ତରଫରୁ ସମ୍ମାନିତ ହୋଇଥିଲେ। କଲାମ ବାଙ୍ଗାଲୋରସ୍ଥିତ ବୈମଯାନ ଉନ୍ନୟନ ସଂସ୍ଥାରେ ଯୋଗଦେଇ ହୋଭର କ୍ରାଫ୍‌ଟ ଯାନ ନିର୍ମାଣକାରୀ ଚାରି ଜଣିଆ ଦଳର ନେତୃତ୍ୱ ନେଇଥିଲେ। ୧୯୮୦ ଜୁଲାଇରେ 'ରୋହିଣୀ' ଉପଗ୍ରହକୁ ମହାକାଶରେ ସ୍ଥାପିତ କରି ଭାରତ 'ଅନ୍ତର୍ଜାତୀୟ ମହାକାଶ କ୍ଲବ୍'ରେ ନିଜକୁ ସାମିଲ କରିଥିଲା। ଏହାପରେ କଲାମ ଇସ୍ରୋ ତ୍ୟାଗ କରି ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଇଣ୍ଟିଗ୍ରେଟେଡ୍ ଗାଇଡେଡ ମିସାଇଲ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ ଆରମ୍ଭ କରିଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ତ୍ରିଶୂଳ,ପୃଥ୍ୱୀ, ଆକାଶ, ଅଗ୍ନି ଓ ବ୍ରହ୍ମୋସକୁ ବିକଶିତ କରାଯାଇଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବା ମିସାଇଲ୍ ମ୍ୟାନ୍ କୁହାଯାଏ।

୧୯୮୯ରେ ଆଇଟିଆର୍ ପ୍ରତିଷ୍ଠା ହେବା ପରଠାରୁ ସେ ବାରମ୍ବାର ଚାନ୍ଦିପୁର ଆସୁଥିଲେ। ତେଣୁ କଲାମଙ୍କ ସହ ଓଡ଼ିଶାର ନିବିଡ ସମ୍ପର୍କ ଥିଲା। ୧୯୯୮ ମେ ମାସ ୧୧ ଓ ୧୩ ତାରିଖରେ ରାଜସ୍ଥାନର ପୋଖରାନଠାରେ ଆଣବିକ ପରୀକ୍ଷାରେ କଲାମଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କୁ ୪୦ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ମିଳିଥିଲା। ୧୯୮୧ରେ ପଦ୍ମଭୂଷଣ, ୧୯୯୦ରେ ପଦ୍ମବିଭୂଷଣ ଓ ୧୯୯୭ରେ ଭାରତ ରତ୍ନ ଉପାଧିରେ ଭୂଷିତ ହୋଇଥିଲେ କଲାମ। କଲାମ ବହୁ ମୂଲ୍ୟବାନ ପୁସ୍ତକ ଲେଖିଯାଇଛନ୍ତି। ତାହା ଭିତରୁ ବିପୁଳ ପାଠକୀୟ ଆଦୃତି ପାଇଛି 'ୱିଙ୍ଗସ ଅଫ୍ ଫାୟାର୍', 'ଇଣ୍ଡିଆ ୨୦୨୦-ଏ ଭିଜନ ଫର ଦ ନିଉ ମିଲେନିଅମ', 'ମାଇଁ ଜର୍ନି' ଓ 'ଇଗ୍ନାଇଟେଡ ମାଇଣ୍ଡସ ଅନଲିସିଂ ଦ ପାୱାର ୱିଦିନ ଇଣ୍ଡିଆ'। କଲାମ ଭାରତର ରାଷ୍ଟ୍ରପତି ହେବା ପରେ ପ୍ରଥମ ଭାଷଣରେ ଦେଶ ନିମନ୍ତେ ପାଞ୍ଚଟି କଥା କହିଥିଲେ। ପ୍ରତିରକ୍ଷା, ପରମାଣୁ, ମହାକାଶ, ପ୍ରଯୁକ୍ତି ବିଦ୍ୟା ଓ ଦେଶର ସାମଗ୍ରିକ ବିକାଶ। ତାଙ୍କର ସ୍ନେହ ଶ୍ରଦ୍ଧା ପିଲାମାନଙ୍କ ପ୍ରତି ଅତ୍ୟନ୍ତ ଥିଲା। ସେଥିପାଇଁ ପିଲାମାନେ ତାଙ୍କୁ ସାର୍, ଅଙ୍କଲ, ଗ୍ରେଟ କଲାମ ସାର୍ ଓ ମ୍ୟାନ୍ ଅଫ୍ ଦି ନେସନ ଭାବରେ ଅଭିହିତ କରୁଥିଲେ। ତେଣୁ ତାଙ୍କର ୭୯ ତମ ଜନ୍ମ ଦିନକୁ ଜାତିସଂଘ ବିଶ୍ୱ ଛାତ୍ର ଦିବସ ଭାବେ ପାଳନ କରିଥିଲା। ଡ. କଲାମ ୨୦୧୫ ଜୁଲାଇ ୨୭ରେ ସିଲଂଠାରେ ଏକ ସଭାରେ ସମ୍ବୋଧିତ କରିବା ସମୟରେ ହୃଦ୍‌ଘାତରେ ୮୪ ବର୍ଷ ବୟସରେ ମହାପ୍ରୟାଣ ଲାଭ କଲେ। ତାଙ୍କର ପରଲୋକ ଗମନ ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇଥିଲା। ଜଣେ ଜ୍ଞାନୀ, ବିବେକୀ, ବିଦ୍ୱାନ, ବିଜ୍ଞାନୀ, ଧାର୍ମିକ ବ୍ୟକ୍ତି ଭାବରେ ବିଶ୍ୱବାସୀଙ୍କର ପ୍ରିୟ ଥିଲେ ଡ. କଲାମ।

ପାରାଦୀପଗଡ଼, କୁଜଙ୍ଗ,ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

## ଚିରନ୍ତନୀ

ମୁଁ ଯେ ବସିଛି ସିନ୍ଧୁ ଏ ପାରେ
ଯାହା ପଥ ଚାହିଁ
ସେପାରେ ଭ୍ରମଇ ସେ କି
ଅଧୀର ମୋ ପାଇଁ ?

-(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# 'ଆମ ହାତ ହିଁ ଆମର ଭବିଷ୍ୟତ'



"ଖାଇବା ପୂର୍ବରୁ ସାବୁନରେ ଭଲ କରି ହାତ ଧୋଇ ନେଲେ ରୋଗ ସଂକ୍ରମଣର ଆଶଙ୍କା ରହେନି। କାରଣ ଧୋଇବା ଫଳରେ ହାତ ମଇଳା ଓ ଜୀବାଣୁ-ଭୂତାଣୁ ମୁକ୍ତ ହୋଇଯାଏ। ଏହି ସାମାନ୍ୟ କଥାଟିକୁ ଅନେକେ ନ ବୁଝି ରୋଗ ଭୋଗିବା ଲାଗି ବାଧ ହୋଇଥାନ୍ତି।"

ଡା. ନିତ୍ୟାନନ୍ଦ ସ୍ୱାଇଁ

ପିଲାବେଳେ ଆମ୍ଭମାନଙ୍କୁ ଯେଉଁ ସବୁ ଅଭ୍ୟାସ ଶିକ୍ଷା ଦିଆଯାଇଥିଲା, ସେଥି ମଧ୍ୟରୁ ଭଲ ଭାବେ ହାତ ଧୋଇବା ଅନ୍ୟତମ। ଭାରତରେ ଏବଂ ବିଶ୍ୱର ବହୁ ଅନୁନ୍ନତ ଦେଶରେ ବେଶୀ ଭାଗ ପିଲାମାନଙ୍କ ପେଟରୋଗର କାରଣ ଅପରିଷ୍କାର ଜଳ ଏବଂ ଅପରିଷ୍କୃତ ହାତ। ଅପରିଷ୍କୃତ ହାତରେ ଖିଆପିଆ କଲେ ରୋଗ ସଂକ୍ରମଣର ଆଶଙ୍କା ବଢେ। କିନ୍ତୁ ଖାଇବା ପୂର୍ବରୁ ସାବୁନରେ ଭଲ କରି ହାତ ଧୋଇ ନେଲେ ସେହି ଆଶଙ୍କା ରହେନି। କାରଣ ଧୋଇବା ଫଳରେ ହାତ ମଇଳା ଓ ଜୀବାଣୁ-ଭୂତାଣୁ ମୁକ୍ତ ହୋଇଯାଏ। ଏହି ସାମାନ୍ୟ କଥାଟିକୁ ଅନେକେ ନ ବୁଝି ରୋଗ ଭୋଗିବା ଲାଗି ବାଧ ହୋଇଥାନ୍ତି।



ପେଟ ରୋଗ ବ୍ୟତୀତ ଅପରିଷ୍କୃତ ହାତ ଦ୍ୱାରା ଅନ୍ୟାନ୍ୟ ରୋଗ ମଧ୍ୟ ହୋଇଥାଏ। ସେଥି ମଧ୍ୟରେ ରହିଛି ଇନଫ୍ଲୁଏଞ୍ଜା, ସର୍ଦ୍ଦି, ନିଉମୋନିଆ ଇତ୍ୟାଦି।ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥାର ଏକ ଅନୁମାନ ଅନୁଯାୟୀ ବିକାଶଶୀଳ ଦେଶଗୁଡିକରେ ଶ୍ୱାସଜନିତ ରୋଗ ଏବଂ ପେଟ ରୋଗ କାରଣରୁ ଶିଶୁ ମୃତ୍ୟୁର ହାର କେବଳ ମାତ୍ର ସାବୁନ ଲାଗି ହାତ ଧୋଇବା ଭଳି ସାମାନ୍ୟ ପଦକ୍ଷେପ ଦ୍ୱାରା ଶତକଡା ୫୦ ଭାଗ ହ୍ରାସ କରିଦେବା ସମ୍ଭବ। ୟୁନିସେଫ ମତରେ ଖାଇବା ପୂର୍ବରୁ ଏବଂ ଶୌଚ କର୍ମ ପରେ ସାବୁନ ଲଗେଇ ହାତ ଧୋଇବାର ଅଭ୍ୟାସ ଯଦି ପିଲା ବୟସରୁ କରାଯାଏ, ତେବେ ତାହା ଯେ କୌଣସି ଟିକା ବା ଅନ୍ୟ କୌଣସି ଚିକିତ୍ସାଗତ ବ୍ୟବସ୍ଥାର ତୁଳନାରେ ଅନେକ ବେଶୀ ଜୀବନ ରକ୍ଷା କରିବା ପାଇଁ ସମର୍ଥ।

ଏହା ସ୍ୱାଭାବିକ ଯେ ଆମେ ହାତ ମାଧ୍ୟମରେ ହିଁ ଅନେକ କାମ କରିଥାଉ। ତେଣୁ ହାତ ସର୍ବଦା ଜୀବାଣୁ-ଭୂତାଣୁ ସଂସ୍ପର୍ଶରେ ଆସିବା ପାଇଁ ବାଧ ହୋଇଥାଏ। ନଖ ସନ୍ଧି ମଧ୍ୟ ଜୀବାଣୁ ଭୂତାଣୁ ଓ କୃମି ଅଣ୍ଡା ଲାଗି ରହିବା ପାଇଁ ପ୍ରକୃଷ୍ଟ ସ୍ଥାନ। ସେଥିପାଇଁ ଜୀବାଣୁ ଭୂତାଣୁ ପରଜୀବୀ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ସାବୁନ ମାରି ହାତ ଧୋଇବା ସଂକ୍ରମଣ ନିବାରଣର ଏକ ଉତ୍କୃଷ୍ଟ ଉପାୟ।

ସମ୍ପ୍ରତି କୋଭିଡ-୧୯ ମହାମାରୀରୁ ସୁରକ୍ଷିତ ରହିବା ନିମନ୍ତେ ବାରମ୍ବାର ହାତ ଧୋଇବା ଉପରେ ଖୁବ୍ ଗୁରୁତ୍ୱ ଆରୋପ କରାଯାଉଛି। କାଶିବା, ଛିଙ୍କିବା, ନାକ ପୋଛିବା, ମଇଳା ଜିନିଷ କି ଧୂଳି ପଡିଥିବା ଜିନିଷପତ୍ର ଛୁଇଁବା, ଟଙ୍କା ପଇସା ଗଣିବା ଓ ପୋଷାକପତ୍ର ବଦଳେଇବା ପରେ ପରେ ନିଶ୍ଚୟ ହାତ ଧୋଇବା ନିମନ୍ତେ ବାରମ୍ବାର ଚେତେଇ ଦିଆଯାଉଛି।

ସେ ଯାହା ହେଉ, ଜନସାଧାରଣଙ୍କ ମଧ୍ୟରେ ହାତ ଧୋଇବା ମାଧ୍ୟମରେ ସଂକ୍ରାମକ ରୋଗର ପ୍ରସାର ନିବାରଣ କରିବା ନିମନ୍ତେ ୨୦୦୮ ମସିହାଠାରୁ ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ପାଳିତ ହୋଇଆସୁଛି 'ବିଶ୍ୱବ୍ୟାପୀ ହାତଧୁଆ ଦିବସ'। ପ୍ରଥମ ବିଶ୍ୱବ୍ୟାପୀ ହାତଧୁଆ ଦିବସରେ ୭୦ଟି ଦେଶର ପ୍ରାୟ ୧୨ କୋଟି ଝିଅପୁଅ ସାବୁନ ଲଗେଇ ହାତ ଧୋଇ ଦିବସଟିକୁ ପାଳନ କରିଥିଲେ। ଏହି ଦିନଟିରେ ବିଭିନ୍ନ ଅନୁଷ୍ଠାନମାଧ୍ୟମରେ ରୋଗ ପ୍ରତିରୋଧ ଓ ଜୀବନରକ୍ଷା ନିମନ୍ତେ ନିୟମିତ ସାବୁନ ଲଗେଇ ହାତଧୋଇବାର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥାଏ।ମନେ ରଖନ୍ତୁ 'ଆମ ହାତ ହିଁ ଆମର ଭବିଷ୍ୟତ'।

-ମୋ:୮୩୨୮୯୭୫୧୧୮



## ଏ ବର୍ଷର ବାର୍ତ୍ତା
## 'ସମସ୍ତଙ୍କ ପାଇଁ ହାତର ସ୍ୱଚ୍ଛତା'

୨୦୦୮ ମସିହାଠାରୁ ପ୍ରତିବର୍ଷ ଅକ୍ଟୋବର ୧୫ରେ ପାଳିତ ହେଉଛି ବିଶ୍ୱ ହାତଧୁଆ ଦିବସ। ହାତଧୁଆକୁ ବିଶେଷ ଗୁରୁତ୍ୱ ଦିଆଯିବା ସହ ବିଶ୍ୱବ୍ୟାପୀ ଏହାର ସଚେତନତାକୁ ବ୍ୟାପକ କରାଯାଉଛି। କୋଭିଡ-୧୯ ମହାମାରୀ ଏହି ହାତ ଧୁଆର ଗୁରୁତ୍ୱକୁ ଆହୁରି ବଢାଇଛି। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ସମସ୍ତଙ୍କ ପାଇଁ ହାତର ସ୍ୱଚ୍ଛତା'। ଗବେଷଣା ତଥ୍ୟ ଅନୁଯାୟୀ, ୯୦ ପ୍ରତିଶତ ରୋଗ ସଂକ୍ରମିତ ହାତରୁ ସୃଷ୍ଟି ହୋଇଥାଏ। ତେଣୁ ଏହାକୁ ରୋକିବାକୁ ହେଲେ ନିୟମିତ ହାତକୁ ଭଲ ଭାବେ ଧୋଇବା ଜରୁରୀ।

**ହାତ ଧୋଇବାର ଠିକ୍ ଉପାୟ** | ସାନିଟାଇଜର କିମ୍ବା ସାବୁନରେ ଅତି କମରେ ୨୦ ସେକେଣ୍ଡ ପାଇଁ ଭଲ ଭାବେ ହାତ ଧୁଅନ୍ତୁ। ଏହା ପରେ ହିଁ ଜୀବାଣୁ ଏବଂ ମଇଳା ହାତରୁ ବାହାରିଯିବ। ହାତ ଧୁଅନ୍ତୁ ସୁସ୍ଥ ରୁହନ୍ତୁ।




## କେତେବେଳେ ଧୋଇବେ ହାତ

ଆମ ଚତୁଃପାର୍ଶ୍ୱରେ ଅନେକ ଜୀବାଣୁ ଅଛନ୍ତି, ଯାହା ଆମକୁ ଖାଲି ଆଖିରେ ଦେଖାଯାଆନ୍ତି ନାହିଁ। ଆମେ ଦିନସାରା ଅନେକ ଜିନିଷକୁ ଛୁଇଁଥାଉ। ଯେଉଁଥିପାଇଁ ଆମ ହାତରେ ଅନେକ ମଇଳା ଲାଗି ଥାଏ। ଯଦି ଆମେ ହାତ ନ ଧୋଇ ଖାଦ୍ୟ ଖାଇବା ବା ଆଖି, ନାକ, କାନରେ ଲଗାଇବା ତେବେ ଆମକୁ ନାନା ରୋଗ ହେବାର ଶତ ପ୍ରତିଶତ ଆଶଙ୍କା ଥାଏ। ଏବେ ସମଗ୍ର ବିଶ୍ୱରେ କରୋନା ମହାମାରୀ ଯେଉଁ ଆତଙ୍କ ଖେଳାଇଛି ତା'ର ଔଷଧ ବର୍ତ୍ତମାନ ସୁଦ୍ଧା ବାହାରି ନାହିଁ। ତେଣୁ ଡାକ୍ତରମାନେ ହାତ ଧୋଇବାକୁ ପରାମର୍ଶ ଦେଉଛନ୍ତି। ଫଳରେ ଏହି ରୋଗରୁ ଆମେ ଦୂରେଇ ରହି ପାରିବା।

**ତେବେ ଜାଣନ୍ତୁ କେତେବେଳେ ଭଲ ଭାବେ ହାତ ଧୋଇବା ଆବଶ୍ୟକ:**

- ଖାଇବା ପୂର୍ବରୁ ଏବଂ ପରେ ଭଲ ଭାବରେ ହାତକୁ ସାବୁନରେ ଧୁଅନ୍ତୁ। ଯଦି ଆପଣ ରୋଷେଇ କରିବାକୁ କିମ୍ବା କାହାକୁ ସେବା କରିବାକୁ ଯାଉଛନ୍ତି, ତେବେ ହାତ ଧୋଇ ଦିଅନ୍ତୁ।
- କୌଣସି ପଶୁପକ୍ଷୀଙ୍କୁ ଛୁଇଁବା ପରେ ହାତ ଧୁଅନ୍ତୁ।
- ନାକ ଏବଂ ପାଟିରେ ହାତ ମାରିବା ପୂର୍ବରୁ ଭଲ ଭାବରେ ହାତରେ ସାବୁନ କିମ୍ବା ସାନିଟାଇଜର ଲଗାନ୍ତୁ।
- ଡଷ୍ଟବିନକୁ ଛୁଇଁବା ପରେ ହାତ ଧୁଅନ୍ତୁ।
- ଶୌଚାଳୟରୁ ଆସିବା ପରେ ଭଲ ଭାବେ ହାତକୁ ସାବୁନରେ ଧୁଅନ୍ତୁ।
- ଯେକୌଣସି ଔଷଧ ଖାଇବା ପୂର୍ବରୁ ହାତ ଧୋଇ ଦିଅନ୍ତୁ।
- ଛୋଟ ପିଲାଙ୍କୁ ଧରିବା ପୂର୍ବରୁ ହାତ ଧୁଅନ୍ତୁ।
- ଛିଙ୍କିବା ପରେ ହାତ ଧୁଅନ୍ତୁ।




# ନାଳପାଣିରେ ଗ୍ରାମବାସୀ ଜଳବନ୍ଦୀ

ଦିଗପହଣ୍ଡି,୧୪।୧୦(ଡି.ଏନ୍.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଗାଁରେ ବୋଇରାଣୀ ନାଳର ବଢ଼ି ପାଣି ପଶିଯିବାରୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ନାଳପାଣି ନିଷ୍କାଶନ ନ ହୋଇ ଗଣିଆ ସାହି ରାସ୍ତାରେ ୨ ଫୁଟ ଉଚ୍ଚରେ ପାଣି ଜମି ରହିଛି। ଫଳରେ ସାହି ବାସିନ୍ଦା ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଏ ନେଇ ଲୋକେ ଦିଗପହଣ୍ଡି ବିଡିଓ ହଳଧର ଶବର ଏବଂ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ଜଣାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସନ୍ଧ୍ୟା ସୁଦ୍ଧା କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବଢ଼ି ପାଣି ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ନ ଥିବା ଯୋଗୁ ସାମାନ୍ୟ ବର୍ଷା ହେଲେ ଗାଁ ରାସ୍ତାରେ ପାଣି ଜମିରହୁଛି। ତେବେ ତୁରନ୍ତ ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଦିଗପହଣ୍ଡି ତହସିଲଦାରଙ୍କୁ ପଚାରିବାରୁ ଭ୍ରମରପୁର ସର୍କଲର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ସବିଶେଷ ରିପୋର୍ଟ ସଂଗ୍ରହ କରି ଫେରିଛନ୍ତି। ଖାଲୁଆ ଅଞ୍ଚଳରେ ବର୍ଷାପାଣି ନିଷ୍କାସନ ନ ହୋଇ ଜମି ରହିଥିବାରୁ ଏଭଳି ଅସୁବିଧା ହୋଇଥିବା କହିଛନ୍ତି।

**ସ୍ଥାୟୀ ସମାଧାନ ନ ହେଲେ ଆନ୍ଦୋଳନ**

# ଦୋକାନରୁ ଚୋରି, ୫ ଗିରଫ

କବିସୂର୍ଯ୍ୟନଗର,୧୪।୧୦

କବିସୂର୍ଯ୍ୟନଗର ପାଟସିଲା ସାହିର ଏକ ଲୁଗା ଦୋକାନରୁ ଗତ ୨୧ ତାରିଖରେ ଦେଢ଼ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବୁଧବାର ପୋଲିସ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କବିସୂର୍ଯ୍ୟନଗର ହରିଜନ ସାହିର ଗେଣ୍ଟୁ ପପୁ ନାୟକ, ସୁମନ ନାୟକ, ବ୍ରହ୍ମପୁର ଲୋଚାପଡାର ନରେଶ ଆଚାରୀ, ଆସିକା କୁମ୍ଭାରସାହିର କାହ୍ନୁ ଚରଣ ପଟ୍ଟନାୟକ, କେ.ରାଜେଶ ଆଚାରୀ। ସେମାନଙ୍କ ଠାରୁ ୨ଟି ଖଣ୍ଡା, ୪ ମୋବାଇଲ, ୪ ବାଇକ୍, ୩୨ହଜାର ଟଙ୍କା ଜବତ ହୋଇଥିବା ବେଳେ ଅନ୍ୟ ୩ଜଣ ଫେରାର୍ ଥିବା ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସୀମା ସ୍ୱାଇଁ, ଆଇଆଇସି ପ୍ରଭାତ କୁମାର ସାହୁ କହିଛନ୍ତି। ଅଭିଯୁକ୍ତମାନେ ଲୁଗା ଦୋକାନରେ ପଶି ବିଭିନ୍ନ ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟି ନେଇଥିଲେ। ଦୋକାନ ମାଲିକ ଥାନାରେ ଏତଲା ଦେଇଥିଲେ।

## ତଳସାହିକୁ ପକ୍କା ରାସ୍ତା ନିର୍ମାଣ ଦାବି

ଖଜୁରିପଡା/ବଲସକୁମ୍ପା,୧୪।୧୦(ଡି.ଏନ୍.ଏ.)

ଖଜୁରିପଡ଼ା ବ୍ଲକ ପିରିକୁଡି ପଞ୍ଚାୟତ ବେଡାଙ୍ଗପାଜୁ ଗ୍ରାମ ତଳସାହିକୁ ପକ୍କା ରାସ୍ତା ନାହିଁ। ଫଳରେ ବର୍ଷାଦିନେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ପକ୍କା ରାସ୍ତା ପାଇଁ ପଲ୍ଲୀସଭାରେ ରେଜୁଲେସନ୍ କରି ସରକାରଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁ ନ ଥିବା ସାହିଲୋକେ କହିଛନ୍ତି। ବର୍ଷାଦିନେ ରାସ୍ତା କର୍ଦ୍ଦମାକ୍ତ ହେବାରୁ ଗାଡିମୋଟର କିମ୍ବା ଆମ୍ବୁଲାନ୍ସ ଯାଇପାରୁନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମର ବିଶ୍ୱମ୍ବର ବେହେରା, ସୌଦାମିନୀ ବେହେରା, ଈଶ୍ୱର ଗଣ୍ଡା, ଶ୍ରୀକର ଗଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ହରଭଙ୍ଗୀ ବିସ୍ଥାପିତ ମହାସଂଘ ପକ୍ଷରୁ ସ୍ମାରକପତ୍ର

ପାରଳାଖେମୁଣ୍ଡି, ୧୪।୧୦ (ସ୍ୱ.ପ୍ର.)

ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ସ୍ଥିତ ହରଭଙ୍ଗୀ ବିସ୍ଥାପିତ ମହାସଂଘ ତରଫରୁ ୫ଦଫା ଦାବି ନେଇ ବୁଧବାର ଗଜପତି ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପାରଳାଖେମୁଣ୍ଡି ସ୍ଥିତ କାର୍ଯ୍ୟାଳୟ ଜିଲାପାଳଙ୍କୁ ଭେଟି ବିସ୍ଥାପିତ ସଂଘ ଏହି ସ୍ମାରକପତ୍ର ପ୍ରଦାନ କରିଛି।

ଦୀର୍ଘ ୨୩ ବର୍ଷ ହେବା ଅଡବା ହରଭଙ୍ଗୀ ଜଳସେଚନ ପ୍ରକଳ୍ପ ଦ୍ୱାରା ବିସ୍ଥିପତ ହୋଇଥିଲେ ମଧ୍ୟ ଆମ କଥା କେହି ବୁଝୁ ନାହାନ୍ତି। ପ୍ରଶାସନ ଆମ୍ଭମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ଦେଇ ଠକିଥିବା ସଂଘ ଅଭିଯୋଗ କରିଛି। ଏପରିକି ଦୀର୍ଘ ୨୩ ବର୍ଷ ହେଲା ଯେଉଁ ଜମିରେ ଚାଷ କରି ଚଳି ଆସୁଥିଲୁ, ସେ ଜମିକୁ କେତେଜଣ ଲୋକ ହଡପ କରିବା ଉଦ୍ଦେଶ୍ୟରେ ମିଥ୍ୟା ମୋକଦ୍ଦମା କରି ହଇରାଣ କରୁଛନ୍ତି। ସ୍ଥାନୀୟ ତହସିଲଦାର ସହଯୋଗ ନକରି ଅଯଥାରେ ହଇରାଣ କରୁଛନ୍ତି ବୋଲି ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏପରିକି ତହସିଲଦାର ସୂଚନା ଅଧିକାର ଆଇନରେ ମାଗିଥିବା ତଥ୍ୟ ମଧ୍ୟ ପ୍ରଦାନ କରୁନାହାନ୍ତି ବୋଲି ସଂଘ ସଦସ୍ୟମାନେ କହିଛନ୍ତି।

ଅଡବା ହରଭଙ୍ଗୀ ଜଳ ସେଚନ ପ୍ରକଳ୍ପ କାର୍ଯ୍ୟ ୧୯୮୦ରେ ଆରମ୍ଭ ହୋଇ ୧୯୯୮ରେ ଶେଷ ହୋଇଥିଲା। ବିସ୍ଥାପନ ସମୟରେ ସରକାର ପ୍ରତି ପରିବାରରୁ ଜଣକୁ ସରକାରୀ ଚାକିରି, ୧୦ଏକର ଚାଷ ଜମି, ଗୋରୁ, ଗଛ, କୂଅ ଇତ୍ୟାଦି କ୍ଷୟକ୍ଷତି ପାଇଁ କ୍ଷତିପୂରଣ ଓ ୫ ବର୍ଷ ପାଇଁ ଆର୍ଥିକ ସହାୟତା ଦେବାକୁ ଘୋଷଣା କଲେ। ତେବେ ତତ୍କାଳୀନ ଜଳସେଚନ ପ୍ରକଳ୍ପ କର୍ମଚାରୀଙ୍କ ଅସାଧୁ ପଣିଆ ଯୋଗୁ ସରକାରୀ ସହାୟତା ମିଳି ନଥିବା ସେମାନେ ଅଭିଯୋଗ କରିଛନ୍ତି। ଏହା ସହ ୫ଦଫା ଦାବି ପୂରଣ ପାଇଁ ଅନୁରୋଧ କରିଛନ୍ତି। ଦାବି ଗୁଡିକ ହେଲା ନୂଆ ବିସ୍ଥାପନ ନୀତି ଅନୁସାରେ ବିସ୍ଥାପିତଙ୍କୁ କ୍ଷତି ପୂରଣ, ପ୍ରତି ପରିବାରରୁ ଜଣକୁ ସରକାରୀ ଚାକିରି, ୧୦ ଏକର ଚାଷ ଜମି, ମୋକଦ୍ଦମା ଚାଲିଥିବା ଜମିରେ ଚାଷ କରିଥିବା ମକା ଅମଳ ପାଇଁ ଅନୁମତି ଦେବା ନଚେତ ପୂର୍ବରୁ ଚାଷ କରୁଥିବା ବା ପୈତୃକ ସମ୍ପତ୍ତି ଫେରସ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବିସ୍ଥାପିତ ମହାସଂଘର ନରସିଙ୍ଗ ମଳିକ, ମାଣ୍ଡୁଳା ମଳିକ, ବିଡା ମଳିକ, ପିତର ମଳିକ ପ୍ରମୁଖଙ୍କ ସମେତ ସଂଘର ବହୁ ସଦସ୍ୟ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।



ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ମହାସଂଘର ସଦସ୍ୟମାନେ।

DSPL - 79

ସ୍ୱଇଚ୍ଛାରେ ପ୍ଲାଜ୍‌ମା ଦାନ କରି ଗୁରୁତର କରୋନା ରୋଗୀଙ୍କୁ ନୂଆ ଜୀବନ ଦିଅନ୍ତୁ

କିଏ ପ୍ଲାଜ୍‌ମା ଦାନ କରିପାରିବେ
- ବୟସ ୧୮ ରୁ ୬୫ ବର୍ଷ
- ଓଜନ ୫୦ କି.ଗ୍ରା. ରୁ ଅଧିକ
- କରୋନା ସଂକ୍ରମଣରୁ ଆରୋଗ୍ୟ ହେବାର ୪ ସପ୍ତାହ ପରେ

କିଏ ପ୍ଲାଜ୍‌ମା ଦାନ କରିପାରିବେ ନାହିଁ
- ମଧୁମେହ ରୋଗୀ, କ୍ୟାନ୍‌ସର ରୋଗୀ ବା, କ୍ୟାନ୍‌ସରରୁ ଆରୋଗ୍ୟଲାଭ କରିଥିବା
- କିଡ୍‌ନୀ / ହାର୍ଟ / ଫୁସ୍‌ଫୁସ୍ / ଲିଭର ଜନିତ ରୋଗୀ
- କେବେବି ଗର୍ଭଧାରଣ କରିଥିବା ମହିଳା

ପ୍ଲାଜ୍‌ମା ଥେରାପି କରୋନା ଚିକିତ୍ସାର ଏକ ବଳିଷ୍ଠ ଉପାୟ। କରୋନାରୁ ସୁସ୍ଥ ହେବାର ୪ ସପ୍ତାହ ପରେ କଟକ, ବ୍ରହ୍ମପୁର, ବୁର୍ଲା, କୋରାପୁଟ ମେଡିକାଲ୍ କଲେଜ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ କିମ୍ବା ରାଉରକେଲା ଆଇ.ଜି.ଏଚ୍. ଠାରେ ପ୍ଲାଜ୍‌ମା ଦାନ କରି ଗୁରୁତର କରୋନା ରୋଗୀଙ୍କର ଜୀବନ ବଞ୍ଚାନ୍ତୁ। ପ୍ଲାଜ୍‌ମା ଦାନ ସମ୍ପୂର୍ଣ୍ଣ ନିରାପଦ।

OIPR-10003/13/0023/2021

ଆପଣ ଗୋଟିଏ ୟୁନିଟ୍ ପ୍ଲାଜ୍‌ମା ଦାନ କରି ଦୁଇଟି ଜୀବନ ବଞ୍ଚାଇପାରିବେ।




facebook.com/HFWOdisha
http://www.health.odisha.gov.in/
@HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

**ପାଇକାରୀ ମୁଦ୍ରାସ୍ଫୀତି ୧.୩୨%**

**ନୂଆଦିଲ୍ଲୀ:** ସେପ୍ଟେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୧.୩୨%କୁ ବୃଦ୍ଧି ଘଟିଛି। ଖାଦ୍ୟ ସାମଗ୍ରୀ ଦର ବଢ଼ିବା ଯୋଗୁ ଏଭଳି ସ୍ଥିତି ସାମ୍ନାକୁ ଆସିଛି। ଏହା ଗତ ବର୍ଷ ସେପ୍ଟେମ୍ବରରେ ୦.୩୩% ସ୍ତରରେ ରହିଥିଲା। ଅଗଷ୍ଟରେ ପାଇକାରୀ ମୁଦ୍ରାସ୍ଫୀତି ୦.୧୬% ସ୍ତରରେ ରହିଥିଲା। ଏପ୍ରିଲରେ ଏହା -୧.୫୭%, ମେରେ -୩.୩୭%, ଜୁନରେ -୧.୮୧% ଏବଂ ଜୁଲାଇରେ -୦.୫୮% ସ୍ତରରେ ରହିଥିଲା। ସେପ୍ଟେମ୍ବର ମାସରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ୮.୧୭% ରହିଥିବା ବେଳେ ଅଗଷ୍ଟରେ ଏହା ୩.୮୪% ସ୍ତରରେ ରହିଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଜାରି ଡାଟାରୁ ସାମ୍ନାକୁ ଆସିଛି।

# ହୋଣ୍ଡାର ସ୍ପେଶାଲ ଏଡିଶନ ଆମେଜ୍

**ଭୁବନେଶ୍ୱର,୧୪।୧୦**




ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ପକ୍ଷରୁ ସ୍ପେଶାଲ ଏଡିଶନ ଆମେଜ୍ ମଡେଲ ବଜାରକୁ ଆସିଛି। ପାର୍ବଣ ଉପଲକ୍ଷେ ଏହି ଫ୍ୟାମିଲ ସେଡାନକୁ କମ୍ପାନୀ ଉନ୍ମୋଚନ କରିଛି। ଏଥିରେ କମ୍ପାନୀ ଅନେକ ଆକର୍ଷଣୀୟ ଫିଚର ଯୋଡ଼ିଛି। ଏହାର ଲୋକପ୍ରିୟ ଏସ୍ ଗ୍ରେଡ ଏମ୍‌ଟି ଏବଂ ସିଭିଟି ଭର୍ସନରେ ଆସିଛି। ଉଭୟ ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନ ବିକଳ୍ପ ଏଥିରେ ରହିଛି। ନୂଆ ସ୍ପେଶାଲ ଏଡିଶନ ଆମେଜ୍‌କୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି କମ୍ପାନୀର ସେଲ୍‌ସ ଏବଂ ମାର୍କେଟିଂ ନିର୍ଦ୍ଦେଶକ ରାଜେଶ ଗୋୟଲ ସୂଚନା ଦେଇଛନ୍ତି। ଏଥିରେ ଅତ୍ୟାଧୁନିକ ଡିସ୍ପଲେ ଅଡିଓ ସିଷ୍ଟମ, ଉନ୍ନତ ବଡି ଗ୍ରାଫିକ୍ସ, ଷ୍ଟାଇଲ ସିଟ୍ କଭର ଏବଂ ସ୍ୱତନ୍ତ୍ର ଲୋଗୋ, ବ୍ୟାଜିଂ ରହିଛି। ଏହାର ଏକ୍ସ ଶୋ'ରୁମ ଦିଲ୍ଲୀ ମୂଲ୍ୟ ୭ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ମଡେଲଟି ଆକର୍ଷଣୀୟ ମୂଲ୍ୟରେ ଆସିଥିବାରୁ ଏହା ଦ୍ୱାରା ଗ୍ରାହକ ଉନ୍ନତ ଭାଲ୍ୟୁ ଲାଭ କରିପାରିବେ ବୋଲି ଆଶାବାଦି ରହିଥିବା ଗୋୟଲ କହିଛନ୍ତି।

# ସହଭାଗୀଙ୍କୁ ସମ୍ମାନିତ କଲା ସାମ୍‌ସଙ୍ଗ୍




ଭୁବନେଶ୍ୱର,୧୪।୧୦: ପ୍ରମୁଖ ଇଲେକଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ ଏହାର ପ୍ରେସିଡେଣ୍ଟ କ୍ଲବର ସହଭାଗୀମାନଙ୍କୁ ଚଳିତ ପାର୍ବଣ ଋତୁର କାରବାର ଆରମ୍ଭ କରିବା ସହ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରିଛି। ବୁଧବାର କମ୍ପାନୀ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏସ୍‌ପିଡି ଯୋଗେନ୍ଦ୍ର ହନ୍ସ (ପପୁ ହନ୍ସ) ଓ ଏ.ବିଏମ. ଅରିନ୍ଦମ ପାତ୍ର ସେଲ୍‌ନେଟ୍ ଏବଂ ୟୁନିକର୍ଣ୍ଣର ସହଭାଗୀ ଲୋକନାଥ ପାଢ଼ୀ ଓ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ସାମସଙ୍ଗ ପକ୍ଷରୁ ନୋଟ-୨୦ ଅଲ୍‌ଟ୍ରା, ଗାଲାକ୍ସି ୱାଚ-୩ ଏବଂ ଗାଲାକ୍ସି ବଡ୍ ଭଳି ଆକର୍ଷଣୀୟ ଉପହାରମାନ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଚଳିତ ପାର୍ବଣ ପାଇଁ କମ୍ପାନୀ ପକ୍ଷରୁ ଅଂଶୀଦାରଙ୍କୁ ଶୁଭକାମାନ ଜଣାଯାଇଛି। ଅଂଶୀଦାରଙ୍କ କ୍ରମାଗତ ସହଯୋଗ ଓ କାରବାରର ଉଚ୍ଚତମ ଯୋଗଦାନ ବେଶ ସହାୟ ହୋଇପାରିଛି ବୋଲି ସାମ୍‌ସଙ୍ଗ ପକ୍ଷରୁ ସୂଚନା ଦିଆଯାଇଛି।

# ଓଡ଼ିଶା ବଜାରରେ ନୂଆ ମହିନ୍ଦ୍ରା ଥାର୍




**ଭୁବନେଶ୍ୱର,୧୪।୧୦**

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ ପକ୍ଷରୁ ଓଡିଶା ବଜାରରେ ନୂଆ 'ଥାର୍' ମଡେଲ ପ୍ରବେଶ କରାଯାଇଛି। ସ୍ଥାନୀୟ ଉତ୍କଳ ଅଟୋମୋବାଇଲ ଶୋ'ରୁମ ଠାରେ ନିର୍ଦ୍ଦେଶକ ସୌନକ ପାରେକ ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଏଏସ୍‌ଏମ୍ ମନୋଜ ମହାପାତ୍ର ନୂଆ ଯାନଟିକୁ ଉନ୍ମୋଚନ କରିଥିଲେ। ମହିନ୍ଦ୍ରା ଗ୍ରୁପର ୭୫ ବର୍ଷ ପୂର୍ତ୍ତୀ ପାଳନ ଅବସରରେ ଏହି ଏସ୍‌ୟୁଭି ମଡେଲଟିକୁ ବଜାରକୁ ଛଡାଯାଇଛି। ଏହା ଏଏକ୍ସ ଏବଂ ଏଲ୍‌ଏକ୍ସ ଭଳି ୨ଟି ଟ୍ରିମରେ ଉପଲବ୍ଧ ହେଉଛି। ଏହାର ଏକ୍ସଶୋ'ରୁମ ବଜାର ଦର ୯.୮୦ ଲକ୍ଷ ଟଙ୍କାରୁ ୧୨.୪୯ ଲକ୍ଷ ଟଙ୍କା ରହିଛି। ଯାନଟିରେ ଗ୍ରାହକ ସଦ୍ୟତମ ଷ୍ଟାଇଲ, ପରଫରମାନ୍ସ, ଆରାମ, ଟେକ୍ନୋଲୋଜି ଏବଂ ନିରାପତ୍ତା ଲାଭ କରିପାରିବେ। ମହିନ୍ଦ୍ରାର ଗୌରବମୟ ଇତିହାସକୁ ବଜାୟ ରଖି ନୂଆ ଥାର ବଜାରକୁ ଆସିଥିବା ପାରେଖ ଏହି ଅବସରରେ ସୂଚନା ଦେଇଛନ୍ତି। ଅଫ୍ ରୋଡ ଡ୍ରାଇଭିଂ ଅଭିଜ୍ଞତାକୁ ଉନ୍ନତ କରିବା ସହ ନୂଆ ଏବଂ କମ୍ପାନୀ ସହ ଥିବା ଗ୍ରାହକଙ୍କ ମନ ଜିଣିବାରେ ଏହା ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ସୂଚନା ଯୋଗ୍ୟ, ଗତ କିଛି ଦିନ ତଳେ ଏହି ମଡେଲ ଭାରତ ବଜାରରେ ପ୍ରବେଶ କରିଥିବା ବେଳେ ଏହା ବିଏସ୍-୬ ଇଞ୍ଜିନ ସହ ଆସିଛି।

# ଇମ୍ଫାକୁ ସମ୍ମାନଜନକ ଫିମି ପୁରସ୍କାର

**ଭୁବନେଶ୍ୱର,୧୪।୧୦**

ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ (ଇମ୍ଫା)କୁ ଏହାର ମହାଗିରି ମାଇନ୍ସ (କ୍ରୋମାଇଟ) ପାଇଁ ଫେଡେରେସନ ଅଫ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ (ଫିମି)ଦ୍ୱାରା ସମ୍ମାନଜନକ ହିନ୍ଦୁସ୍ଥାନ ଜିଙ୍କ୍ ହେଲଥ ଆଣ୍ଡ ସେଫ୍ଟି ଆୱାର୍ଡ ୨୦୧୯-୨୦ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଛି। ଭୂତଳ ଖଣି ବର୍ଗରେ ଉତ୍ତମ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା ପ୍ରଦର୍ଶନ ପାଇଁ ମହାଗିରି ମାଇନ୍ସ (କ୍ରୋମାଇଟ)କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଇମ୍ଫା ପକ୍ଷରୁ ଏହାର ବରିଷ୍ଠ ଭିପି ତଥା ହେଡ ଅଫ ମାଇନ୍ସ ବିଜନେସ ୟୁନିଟର ସଞ୍ଜିବ ଦାସ ବୁଧବାର ନୂଆଦିଲ୍ଲୀସ୍ଥିତ ଫିମି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଭର୍ଚୁଆଲ ସମାରୋହରେ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଖଣି ଓ କୋଇଲା ମନ୍ତ୍ରଣାଳୟ ସଚିବ ଅନୀଲ କୁମାର ଜୈନଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ଇମ୍ଫାର ମ୍ୟାନେଜିଂ ଡାଇରେକ୍ଟର ଶୁଭ୍ରକାନ୍ତ ପଣ୍ଡା କହିଥିଲେ ଯେ, ଆମେ ଆମର ସ୍ୱାସ୍ଥ୍ୟ, ନିରାପତ୍ତା ଓ ପରିବେଶ (ଏଚଏସଇ)ର କାର୍ଯ୍ୟଧାରାକୁ ନେଇ ଗୌରାବନ୍ୱିତ। ଏହି ସ୍ୱୀକୃତି ଆଗକୁ ନେବା ସହ ଉତ୍ସାହିତ ମଧ୍ୟ କରିବ ଏଥିଲାଗି ମୁଁ ଭାରତ ସରକାରଙ୍କ ଖଣି ଓ କୋଇଲା ମନ୍ତ୍ରଣାଳୟର ସଚିବ ଏବଂ ଫିମି କର୍ତ୍ତୃପକ୍ଷଙ୍କ ନିକଟରେ କୃତଜ୍ଞ।

# ଏସ୍‌ବିଆଇ ପକ୍ଷରୁ କୋଭିଡ୍ କିଟ୍ ପ୍ରଦାନ




**ଭୁବନେଶ୍ୱର,୧୪।୧୦**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସ୍ଥାନୀୟ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ କୋଭିଡ୍ କିଟ୍ ପ୍ରଦାନ କରାଯାଇଛି। ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ରୁମା ଦେ ଏହାର ମୁଖ୍ୟ କାର୍ଯ୍ୟାଳୟରେ ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁଙ୍କୁ ଏହି କୋଭିଡ୍ ସ୍ୱାସ୍ଥ୍ୟ ସରଞ୍ଜାମକୁ ପ୍ରଦାନ କରିଥିଲେ। ମହାମାରୀ ସମୟରେ ନିଜ ଜୀବନକୁ ପଛରେ ପକାଇ କୋଭିଡ୍ ସଂକ୍ରମିତଙ୍କୁ ଚିକିତ୍ସା ଯୋଗାଇ ଦେଉଥିବା ଡାକ୍ତର, ନର୍ସ ଏବଂ ବିଭିନ୍ନ ବର୍ଗର ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମଚାରୀଙ୍କ ସୁରକ୍ଷା ପାଇଁ ଏହି କିଟ୍ କାର୍ଯ୍ୟରେ ଆସିପାରିବ। ଏହି ଅବସରରେ ଏସ୍‌ବିଆଇର ମହାପ୍ରବନ୍ଧକ ଏନ୍‌ଡବ୍ଲ୍ୟୁ-୧ ସିଏନ୍‌ଏଲ୍ ଚାରିୟୁଲ, ମହାପ୍ରବନ୍ଧକ ଏନଡବ୍ଲୁ-୨ ବିଜୟ କୁମାର କୁଜୁର, ସହାୟକ ମହାପ୍ରବନ୍ଧକ ଏଡଡିଥ ଏକ୍କା, ଉପମହାପ୍ରବନ୍ଧକ ଏବଂ ମଣ୍ଡଳ ଉନ୍ନୟନ ଅଧିକାରୀ ଅନୁପ କୁମାର ସିହ୍ନା, ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଏପ୍ରିଲ ପହିଲାରୁ ଶ୍ରମ କୋଡ୍ ଲାଗୁ କରିବାକୁ ଯୋଜନା

**ନୂଆଦିଲ୍ଲୀ,୧୪।୧୦:** ଏପ୍ରିଲ ପହିଲାରୁ ସାରା ଦେଶରେ ନୂଆ ଶ୍ରମ କୋଡ୍ ଲାଗୁ କରାଇବା ଲାଗି ଯୋଜନା ରଖିଛନ୍ତି। ଏ ନେଇ ବର୍ତ୍ତମାନ ବିଭିନ୍ନ କାର୍ଯ୍ୟଧାରା ଜାରି ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମକୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସାରିବାକୁ ଯୋଜନା ରଖାଯାଇଛି ବୋଲି କେନ୍ଦ୍ର ଶ୍ରମ ଏବଂ ନିୟୋଜନ ସଚିବ ଅପୂର୍ବ ଚନ୍ଦ୍ର ସୂଚନା ଦେଇଛନ୍ତି। ନୂଆ ଶ୍ରମ ଆଇନରେ ଶିଳ୍ପଗୁଡିକ କର୍ତ୍ତୃପକ୍ଷଙ୍କୁ ସିଙ୍ଗଲ ରିଟର୍ନ ଫାଇଲ କରିବେ। ଏ ଦିଗରେ ରାଜ୍ୟଗୁଡ଼ିକ ସେମାନଙ୍କ ନିୟମ ୨୦୨୧ ମାର୍ଚ୍ଚ ସୁଦ୍ଧା ପ୍ରଣୟନ କରିବେ। ଅଧିକାଂଶ ସଂସ୍ଥା ରାଜ୍ୟ ସ୍ତରରେ କାମ କରୁଥିବାରୁ ଏ କ୍ଷେତ୍ରରେ ରାଜ୍ୟର ବେଶି ପ୍ରଭାବ ରହିବ। ସେହିଭଳି କୋଇଲ, ଖଣି, ବ୍ୟାଙ୍କିଙ୍ଗ୍, ବେସାମରିକ ବିମାନ ଚଳାଚଳ ଭଳି କ୍ଷେତ୍ରଗୁଡିକ ଲାଗି ଶ୍ରମ ଆଇନ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ପ୍ରଣୟନ ହେବ ବୋଲି ସୂଚନା ରହିଛି। ଏହା ଉପରେ ମତାମତ ପ୍ରଦାନ କରିବା ଲାଗି ୪୫ ଦିନର ସମୟ ପ୍ରଦାନ କରାଯିବ। ନୂଆ କୋଡ୍‌କୁ ଯେଭଳି ଠିକ୍ ସମୟରେ କାର୍ଯ୍ୟକାରୀ କରାଯାଇପାରିବ ସେ ଦିଗରେ କେନ୍ଦ୍ର ସରକାର ତତ୍ପରତା ଦେଖାଇଛନ୍ତି। ଏ ନେଇ ଶ୍ରମ ସଚିବ ପ୍ରତି ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିବା ଜଣାପଡିଛି।


**ODISHA PUBLIC SERVICE COMMISSION**
19, Dr. P.K. Parija Road, Cuttack - 1
**NOTICE**
**No. 5427/PSC** **Dt.14.10.20**

No. D-85: It is for information of all concerned that, as per the provisions laid down at Para - 6 of the advertisement No. 18 of 2019-20, the Commission have shortlisted the eligible candidates for certificate/document verification for recruitment to the Post of Lecturer in the discipline of **History** in Group-A of Odisha Education Service (College Branch), Pursuant to Advt. No. 18 of 2019-20. Hence, the candidates are advised to visit the website of the Commission at **http://opsc.gov.in** for detail information.

**Sd./- Secretary**
OIPR-12002/11/0040/2021

GOVT. OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
email: se_nerwkjr@rediffmail.com
"e" Procurement Notice for Road Works under Periodical Maintenance
Identification No. Road Online NCB No. 278
No. 1827 // Date: 08-10-2020

No.O-459:- 1. Name of the work :- Road works under Periodical Maintenance Works taken up during 2020-21 in the District of Keonjhar. 2. No. of works :- 02 (Two) Nos. 3. Estimated Cost :- As per Annexure in NIT. 4. Class of Contractor (Eligible) :- As per Annexure in NIT. 5. Period of Completion :- As per Annexure in NIT. 6. Other details :-

| Procurement Officer | Bid identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjahar | |
|---|---|---|---|---|---|---|
| | | From | To | | Technical bid | Financial bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural works Circle, Konjhar | Road Online NCB No.278 | Dt.19.10.20 at 11.00 A.M. | Dt.02.11.20 upto 3.00 P.M. | Dt.01.11.20 upto 3.00 P.M. | Dt.03.11.20 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in.
Sd./- P.K. Misra, Superintending Engineer, N.E.R.W. Circle, Keonjhar
OIPR-25048/11/0005/2021

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୦୫ H-47/99 ତା: ୦୯।୧୦।୨୦୨୦
**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ଅମର କୁମାର ମହାନ୍ତି, ପି.– ୰କ୍ଷେତ୍ରବାସୀ ମହାନ୍ତି, ସା– ପୁରୀ, ପୋ– ପୁରୀ, ଥାନା: ପୁରୀ, ଜିଲ୍ଲା: ପୁରୀ | ଭି.ଆଇ.ଏମ୍.–୪୭୮, ପର୍ଯ୍ୟାୟ–୬, ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ, ଭୁବନେଶ୍ୱର | ୧. ଲିଲି ମହାନ୍ତି (ସ୍ତ୍ରୀ), ୨. ଇଶା ମହାନ୍ତି (ବି. କନ୍ୟା), ୩. ଅଶ୍ୱିନ ମହାନ୍ତି (ବି. କନ୍ୟା) |

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

GOVERNMENT OF ODISHA
**HIGHER EDUCATION DEPARTMENT**
Pustak Bhawan (2nd Floor), A-11, Suka Vihar, Bhubaneswar - 751022
**CORRIGENDUM**
RFP No. OHEPEE/RFP/01/2020-21
Issued dated 23rd September 2020

No. N-42: A corrigendum has been issued for the RFP "Third Party Quality Monitoring (TPQM) of the covil works under OHEPEE" earlier issued by the Project Management Unit (PMU), OHEPEE, Higher Education Department, Government of Odisha vide RFP No. OHEPEE/RFP/01/2020-21, dated 23rd September 2020. Interested firms are requested to visit **www.odisha.gov.in** and **www.dheodisha.gov.in** or notice board of the above mentioned office addresses for details of the corrigendum.

**Sd./- State Project Director, OHEPEE**
OIPR-11001/11/0021/2021

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o . GENERAL MANAGER (Elect.), EHT O&M DIVISION, JAYANAGAR
CIN: U40102OR2004SGC007553
No. CAD-594
**NOTICE INVITING TENDER**

Sealed tenders are invited from registered contractors having Valid Licence, PAN & GSTIN for Tender call no:- 8(A) Supply of different line materials for 132 kV TL S/D, Jayanagar (B) Supply of different AMC materials for different Grid S/S (C) Hydrant point for different locations of grid S/S, Dabugaon.
**Cost of the tender paper:** Rs. 672/- (Non-refundabale) in shape of cash
**EMD:** @1% of quoted amount in the shape of DD/Cash.
**Sale of Tender** :15.10.2020 to 27.10.2020 Up to 12.00Noon
**Last date of submission:**27.10.2020 (Up to 04.00 PM)
**Tender opening:** 27.10.2020 at 04.30 PM
For more details/corrigendum please visit : www.optcl.co.in

FIPR-12/2020-21 OIPR-04011/11/0018/2021 Sd/- General Manager (Elect.)

**DIRECTORATE OF HANDICRAFTS & COTTAGE INDUSTRIES, ODISHA**
BARRACK NO. 12(A), UNIT - V, BHUBANESWAR
**TENDER CALL NOTICE**
**No. 4836** **Dtd.14.10.2020**

No. PP-12: The Directorate of Handicrafts & Cottage Industries, Odisha, Bhubaneswar is Organizing Handicraft Exhibitions inside the State during the year 2020-21. Sealed quotations are invited from registered event management firms/decorators having valid GST registration Certificate for designing, fabrication and erection of stalls with allied activities. The firm must have executed 2 (two) Nos. of assignment for design and erection of Stalls/ Pavilions worth Rs.15 lakhs each (Rupees fifteen lakhs only) or above for PSUs Central Govt./State Govt. during the Financial year **(2017-18, 2018-19 & 2019-20)**. The firms need to apply in 2 bids for the above events to be organized during the year 2020-21. The 1st bid will be Technical Bid containing documents of experience in executing similar works, copies of GST Registration Certificate & Income Tax registration, EMD & IT return for last 2 years. The 2nd Bid will be the financial bid containing the quoted rate of the firm as per schedule. The bid papers containing schedule of work, specification, terms & conditions with model sketches can be available in the office of the undersigned on all working days from 15.10.2020 to 20.10.2020 (upto 5.00 P.M.) for an amount of Rs.1,000/-. The last date for submission of the quotations at this office is 21.10.2020 (upto 1.00 P.M.). The quotations will be opened in presence of the bidders or their authorized representatives on 21.10.2020 at 4.00 P.M.

**Sd./- Director of Handicrafts & Cottage Industries, Odisha**
OIPR-43002/11/0003/2021

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

PM ଯୋଜନା ଅଧୀନରେ
Megma Finance Ltd.
ଆଧାରକାର୍ଡ ଏଗ୍ରିକଲ୍ଚର ମାର୍କଶିଟ୍ ପର୍ସନାଲ ପ୍ରପର୍ଟି ଗ୍ରୁପ୍
ଋଣ ମାତ୍ର 24 ଘଣ୍ଟାରେ ଘରେ ବସି
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8901314495
8395921265
B-34/7 A Block Vijay Enclave, Bururi, New Delhi

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।। ୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା–ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
CAPITAL FINANCE
୧୯୮୨ରୁ ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ (Reg.No.AND6590B001)
ମାର୍କସିଟ, ହୋମଲୋନ, ପର୍ସନାଲ, ସମ୍ପତି, ଆଧାରକାର୍ଡ, ପଶୁପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
8765102561

AMBA Finance
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବଜ୍ରପାତରେ ୨ ମୃତ

**ନୟାଗଡ଼ ଅଫିସ/ଦଶପଲ୍ଲା(ଡି.ଏନ୍.ଏ.):** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଡିହଗାଁରେ ବୁଧବାର ବଜ୍ରପାତ ଘଟି ଜଣେ ଚାଷୀ ଓ ଅନ୍ୟଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉଦ୍ୟନାଥ ପ୍ରଧାନ (୮୦) ଓ ଆଶାମଣି ସାହୁ (୫୫)। ଲଗାଣ ବର୍ଷା ଲାଗିରହିଥିବାବେଳେ ଉଭୟ ବୁଧବାର ଭୋରରେ ବିଲକୁ ଯାଉଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେମାନେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ପାର୍ବଣ ଋତୁରେ ସତର୍କ ରହିବାକୁ ଆହ୍ୱାନ

ଭୁବନେଶ୍ୱର,୧୪।୧୦(ବ୍ୟୁରୋ)

**କୋଭିଡ୍ ପରିଚାଳନାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ**
- ଅର୍ଥନୈତିକ କାର୍ଯ୍ୟକଳାପରେ ବାଧା ସୃଷ୍ଟିକଲେ ପଦକ୍ଷେପ
- ରାଜ୍ୟରେ ଆରୋଗ୍ୟ ହାର ୯୧%ରେ ପହଞ୍ଚିଛି
- ଭୁବନେଶ୍ୱରରେ ସେରୋ ସର୍ଭେ ଆରମ୍ଭ ନେଇ ସ୍ୱାସ୍ଥ୍ୟ ସଚିବଙ୍କ ସୂଚନା

କୋଭିଡ୍ ପରିଚାଳନାରେ ଓଡ଼ିଶାର ସମସ୍ତ ସୂଚକାଙ୍କ ଜାତୀୟ ହାରଠାରୁ ଭଲ ରହିଛି। ଅଧିକାଂଶ ଜିଲାରେ ନୂଆ ସଂକ୍ରମଣ କମୁଛି। କଟକ, ଖୋର୍ଦ୍ଧା, ପୁରୀ ଭଳି ଅଧିକ ସଂକ୍ରମଣ ଥିବା ଜିଲାଗୁଡ଼ିକରେ ମଧ ପରିସ୍ଥିତିର ଉନ୍ନତି ଆସିଛି। ଆଗକୁ ପାର୍ବଣ ଏବଂ ତା'ପରେ ଶୀତ ଋତୁର ପ୍ରଭାବ ଆସୁଛି। ତେଣୁ ପ୍ରଶାସନକୁ ସତର୍କ ରହି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଏବଂ କୋଭିଡ୍ ନିୟମାବଳୀକୁ ଦୃଢ ଭାବରେ କାର୍ଯ୍ୟକାରୀ କରିବାକୁ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ କୋଭିଡ୍ ପରିଚାଳନାର ସମୀକ୍ଷା କରି ବରିଷ୍ଠ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି।

କେରଳର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, କୋଭିଡ୍ ପରିଚାଳନାରେ କେରଳ ଭଲ ପ୍ରଦର୍ଶନ କରିଆସୁଥିଲା। ମାତ୍ର ଓନାମ୍ ଉତ୍ସବ ପରେ ସବୁକିଛି ବଦଳି ଯାଇଛି। ସଂକ୍ରମଣ ବହୁ ପରିମାଣରେ ବଢିଯାଇଛି। ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ମଧ ସଂକ୍ରମଣର ଦ୍ୱିତୀୟ ୱେଭ୍ ଦେଖାଦେଇଛି। ସାମାନ୍ୟ କୋହଳ କଲେ ପରିସ୍ଥିତି ଗମ୍ଭୀର ହେବାର ଆଶଙ୍କା ରହିଛି। ତେଣୁ ପ୍ରଶାସନ କୋଭିଡ୍ ନିୟମର କଡ଼ାକଡ଼ି ପାଳନ ଉପରେ ଧ୍ୟାନଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅର୍ଥନୈତିକ କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ଠିକ୍ ସମୟରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଞ୍ଜି ବିନିଯୋଗର ଲାଭ ଯେପରି ଲୋକମାନେ ପାଇପାରିବେ, ସେଥିପ୍ରତି ଦୃଷ୍ଟି ଦେବାସହ ଏମ୍‌ଜିଏନ୍‌ଆର୍‌ଇଜିଏ, ମିଶନ ଶକ୍ତି ଓ ଜୀବିକା ମିଶନ ଆଦି ଜୀବିକା କାର୍ଯ୍ୟକ୍ରମଗୁଡ଼ିକୁ ମଧ ଉପଯୁକ୍ତ ପ୍ରାଧାନ୍ୟ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଶିଳ୍ପ, ଖଣି, ନିର୍ମାଣ ସେବା, ପରିବହନ ଭଳି ସବୁ କ୍ଷେତ୍ରରେ ଅର୍ଥନୈତିକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦିଆଯିବ। ଏ କ୍ଷେତ୍ରରେ କୌଣସି ବାଧାକୁ ବରଦାସ୍ତ କରାଯିବ ନାହିଁ। ଯେକୌଣସି ଅର୍ଥନୈତିକ କାର୍ଯ୍ୟକଳାପରେ ବାଧା ସୃଷ୍ଟି କରାଗଲେ ଦୃଢ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବୈଠକରେ ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ ବର୍ତ୍ତମାନ ଡାକ୍ତରଖାନା ଉପରେ ଚାପ ହ୍ରାସ ପାଉଥିବା କହିଥିଲେ। ଆଣ୍ଟିଭାଇରାଲ ଟାବ୍‌ଲେଟ୍ 'ଫାଭିପିରାଭିର୍' କୋଭିଡ୍ ଚିକିତ୍ସାରେ ଭଲ କାମଦେଉଥିବା ସେ କହିଥିଲେ। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର କଟକ, ଖୋର୍ଦ୍ଧା ଓ ପୁରୀରେ ସଂକ୍ରମଣ କମୁଥିବା ସୂଚନା ଦେଇଥିଲେ। ରାଜ୍ୟରେ ଆରୋଗ୍ୟ ହାର ୯୧ ପ୍ରତିଶତରେ ପହଞ୍ଚିଛି ଏବଂ ଓଡିଶା ଏ କ୍ଷେତ୍ରରେ ଦେଶର ପ୍ରଥମ ୫ଟି ରାଜ୍ୟ ମଧ୍ୟରେ ରହିଛି। ଭୁବନେଶ୍ୱରରେ ବୁଧବାରଠାରୁ ସେରୋ ସର୍ଭେ ଆରମ୍ଭ କରାଯିବା ନେଇ ମହାପାତ୍ର ସୂଚନା ଦେଇଥିଲେ।

କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନ ପାଇଁ ପୋଲିସ ନେଇଥିବା ପଦକ୍ଷେପ ସମ୍ପର୍କରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ସୂଚନା ଦେଇଥିଲେ। ପୋଲିସ ଓ ଅଗ୍ନିଶମ ସେବା କର୍ମଚାରୀ ବର୍ତ୍ତମାନ ସୁଦ୍ଧା ୪୦୦ ୟୁନିଟ୍ ପ୍ଲାଜମା ଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। 'ମୋ ସରକାର' କାର୍ଯ୍ୟକ୍ରମରେ ବରିଷ୍ଠ ଅଧିକାରୀମାନେ କୋଭିଡ୍ ରୋଗୀଙ୍କ ଠାରୁ ପାଇଥିବା ମତାମତ ଭିତ୍ତିରେ ପଦକ୍ଷେପ ନେବାକୁ ବୈଠକରେ ସ୍ଥିର କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏହି ବୈଠକକୁ ସଞ୍ଚାଳନ କରିଥିଲେ।



ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ତୀବ୍ର ଅବପାତରେ ପରିଣତ ହୋଇଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବା ପାଇଁ ବାରଣ କରାଯାଇଛି। ସେଥିଲାଗି ବୁଧବାର ପୁରୀ ବେଳାଭୂମିରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ରଖାଯାଇଛି।

## ସଂକ୍ଷେପରେ

### ୧୦ସରକାରୀ ଓକିଲ ନିଯୁକ୍ତ

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ବୁଧବାର ୫ଜଣ ଅତିରିକ୍ତ ସରକାରୀ ଓକିଲ ଏବଂ ୫ଜଣ ଅତିରିକ୍ତ ଷ୍ଟାଣ୍ଡିଂ କାଉନ୍‌ସେଲ୍‌ଙ୍କୁ ନିଯୁକ୍ତି ମିଳିଛି। ଏଚ୍.ଏମ୍ ଧଳ, ରବି ନାରାୟଣ ମିଶ୍ର, ଶିବାନୀ ଶଙ୍କର ପ୍ରଧାନ, ଅଭୟ କୁମାର ଶର୍ମା ଏବଂ ସରୋଜ କାନ୍ତ ସାମଲଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଦୀପକ ରଞ୍ଜନ ପରିଡ଼ା, ସଚ୍ଚିଦାନନ୍ଦ ନାୟକ, କରୁଣାକର ଗୟା, ରାଜେଶ ତ୍ରିପାଠୀ ଏବଂ ପ୍ରଣୟ କୁମାର ମହାରାଜଙ୍କୁ ଅତିରିକ୍ତ ଷ୍ଟାଣ୍ଡିଂ କାଉନ୍‌ସେଲ୍ ଭାବେ ନିଯକ୍ତି ମିଳିଛି। ଏମାନେ ସରକାରଙ୍କ ତରଫରୁ ବିଭିନ୍ନ ମାମଲା ହାଇକୋର୍ଟରେ ପରିଚାଳନା କରିବେ। ଏମାନଙ୍କୁ ଲ' ଅଫିସର୍ସ ଅଫ୍ ଦି ହାଇକୋର୍ଟ ରୁଲ୍‌ସ ଅନୁସାରେ ସରକାରଙ୍କ ତରଫରୁ ଅନୁଦାନ ସହ ଅନ୍ୟାନ୍ୟ ସୁବିଧା ମିଳିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ଶରତଙ୍କ ମୃତଦେହ ସ୍ୱର୍ଗଦ୍ୱାର ଅନୁମତି ଦିଆ ନ ଯିବା ଘଟଣା

### ମୁଖ୍ୟମନ୍ତ୍ରୀଙ୍କୁ ନିରଞ୍ଜନଙ୍କ ଚିଠି

**ଭୁବନେଶ୍ୱର, ୧୪।୧୦(ବ୍ୟୁରୋ):** ସ୍ୱର୍ଗତ ଶରତ କୁମାର କର ଜଣେ ବରିଷ୍ଠ ରାଜନେତା ଥିବା କଥାକୁ କେହି ଅସ୍ୱୀକାର କରିବେ ନାହିଁ। ବିଧାୟକ, ମନ୍ତ୍ରୀ, ଏମ୍‌ପି ଏପରିକି ସେ ବିଧାନସଭା ବାଚସ୍ପତି ମଧ ଥିଲେ। ତାଙ୍କ ଦେହତ୍ୟାଗ ପରେ ଅନ୍ତିମ ଇଚ୍ଛା ମୁତାବକ ମରଶରୀରକୁ ସ୍ୱର୍ଗଦ୍ୱାର ନେବା ପାଇଁ ସରକାରଙ୍କୁ ତାଙ୍କ ପିଲାମାନେ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ କ୍ଷେତ୍ରରେ ସରକାର ସ୍ୱର୍ଗଦ୍ୱାରା ପାଇଁ ଅନୁମତି ଦେଉଥିଲା ବେଳେ ଶରତବାବୁଙ୍କ ଶରୀର ଦାହ ପାଇଁ କାହିଁକି ଅନୁମତି ମିଳିଲା ନାହିଁ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବୁଧବାର ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରିଛନ୍ତି। ନିରଞ୍ଜନ କହିଛନ୍ତି, ବହୁ ଲୋକଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯାଉଛି। କିନ୍ତୁ ତାଙ୍କ ଭଳି ଜଣେ ବିଶିଷ୍ଟ ଲୋକଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଗଲା ନାହିଁ ଏକଥା ମୁଖ୍ୟମନ୍ତ୍ରୀ ଜାଣନ୍ତି କି ନାହିଁ କହିପାରିବି ନାହିଁ। ଯଦି ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ଜାଣିନାହାନ୍ତି ତେବେ ଦୟାକରି ଏହାର କାରଣ ବୁଝନ୍ତୁ, କାହା ଦାୟିତ୍ୱହୀନତା ପାଇଁ ଆଜି ଏଭଳି ଏକ ଅପମାନସୂଚକ କାର୍ଯ୍ୟ ହୋଇଛି ସେନେଇ ତଦନ୍ତ ହେଉ ବୋଲି ନିରଞ୍ଜନ ପତ୍ରରେ ଉଲ୍ଲେଖ କରିଛନ୍ତି।

### ଗଛରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଣ୍ଟାବାଞ୍ଜି, ୧୪।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ଥାନା ମହଖଣ୍ଡ ପଞ୍ଚାୟତ ଗଡିଆଯୋର ଗାଁ ନିକଟରେ ଥିବା ଶାଗୁଆନ ଗଛରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ବୁଧବାର ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ନୀଳକଣ୍ଠ କଟା(୩୫) ଓ ତାଙ୍କ ସ୍ତ୍ରୀ ଶାନ୍ତି(୨୮)। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ନୀଳକଣ୍ଠ ଓ ଶାନ୍ତି ପରିବାର ଲୋକଙ୍କୁ ବ୍ୟାଙ୍କରେ କାମ ଅଛି କହି ଗାଁଠାରୁ ୧୨ କି.ମି. ଦୂର ଭାଲୁମୁଣ୍ଡା ଯାଇଥିଲେ। ହେଲେ ରାତି ଯାଏ ସେମାନେ ଘରକୁ ଫେରି ନ ଥିଲେ। ବୁଧବାର ସକାଳେ ଉଭୟଙ୍କ ମୃତଦେହ ଗାଁ ନିକଟସ୍ଥ ଶାଗୁଆନ ଗଛରେ ଝୁଲୁଥିବା ଦେଖି ପରିବାର ଲୋକେ ତୁରେକେଲା ଥାନାକୁ ଜଣାଇଥିଲେ। ପୋଲିସ ମାମଲା (ନଂ.୧୩/୨୦) ରୁଜୁ କରି ମୃତଦେହ ଜବତ କରିଛି।

### ମହାନଦୀ ହନୁମାନ ଘାଟରୁ ମିଳିଲା ନରକଙ୍କାଳ

**ବୌଦ୍ଧ,୧୪।୧୦(ସ୍ୱ.ପ୍ର.):** ବୌଦ୍ଧ ସହର ଦେଇ ପ୍ରବାହିତ ମହାନଦୀର ହନୁମାନ ଘାଟରୁ ବୁଧବାର ଏକ ମଣିଷ କଙ୍କାଳ ଉଦ୍ଧାର ହୋଇଛି। କଙ୍କାଳଟି ମହାନଦୀ ପାଣିରେ ଭାସି ଆସିଥିବା ଅନୁମାନ କରାଯାଉଛି। ମିଳିଥିବା ସୂଚନା ମୁତାବକ, ହନୁମାନ ଘାଟ ନିକଟ ନଦୀପଠାରେ ଏହି ମଣିଷ କଙ୍କାଳ ପଡିଥିଲା। ସକାଳେ ନଦୀକୁ ଗାଧୋଇବା ପାଇଁ ଯାଇଥିବା କେତେଜଣ ବ୍ୟକ୍ତି ଏହା ଦେଖିବାକୁ ପାଇଥିଲେ। ଖବରପାଇ ବୌଦ୍ଧ ଥାନା ପୋଲିସ କଙ୍କାଳ ଉଦ୍ଧାର କରିବା ସହ ଏଫ୍‌ଏମ୍‌ଟି ପରୀକ୍ଷା ପାଇଁ ବୁର୍ଲା ମେଡିକାଲକୁ ପଠାଇଥିବା ଜଣାପଡିଛି। ଏହା କେଉଁଠୁ ଆସିଲା ଓ ଏହା କେବେ ଠାରୁ ଏଠାରେ ପଡିଛି ତାକୁ ନେଇ ତଦନ୍ତ ଚାଲିଛି। ଏନେଇ ବୌଦ୍ଧ ଥାନା ଅଧିକାରୀଙ୍କୁ ପଚାରିବାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି।

# ଆର୍ଥିକ ଅନିୟମିତତା ଅଭିଯୋଗ, ୯ ନିଲମ୍ବିତ

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

**ସମବାୟ ସମିତି**

କଟକ ଜିଲା ଗୁରୁଡ଼ିଝାଟିଆ ସେବା ସମବାୟ ସମିତିରେ ଆର୍ଥିକ ଅନିୟମିତତା ଓ ବେଆଇନ କାରବାର ଅଭିଯୋଗର ତଦନ୍ତ କରାଯାଇ ୯ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ଏହାସହ ଅଧିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଲାଗି ସିଆଇଡି, କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା, କ୍ରାଇମ୍‌ବ୍ରାଞ୍ଚ ଏସ୍‌ପିଙ୍କୁ ଅନୁରୋଧ କରାଯାଇ ତଦନ୍ତ ଜାରି ରହିଛି। ନିବନ୍ଧକ, ସମବାୟ ସମିତି ସମୂହ ଓ ମହାସମୀକ୍ଷକ, ସମବାୟ ସମିତି ସମୂହ ମଙ୍ଗଳବାର ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏହାର ତଦନ୍ତ ଲାଗି ୧୧ ଜଣିଆ ଦଳ ଗଠନ କରାଯାଇଛି।ଧାନ କ୍ରୟ ତଥା ଫସଲ ଋଣ କାରବାରରେ ୧,୦୯,୫୦,୨୯୦ ଟଙ୍କାର ଆର୍ଥିକ ହେରଫେର ଓ ଅନିୟମିତତା ହୋଇଥିବା ଦର୍ଶାଇଛନ୍ତି। ଉକ୍ତ ତଦନ୍ତ ରିପୋର୍ଟରେ ଦର୍ଶାଯାଇଥିବା ଅଭିଯୁକ୍ତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଠଗଡ଼ ଶାଖାର ୬ କର୍ମଚାରୀ ଗୁରୁଡ଼ିଝାଟିଆ ସେବା ସମିତିରେ କାର୍ଯ୍ୟରତ ଥିବା ୩ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ଆଇନ ମୁତାବକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ତଦନ୍ତ ପ୍ରକ୍ରିୟାକୁ ଶୀଘ୍ର ସାରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ରେଜିଷ୍ଟ୍ରାର, କୋଅପରେଟିଭ୍ ସୋସାଇଟି ପକ୍ଷରୁ ଗତ ୬ ତାରିଖରେ ସିଆଇଡି, କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା, ଭୁବନେଶ୍ୱର କ୍ରାଇମ୍‌ବ୍ରାଞ୍ଚ ଏସ୍‌ପିଙ୍କ ନିକଟକୁ ପତ୍ର ଲେଖାଯାଇଛି। ଏହି ତଦନ୍ତ ଆଧାରରେ ଯେଉଁ ଚାଷୀ ସଭ୍ୟା/ସଭ୍ୟଙ୍କ ଋଣ ଅର୍ଥ ପ୍ରଦାନରେ ହେରଫେର ପ୍ରମାଣିତ ହେବ, ଉକ୍ତ ଅର୍ଥ ଦାୟୀ କର୍ମଚାରୀଙ୍କଠାରୁ ଆଦାୟ କରାଯିବ ବୋଲି ନିବନ୍ଧକ ସମବାୟ ସମିତି ସମୂହଙ୍କ ସୂତ୍ରରୁ ଜଣାପଡିଛି।

# ଯବାନଙ୍କ ଉନ୍ମତ୍ତକାଣ୍ଡ, ୩ ଆହତ

ବାଲିଗୁଡା,୧୪।୧୦(ଡି.ଏନ୍.ଏ.)

**ବେକରେ ଛୁରି ଲଗାଇ ଲୁଟ୍ ଉଦ୍ୟମ**

କନ୍ଧମାଳ ଜିଲା ବାଲିଗୁଡା ସଦର ମହକୁମା ସ୍ଥିତ ବ୍ଲକ କଲୋନୀରେ ମଙ୍ଗଳବାର ରାତିରେ ଜଣେ କାର୍ଯ୍ୟରତ ଯବାନ ଉନ୍ମତ୍ତ କାଣ୍ଡ ଘଟାଇଛନ୍ତି। ତାଙ୍କ ଆକ୍ରମଣରେ ୩ ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ କୌଶଳକ୍ରମେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ସେ ହେଲେ ଆଇଆର୍‌ବି ଅଷ୍ଟମ ବାଟାଲିୟନର ମାନସ କୁମାର ମାଝି।

ମାନସ ମଙ୍ଗଳବାର ରାତିରେ ବାଲିଗୁଡା ସବ୍‌ଜେଲରେ ଡ୍ୟୁଟି କରୁଥିଲେ। ରାତି ପ୍ରାୟ ସାଢେ ୮ଟାରେ ନିକଟସ୍ଥ କଲୋନୀକୁ ଆସି ଅଭିଜିତ୍ ପ୍ରଧାନଙ୍କ ପରିବାରର ଜଣେ ଛୋଟ ପିଲାଙ୍କ ବେକରେ ଛୁରି ଲଗାଇ ଘରେ ଥିବା ସୁନାଗହଣା ମାଗିଥିଲେ। ନ ଦେବାରୁ ତାଙ୍କୁ ଛାଡିଦେଇ ପାଖ ଘରର ଅବିନାଶ ପ୍ରଧାନଙ୍କ ଘରର ଜଣେ ଛୋଟ ପିଲାଙ୍କ ବେକରେ ଛୁରି ଲଗାଇ ସମାନ ଢଙ୍ଗରେ ଗହଣା ଦେବାକୁ କହିଥିଲେ। ପାଟିଶୁଣି ପଡୋଶୀ ମହିଳା ପହଞ୍ଚିଥିଲେ। ଯବାନ ଜଣକ ତାଙ୍କୁ ଛୁରି ଭୁଷିବାକୁ ଯିବାବେଳେ ଅଭିଜିତ ଓ ଅବିନାଶ ଅଟକାଇଥିଲେ। ଏଥିରେ ମହିଳାଙ୍କ ସମେତ ଅବିନାଶ ଓ ଅଭିଜିତ୍ ଆହତ ହୋଇଥିଲେ। ସାହି ଲୋକ ପହଞ୍ଚି ମାନସଙ୍କୁ କାବୁ କରି ବାଲିଗୁଡା ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଥାନାକୁ ଆଣିବା ସହ ଆହତଙ୍କୁ ବାଲିଗୁଡା ମେଡିକାଲରେ ଭର୍ତ୍ତି କରିଥିଲା। ମାମଲା (ନଂ.୧୯୦/୨୦)ରୁଜୁ କରି ବୁଧବାର ମାନସଙ୍କୁ ଗିରଫ କରାଯାଇଛି।

# ସରକାରଙ୍କୁ କଂଗ୍ରେସର ଟାର୍ଗେଟ

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

**କଟକ ଗଣବଳାତ୍କାର ଘଟଣା**
**ତଥ୍ୟ ଅନୁସନ୍ଧାନ ଲାଗି କମିଟି ଗଠନ**

ତିର୍ତ୍ତୋଲ ଅଞ୍ଚଳର ଜଣେ ନାବାଳିକାଙ୍କୁ କଟକର ଏକ ପରିତ୍ୟକ୍ତ ଘରେ ୨୨ ଦିନ ଧରି ଗଣବଳାତ୍କାର କରାଯାଇଛି। ଏଥିରୁ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀମାନେ ଅସୁରକ୍ଷିତ ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, ଅପରାଧୀଙ୍କ ବିଷୟରେ ନିର୍ଦ୍ଦିଷ୍ଟ ତଥ୍ୟ ଓ ଅଭିଯୋଗ ହେବାର ୪୮ ଘଣ୍ଟା ବିତି ଥିଲେ ମଧ ସେମାନଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି। ଯେଉଁଥି ପାଇଁ ଅପରାଧୀମାନେ ଏଭଳି କାଣ୍ଡ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ସରକାର ଏହାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ସହ ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣ ପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି। ସେହିପରି ପୀଡିତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ କଂଗ୍ରେସ ଦାବି କରିଛି। ଅନ୍ୟପଟେ ଘଟଣାର ତଦନ୍ତ ଲାଗି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଏହି କମିଟି ଖୁବ୍‌ଶୀଘ୍ର ଘଟଣା ସ୍ଥଳ ଗସ୍ତ କରି ରିପୋର୍ଟ ଦାଖଲ କରିବ ବୋଲି ନିରଞ୍ଜନ କହିଛନ୍ତି।

# ଟିଟୋ ଗ୍ୟାଙ୍ଗର ସେକ୍ ରାଜା ଗିରଫ

**ଭଦ୍ରକ ଅଫିସ୍, ୧୪।୧୦:** ଗ୍ୟାଙ୍ଗଷ୍ଟର ଟିଟୋଙ୍କ ସହଯୋଗୀ ତଥା ଅପରାଧୀ ସେକ୍ ରାଜାଙ୍କୁ ବୁଧବାର କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ଭଦ୍ରକରୁ ଗିରଫ କରିଛି। ତାଙ୍କଠାରୁ ପିସ୍ତଲ ସହ ଗୁଳି, କ୍ୟାଟ୍‌ରିଜ୍ ଓ ବାଇକ୍ ଜବତ ହୋଇଛି। ତାଙ୍କ ନାମରେ ପୂର୍ବରୁ ବହୁ ଆପରାଧିକ ମାମଲା ଥିଲା। ଟିଟୋ ଗ୍ୟାଙ୍ଗର ଜଣେ ସକ୍ରିୟ ସହଯୋଗୀ ଭାବେ ସେ କାର୍ଯ୍ୟ କରୁଥିବା ଏସ୍‌ଟିଏଫ୍ ସୂଚନା ଦେଇଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଓ ଏସ୍‌ଟିଏଫ୍‌ର ମିଳିତ ଚଢ଼ାଉରେ ରାଜାଙ୍କୁ ଭଦ୍ରକର ଚରମ୍ପା ବଜାରରୁ ଗିରଫ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ବଳାତ୍କାର ଘଟଣା ସରକାରଙ୍କ ମୁଖା ଖୋଲିଛି: ଭାଜପା

ଭୁବନେଶ୍ୱର, ୧୪।୧୦(ବ୍ୟୁରୋ)

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ। ପ୍ରତିଦିନ ମହିଳାଙ୍କ ଉପରେ ଅତ୍ୟାଚାର, ଅସଦାଚରଣ,ବଳାତ୍କାର, ଘରୋଇ ହିଂସା ଏବଂ ହତ୍ୟା ଘଟଣା ବୃଦ୍ଧି ପାଇବାରେ ଲାଗିଛି।ମହିଳାଙ୍କୁ ଅଶାଳୀନ ବ୍ୟବହାର ଭଳି ଅପରାଧ ଦେଶରେ ଓଡିଶା ଏକ ନମ୍ବର ବୋଲି ଏନ୍‌ସିଆରବି ରିପୋର୍ଟରେ ଉଲ୍ଲେଖ ରହିଛି।ମହିଳାଙ୍କ ପ୍ରତି ରାଜ୍ୟ ସରକାର ଓ ପୋଲିସ ପ୍ରଶାସନର ଉଦାସୀନତା ମନୋଭାବ ଯୋଗୁ ଗତବର୍ଷ ଅପେକ୍ଷା ଏ ବର୍ଷ ବଳାତ୍କାର ଘଟଣା ବଢିବାରେ ଲାଗିଛି।ଜଗତସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ଜଣେ ନବାଳିକାଙ୍କୁ କଟକରେ କେତେଜଣ ଦୁର୍ବୃତ୍ତ ୨୨ ଦିନ ଧରି ବଳାତ୍କାର ଘଟଣା ସରକାର ଓ ପ୍ରଶାସନର ମୁଖା ଖୋଲିଦେଇଛି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, କଟକ ସହରରେ ୩ ସପ୍ତାହରୁ ଅଧିକ ସମୟ ଧରି ଜଣେ ନାବାଳିକା ସହ ବଳାତ୍କାର ହେଉଥିବାବେଳେ ପୋଲିସ ଓ ପ୍ରଶାସନ କିପରି ଏନେଇ କିଛି ଜାଣିପାରିଲେ ନାହିଁ। ମହିଳାଙ୍କ ସୁରକ୍ଷା ଦିଗରେ କୌଣସି କଠୋର ଆଇନ ରାଜ୍ୟରେ ଲାଗୁ ହୋଇ ନ ଥିବା ଯୋଗୁ ଏଭଳି ଅଭାବନୀୟ ଘଟଣା ଦିନକୁ ଦିନ ଦୃଷ୍ଟିକୁ ଆସୁଛି। ଗତ ୨ବର୍ଷରେ ଭାଜପା ପକ୍ଷରୁ ୧୫୦ରୁ ଊର୍ଦ୍ଧ୍ୱ ବଳାତ୍କାର ଘଟଣା ସମ୍ପର୍କରେ ସରକାରଙ୍କୁ ଅବଗତ କରାଇବା ପରେ ମଧ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।ତୁରନ୍ତ ସରକାର ମହିଳାଙ୍କ ସୁରକ୍ଷାକୁ ତ୍ୱରାନ୍ୱିତ କରିବା ସହ ଏହି ଘଟଣାରେ ଅପରାଧୀଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ପୋକସୋ ଆକ୍ଟ ଲଗାଇ ଫାଶୀ ଦେବା ବ୍ୟବସ୍ଥା କରନ୍ତୁ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଖୋର୍ଦ୍ଧା ଅଫିସ,୧୪।୧୦

**ତଦନ୍ତ ନାଁରେ ଯୁବକଙ୍କୁ ପିଟି ମୃତ୍ୟୁ ମାମଲା**

ବାଣପୁର ଧୂଆଁନଳୀ ଫରେଷ୍ଟ ବିଟ ହାଉସରେ ବନ କର୍ମଚାରୀମାନେ ତଦନ୍ତ ଆଳରେ ପିଟିବାରୁ ଶରଣକୂଳ ଗୋଲଗାଁର ବଳଭଦ୍ର ବେହେରାଙ୍କର ମୃତ୍ୟୁ ହୋଇଥିବା ନେଇ ତାଙ୍କ ସ୍ତ୍ରୀ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ କ୍ଷତିପୂରଣ ଦାବିରେ ପରିବାର ଲୋକେ ବାଣପୁର ମେଡିକାଲରେ ଧାରଣା ଦେଇଥିଲେ। ବୁଧବାର ମଧ ଜାରି ରହିଥିବାବେଳେ ଖୋର୍ଦ୍ଧା ବନଖଣ୍ଡର କେତେଜଣ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ବୁଝାସୁଝା ଏବଂ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରଶାସନ ପକ୍ଷରୁ ମୃତଦେହ ସଂସ୍କାର ଲାଗି ରେଡକ୍ରସ ପାଣ୍ଠିରୁ ୧୦ହଜାର ଓ ବାଲୁଗାଁ ବନାଞ୍ଚଳ ପକ୍ଷରୁ ୧୦ହଜାର ଟଙ୍କା ସହାୟତା ଦିଆଯାଇଛି। ଏହାପରେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ମୃତଙ୍କ ସ୍ତ୍ରୀ ପ୍ରତିମା କୁହନ୍ତି, ସୋମବାର ଗ୍ରାମର ୩ଜଣ ଯୁବକଙ୍କ ସହ ମୋ ସ୍ୱାମୀ ବାଣପୁର ବନାଞ୍ଚଳ ନିକଟ ଅଞ୍ଚଳକୁ ବ୍ୟବସାୟୀ ଲାଗି ବାଇଗଣ କିଣିବାକୁ ଯାଇଥିଲେ। ବିଳମ୍ବିତ ରାତିରେ ୩ଜଣ ଫେରି ବଳଭଦ୍ରଙ୍କୁ ବନ କର୍ମଚାରୀମାନେ ବାଣପୁର ଧୂଆଁନଳୀ ଫରେଷ୍ଟ ବିଟ୍ ହାଉସ୍‌କୁ ନେଇ ପିଟିଥିବା କହିଥିଲେ। ମଙ୍ଗଳବାର ବାଣପୁର ମେଡିକାଲରେ ବଳଭଦ୍ରଙ୍କ ମୃତଦେହ ଥିବାନେଇ ପୋଲିସଠାରୁ ଖବରପାଇ ପରିବାର ଲୋକେ ଯାଇଥିଲେ। ଶରୀରରେ କ୍ଷତଚିହ୍ନ ରହିଥିବା ନେଇ ସ୍ତ୍ରୀ ପ୍ରତିମା ବନ କର୍ମଚାରୀମାନେ ବଳଭଦ୍ରଙ୍କୁ ପିଟି ମାରିଦେଇଥିବା ଅଭିଯୋଗ କରି ଧାରଣା ଦେଇଥିଲେ। କିନ୍ତୁ ପୋଲିସ କହିବା ଅନୁଯାୟୀ, ସୋମବାର ବାଲୁଗାଁ ବନାଞ୍ଚଳ ଅଧୀନ ମଇଁଷିଗୋଠ ନିକଟରେ କେତେଜଣ ବ୍ୟକ୍ତି ଗଛ କାଟୁଥିବା ବନ କର୍ମଚାରୀ ଜାଣି ଚଢ଼ାଉ କରିଥିଲେ। ବଳଭଦ୍ରଙ୍କୁ କାବୁ କରି କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ତାଙ୍କର ହଠାତ୍ ଦେହ ଅସୁସ୍ଥ ହେବାରୁ ବାଣପୁର ମେଡିକାଲ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ବିହାରରୁ ବନ୍ଧୁକ ଆଣି ଅପରାଧୀଙ୍କୁ ବିକ୍ରି

କଟକ ଅଫିସ,୧୪।୧୦



ଜବତ ବନ୍ଧୁକ ଓ ଗାଡ଼ି ସହ ଗିରଫ ଅଭିଯୁକ୍ତମାନେ।

**ଧରାପଡ଼ିଲେ ଗ୍ୟାଙ୍ଗ୍‌ର ୪ ସଦସ୍ୟ**
- ୫ ଦେଶୀ ବନ୍ଧୁକ ସମେତ ୫୦ ଜୀବନ୍ତ ଗୁଳି ଜବତ
- ଜେଲ୍‌ରେ ଶିଖିଥିଲେ ବ୍ୟବସାୟ

ଅପରାଧୀଙ୍କୁ ବନ୍ଧୁକ ବିକୁଥିବା ଏକ ଗ୍ୟାଙ୍ଗର ୪ଜଣ ସଦସ୍ୟଙ୍କୁ ବୁଧବାର ଚାଉଳିଆଗଞ୍ଜ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ବାଲିକୁଦାର ସୁଧୀର ସ୍ୱାଇଁ, କେନ୍ଦ୍ରାପଡ଼ା ମାର୍ଶାଘାଇର ସମ୍ବିତ ନାୟକ, ପୁରୀ ଡେଲାଙ୍ଗର ମନୋଜ ବେହେରା ଏବଂ ପ୍ରଭାକର ବେହେରା। ଏହି ଗ୍ୟାଙ୍ଗ ବିହାରର ମୁଙ୍ଗେରରୁ ୨୦ହଜାର ଟଙ୍କାରେ ବନ୍ଧୁକ କିଣୁଥିଲେ। ଅପରାଧ ଦୁନିଆରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ୭୦ହଜାରରୁ ଲକ୍ଷେ ଟଙ୍କାରେ ଏହାକୁ ବିକ୍ରି କରୁଥିଲେ। ବନ୍ଧୁକ ପିଛା ପ୍ରାୟ ୫୦ହଜାର ଟଙ୍କା ଲାଭ ହେଉଥିଲା। ବନ୍ଧୁକ ବିକ୍ରି କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଖୋଜିବା ଆରମ୍ଭ କରିଛି।

ଏ ସଂକ୍ରାନ୍ତରେ ଡିସିପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି ଯେ, ଜଗତସିଂହପୁରରୁ ଏକ ହ୍ୟୁଣ୍ଡାଇ ଆଇ-୨୦ କାର୍ ଯୋଗେ ଏହି ଗିରଫ ଅଭିଯୁକ୍ତମାନେ କଟକ ଅଭିମୁଖେ ଆସୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଚାଉଳିଆଗଞ୍ଜ ଥାନାଧିକାରୀ ତାପସ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଏମାନଙ୍କୁ ରାସ୍ତାରେ ଅଟକାଇ ପଚରାଉଚରା ଓ ଯାଞ୍ଚ କରିଥିଲେ। ସେମାନଙ୍କଠାରୁ ୫ଟି ୯ ଏମ୍‌ଏମ୍ ଦେଶୀ ବନ୍ଧୁକ ଓ ୫୦ଟି ଜୀବନ୍ତ ଗୁଳି ଜବତ କରାଯାଇଥିଲା। ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଯାଜପୁର, ଢେଙ୍କାନାଳ ପ୍ରଭୃତି ଜିଲାରେ ଏମାନେ ବନ୍ଧୁକ ବିକ୍ରି କରନ୍ତି। ୪ ଅଭିଯୁକ୍ତଙ୍କ ବିରୋଧରେ ଆର୍ମ୍‌ସ ଆକ୍ଟ-୨୫, ୩୫ ଅନୁଯାୟୀ ଏକ କେସ୍ (ନଂ. ୩୫୪/୨୦) ରୁଜୁ କରାଯାଇଛି। ଗିରଫ ସୁଧୀର ସ୍ୱାଇଁ ଜଣେ ହାର୍ଡକୋର୍ ଅପରାଧୀ। ତାଙ୍କ ନାମରେ କଟକ ଓ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି। ଅନ୍ୟ ୩ ଜଣଙ୍କ ନାମରେ ମଧ ଆପରାଧିକ ମାମଲା ରହିଥିବା ଡିସିପି ସିଂ କହିଛନ୍ତି।

ସେହିପରି ଚାଉଳିଆଗଞ୍ଜ ଥାନାର ଜଣେ ବରିଷ୍ଠ ପୋଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏହି ଗ୍ୟାଙ୍ଗ୍ କେବଳ ଅପରାଧୀଙ୍କୁ ବନ୍ଧୁକ ବିକ୍ରି କରେ। ଉକ୍ତ ଗ୍ୟାଙ୍ଗ୍‌ର କେତେଜଣ ସଦସ୍ୟ ପୂର୍ବରୁ ଜେଲରେ ଥିବାବେଳେ ଏହି ବ୍ୟବସାୟ ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେଠାରୁ ମୁକୁଳିବା ପରେ ବିହାରର ମୁଙ୍ଗେର ଯାଇ ବନ୍ଧୁକ କିଣି ଆଣି ଏଠାରେ ଅନ୍ୟ ଅପରାଧୀଙ୍କୁ ଯୋଗାଯୋଗ କରି ବିକ୍ରି କରୁଥିଲେ।

## ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡି,(ଡି.ଏନ.ଏ.)- ଦାରିଙ୍ଗବାଡି ଥାନା ଅଞ୍ଚଳରେ ଜଣେ ୫ବର୍ଷର ଶିଶୁକନ୍ୟାଙ୍କୁ ସୋମବାର ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ନିହିଶ୍ୱର ପ୍ରଧାନ। ମଧ୍ୟାହ୍ନରେ ଜଣକ ଘରକୁ ଶିଶୁଟି ଟିଭି ଦେଖିବାକୁ ଏକାକୀ ଯାଉଥିବାବେଳେ ନିହିଶ୍ୱର ପ୍ରଲୋଭନ ଦେଖାଇ ରାସ୍ତାକଡ ଏକ ବୁଦା ନିକଟକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। କେତେଜଣ ଲୋକ ଦେଖି ଶିଶୁଟିକୁ ଉଦ୍ଧାର କରିଥିବାବେଳେ ନିହିଶ୍ୱର ଦୌଡି ପଳାଇଥିଲେ। ଅଭିଯୋଗ ପାଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲା(ନଂ.୧୨୪/୨୦) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି।

## ସଂକ୍ଷେପରେ

### ଡ୍ରେନ୍‌ରେ ପଡ଼ି ଜଣେ ମୃତ

ଦାରିଙ୍ଗବାଡି,୧୪।୧୦(ଡି.ଏନ୍.ଏ.)- ଦାରିଙ୍ଗବାଡି ଶିବମନ୍ଦିର ଛକ ନିକଟ ୫୯ ନଂ. ଜାତୀୟ ରାଜପଥ କଡ ଡ୍ରେନରେ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା କାବାଟି ଥାନା ଝାଡପୁଡି ଗ୍ରାମର ଏସ୍. ଶ୍ରୀନୁ ମୃତକଙ୍କ ଶରୀର ଡ୍ରେନ୍ ଉପରିଭାଗରେ ରହିଥିବାବେଳେ ଗୋଡ ଦୁଇଟି ଖାଲରେ ରହିଛି। ମୁଣ୍ଡରେ ଆଘାତ ଯୋଗୁ ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି। ଅପମୃତ୍ୟୁ ମାମଲା (ନଂ.୧୦/୨୦) ରୁଜୁ କରି ତଦନ୍ତ ଚଳାଇଛି। ମଙ୍ଗଳବାର ପ୍ରବଳ ବର୍ଷାରେ ଶ୍ରୀନୁ ରାସ୍ତାରେ ବୁଲୁଥିଲେ। ସେ ଜଣେ ମାନସିକ ଅନଗ୍ରସର ବୋଲି ପୋଲିସ କହିଛି। ବୁଧବାର ମୃତଦେହ ପଡିଥିବା ଖବର ପାଇ ଜବତ କରିବା ସହ ଖୋର୍ଦ୍ଧା ଅଞ୍ଚଳରେ ରହୁଥିବା ସମ୍ପର୍କୀୟଙ୍କୁ ଖବର ଦେଇଛି। ସେମାନେ ପହଞ୍ଚି ଚିହ୍ନଟ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଆଇଆଇସି କୌଶିକ ମାଝି କହିଛନ୍ତି।

### ବ୍ୟାଙ୍କରୁ ଚୋରି ଉଦ୍ୟମ ବିଫଳ

ଗୋପାଳପୁର,୧୪।୧୦-ଗୋପାଳପୁର ଥାନା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା କାନାରା ବ୍ୟାଙ୍କରେ ମଙ୍ଗଳବାର ମଧରାତିରେ ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ବ୍ୟାଙ୍କର ଗ୍ରିଲ, ସିସି କ୍ୟାମେରା ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା ହୋଇଥିବା ନେଇ ଗୋପାଳପୁର ଥାନାରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ପୂର୍ବରୁ ଉକ୍ତ ବ୍ୟାଙ୍କରେ ଦୁର୍ବୃତ୍ତମାନେ ଚୋରି ଉଦ୍ୟମ କରି ବିଫଳ ହୋଇଥିଲେ। ଏ ନେଇ ପୋଲିସ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା କର୍ମଚାରୀ ନିୟୋଜିତ କରିବାକୁ କହିଥିଲେ ମଧ କୌଣସି ପ୍ରକାର ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡ଼ିଛି।

### ନଦୀରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଆସିକା,୧୪।୧୦(ଡି.ଏନ୍.ଏ)-ଆସିକା ବଡ଼ନଦୀ ପୋଲତଳୁ ବୁଧବାର ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଶ୍ୟାମ ପୋଲାଇ (୬୦) ଏବଂ ତାଙ୍କ ଘର ଭଞ୍ଜନଗର ନିକଟ ତାରସିଙ୍ଗି ଥାନା ତିଳିସିଙ୍ଗି ଗ୍ରାମରେ ବୋଲି ଜଣାପଡିଛି। ଗତ ୧ ତାରିଖ ସନ୍ଧ୍ୟାରେ ଶ୍ୟାମ ତିଳିସିଙ୍ଗି ଗ୍ରାମ ଉପକଣ୍ଠ ବଡ଼ନଦୀକୁ ଗାଧୋଇବା ପାଇଁ ଯାଇ ନିଖୋଜ ଥିଲେ। ବୁଧବାର ଆସିକା ନିକଟ ବଡ଼ନଦୀ ପୋଲତଳେ ମୃତଦେହ ଭାସୁଥିବା ଖବରପାଇ ପୋଲିସ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ତାହା ଉଦ୍ଧାର କରିଥିଲା। ଏ ସମ୍ପର୍କରେ ଖବରପାଇ ଶିବପ୍ରସାଦ ପହଞ୍ଚି ବାପାଙ୍କ ମୃତଦେହ ଚିହ୍ନଟ କରଛନ୍ତି। ତାଙ୍କ ଅଭିଯୋଗକ୍ରମେ ଆସିକା ଥାନାରେ ନଂ.୨୧/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

### ଲଗାଣ ବର୍ଷାରେ ଜନଜୀବନ ପ୍ରଭାବିତ

ଜି. ଉଦୟଗିରି,୧୪।୧୦(ଡି.ଏନ.ଏ.)-ଦୁଇ ଦିନ ଧରି ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି। ବିଦ୍ୟୁତ୍ ସେବା, ମୋବାଇଲ ସେବା ବନ୍ଦ ହୋଇଥିବାରୁ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ପ୍ରଭାବିତ ହୋଇଛି। ଲୋକେ ଘରୁ ବାହାରିବା ଅସମ୍ଭବ ହୋଇପଡିଛି। ଜି.ଉଦୟଗିରିରେ ଗତ ୨୪ ଘଣ୍ଟାରେ ୪୫.୪ ମିମି ବର୍ଷା ରେକର୍ଡ କରାଯାଇଛି ବୋଲି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ଦେବାଶିଷ ମିଶ୍ର କହିଛନ୍ତି। ଏଥିସହ ବର୍ଷାରେ ଫୁଲକୋବି, ମଟର ଚାରା ସହିତ ପାଚିଲା ଧାନ, ପାଚିଲା ମାଣ୍ଡିଆ ବିଶେଷ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

### ଶିଶୁ ମୃତଦେହ ମିଳିବାର ୧୫ଦିନ
### ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସର ଅପେକ୍ଷା

ଚିକିଟି,୧୪।୧୦(ଡି.ଏନ.ଏ.)- କେ.ନୂଆଗାଁ ଥାନା ଅଞ୍ଚଳର ଜଣେ ୫ବର୍ଷର ଶିଶୁଙ୍କ ମୃତଦେହ ଏକ ପରିତ୍ୟକ୍ତ କୂଅରୁ ମିଳିଥିଲା। ଘଟଣାକୁ ୧୫ଦିନ ବିତିଥିବାବେଳେ ତଦନ୍ତ ଆଗଉନାହିଁ ପରିବାର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ କରୁଥିବାବେଳେ ପୋଲିସ୍ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଚିକିଟି ବ୍ଲକ୍ କଳବାଡ ପଞ୍ଚାୟତ ଭୋଲାସିଙ୍ଗି ଗ୍ରାମର ପ୍ରତାପ ସାହୁଙ୍କ ପୁଅ ମାନସ ୨୫ ତାରିଖରେ ନିଖୋଜ ହୋଇଯାଇଥିଲେ। ୪ଦିନ ପରେ ଗାଁ ଶେଷମୁଣ୍ଡରେ ଥିବା କୂଅରୁ ତାଙ୍କ ମୃତଦେହ ମିଳିଥିଲା। ଘଟଣାର ୧୫ଦିନ ପରେ ମଧ ତଦନ୍ତର ଅଗ୍ରଗତି ଘଟି ନଥିବା ଜଣାପଡିଛି। ଏ ସମ୍ପର୍କରେ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ଓ ତଦନ୍ତ ତ୍ୱରାନ୍ୱିତ ହେବ। ଶିଶୁଙ୍କ ପିତା ପ୍ରତାପ ପୁଣି ହତ୍ୟା କରାଯାଇଥିବା ନେଇ ଚିକିଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି।

# ବୁଡ଼ି ରହିଛି ଫସଲ, ଚିନ୍ତାରେ ଚାଷୀ

ଛତ୍ରପୁର,୧୪।୧୦(ଡି.ଏନ୍.ଏ.)


ପାଣିରେ ବୁଡିଛି ଧାନ ଫସଲ।

ଗଞ୍ଜାମ ଜିଲାରେ ପ୍ରତିବର୍ଷ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଆସି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଲାଣି। ଏଥିପାଇଁ ଅନେକ ଚାଷୀ ଜିଲା ଛାଡ଼ି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଚଳିତବର୍ଷ ମାର୍ଚ୍ଚରୁ କରୋନା ମହାମାରୀ ଯୋଗୁ ଲକଡାଉନ୍ ଓ ଶଟ୍‌ଡାଉନ କଟକଣା ହୋଇଥିଲା। ଧାନର ଅଭାବୀ ବିକ୍ରି ପରିସ୍ଥିତି ହୋଇଥିଲା। ୫୦ ହଜାର ଚାଷୀ ଧାନ ବିକ୍ରି କରି ନ ପାରି ଲକ୍ଷାଧିକ ଟଙ୍କା କ୍ଷତି ସହିଛନ୍ତି। ପରିବା ଚାଷୀମାନେ ମଧ ବାହାରକୁ ପନିପରିବା ପଠାଇ ପାରିଲେନି। ପରିବା କମ୍ ଦରରେ ବିକି କ୍ଷତି ସହିଲେ। ଅନ୍‌ଲକରେ ଜିବୀକା ବଞ୍ଚାଇବା ପାଇଁ ସଂଘର୍ଷ ଚାଲିଛି। ଏହି ସମୟରେ ଗୋଟିଏ ପରେ ଗୋଟିଏ ଆସୁଥିବା ଲଘୁଚାପ ଯୋଗୁ ଚାଷୀ ହତାଶ ହୋଇପଡୁଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଗତ ୩ ଦିନ ଧରି ଜିଲାରେ ଲଗାଣ ବର୍ଷା ହୋଇଥିଲା। ଫଳରେ ଧାନ ଓ ପରିବା ଫସଲ ସମ୍ପୂର୍ଣ୍ଣ ବୁଡିରହିଛି। ତେଣୁ ଚାଷୀ ଚିନ୍ତାରେ ଅଛନ୍ତି। ବୁଧବାର ସମୁଦ୍ରକୂଳିଆ ଅଞ୍ଚଳରେ ଦିନ ବେଳା ଆଦୌ ବର୍ଷା ହୋଇନି। ଧାନ ଓ ପରିବା କ୍ଷେତରୁ ବନ୍ୟାଜଳ ନିଷ୍କାସିତ ହୋଇ ନ ପାରିବାରୁ ଫସଲ କ୍ଷତି ହେବା ସମ୍ଭାବନା ରହିଛି। ବର୍ଷା ପବନ ଯୋଗୁ କେତେକ ସ୍ଥାନରେ ଧାନ ଗଛ ଜମିରେ ପଡରହିଛି। ଧାନ ପୁଡାରେ ପାଣି ପଶିଲେ ଅଗାଡି ହୋଇଯିବ। ପୁଣି ଆସନ୍ତା ସପ୍ତାହରେ ଆଉ ଏକ ଲଘୁଚାପ ହେବାର

**କରୋନା କଟକଣାରେ ବି କ୍ଷତି ସହିଛି**

ଅଛି। ତେଣୁ ଏ ବର୍ଷ ଧାନ ଅମଳ ହୋଇ ଘରକୁ ଆସିବ କି ନାହିଁ ଚାଷୀ ସନ୍ଦେହରେ ରହିଛି। ଅନ୍ୟପକ୍ଷରେ ଜିଲାରେ କମ୍ ବର୍ଷା ଯୋଗୁ ୨୪ ହଜାର ହେକ୍ଟର ଜମି ପଡିଆ ପଡିଥିବା ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି। ୟୁରିଆ ସାରର ସରକାରୀ ଦର ୨୬୬.୫୦ ଟଙ୍କା ଥିବାବେଳେ ବେପାରୀ ମାନେ କଳାବଜାର କରି ବସ୍ତା ପିଛା ୫୦୦ ଟଙ୍କାରେ ବିକି ଚାଷୀଙ୍କୁ ଶୋଷଣ କରିଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା କରିବାକୁ ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ଦାବି କରିଛନ୍ତି।

# ଘରୋଇ ଧାନମଣ୍ଡି ବ୍ୟବସ୍ଥା ଉଚ୍ଛେଦ ଦାବି

ବ୍ରହ୍ମପୁର ଅଫିସ,୧୪।୧୦

ସରକାରୀ ନିୟନ୍ତ୍ରିତ ମଣ୍ଡି ବ୍ୟବସ୍ଥାକୁ ସୁଦୃଢ କରିବା ଓ ଘରୋଇ ଧାନ ମଣ୍ଡି ବ୍ୟବସ୍ଥା ଉଚ୍ଛେଦ କରିବାକୁ ଅଖିଳ ଭାରତ କିଷାନ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ବୁଧବାର ଦାବି ହୋଇଛି। ଏହାର ପ୍ରତିବାଦରେ ବୁଧବାର ଅଖିଳ ଭାରତ କିଷାନ ସଂଘର୍ଷ ସମନ୍ୱୟ ସମିତି ଗଞ୍ଜାମ ଜିଲା ଶାଖା ପକ୍ଷରୁ କମାପଲ୍ଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସରକାରୀ ନିୟନ୍ତ୍ରିତ ମଣ୍ଡି ବ୍ୟବସ୍ଥାକୁ ସୁଦୃଢ କରିବା ଓ ଘରୋଇ ଧାନ ମଣ୍ଡି ବ୍ୟବସ୍ଥା ଉଚ୍ଛେଦ ସହ ଧାନ କୁଇଣ୍ଟାଲ ପିଛା ୩୦୦୦ ଟଙ୍କା ଦେବା, ଡ଼. ସ୍ୱାମୀନାଥନ ଜାତୀୟ କୃଷକ କମିଶନ -୨୦୦୬ ସୁପାରିଶ

**କିଷାନ ସଂଘର୍ଷ ସମନ୍ୱୟ ସମିତିର ବିକ୍ଷୋଭ**

ଅନୁଯାଇ ସମସ୍ତ କୃଷିଯାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ କରିବାକୁ ସଂଘ ଦାବି କରିଥିଲା। ବିକ୍ଷୋଭ ସମାବେଶରେ ଓଡିଶା କୃଷକ ସଭା ଗଞ୍ଜାମ ଜିଲା ସଭାପତି ଗୋପାଳ ପାଣିଗ୍ରାହୀ, ସମ୍ପାଦକ ପି. ହରିକୃଷ୍ଣ ରେଡ୍ଡୀ, ସଂଗଠନ ସମ୍ପାଦକ ବସନ୍ତ ନନ୍ଦ, ବିଜୟ ବିଷୋୟୀ, ବାବୁଲି ନାୟକ, ମଗ୍ଗୁଲୁ ଡାକୁଆ, ଶ୍ୟାମ ବେହେରା, ଏଆଇକେଏସର ନେତା ନୀଳକଣ୍ଠ ଦାସ, ଏଆଇକେଏମଏସ ଜିଲା ନେତା ଭାଲ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ଥିତି ଅନୁଧ୍ୟାନ କଲେ ଆର୍‌ଡିସି, ଉପଜିଲାପାଳ


ଦକ୍ଷିଣାଞ୍ଚଳ ଆର୍‌ଡିସି, ବ୍ରହ୍ମପୁର ଉପଜିଲାପାଳ ଓ ଅନ୍ୟ ଅଧିକାରୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ପାତ୍ରପୁର,୧୪।୧୦(ଡି.ଏନ୍.ଏ.):

ଲଘୁଚାପଜନିତ ଲଗାଣ ବର୍ଷାରେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକର ପାହାଡ଼ ଉପରେ ଥିବା ଆଙ୍କୁଲି, ବୁରାତାଲ, ତୁମ୍ବା ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗ୍ରାମରେ ପାଣି ପଶି ବ୍ୟାପକ କ୍ଷତି କରିଛି। ତାଡ଼କାସାହି ଓ ଚରିଆବାଡ଼ ଏବଂ ରାଇଖାଲ, ଖଳାସାହି, ଧାନବାଡ଼ ଦେଇ ଆଙ୍କୁଲି ଯାଇଥିବା ନୂଆ ରାସ୍ତାରେ ପାହାଡ଼ରୁ ମାଟି ଅତଡ଼ା ଧସି ଯୋଗାଯୋଗ ବିଚ୍ଛିନ୍ନ

**ବର୍ଷାରେ ପାହାଡ଼ ଧସିବା ଘଟଣା**

ହୋଇଛି। ବୁଧବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପଙ୍ଗ ଆଓ, ବ୍ରହ୍ମପୁର ଉପଜିଲାପାଳ କୀର୍ତ୍ତି ଭାସନ୍, ପାତ୍ରପୁର ତହସିଲଦାର ଅମିତ କୁମାର ନାୟକ, ବିଡିଓ ପ୍ରକାଶ ଚନ୍ଦ୍ର ଦାସ ତାଡ଼କାସାହି ଓ ରାସ୍ତା ଅବରୋଧ ହୋଇଥିବା ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତୁରନ୍ତ ଉକ୍ତ ରାସ୍ତା ସ୍ୱାଭାବିକ କରିବାକୁ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଆର୍‌ଡିସି ନିର୍ଦ୍ଦେଶ ଦେଇଛନ୍ତି। ଲଗାଣ ବର୍ଷାରେ ଗୃହପାଳିତ ପଶୁ ଓ ବହୁ ପରିବା ଫସଲ ନଷ୍ଟ ହୋଇଥିବା ତାଡ଼କାସାହି ବାସିନ୍ଦା ଅଧିକାରୀମାନଙ୍କୁ ଜଣାଇଛନ୍ତି। ବୁରାତାଲ ପଞ୍ଚାୟତର ବୁରାତାଲ ନିକଟ ଦେଇ ପାହାଡ ପାଣି ଯାଉଥିବାରୁ ଉପର ବୁରାତାଲ, କୁରଗଡ଼ ଗ୍ରାମ ବିଚ୍ଛିନ୍ନ ହୋଇଛି। ବୁଧବାର ବର୍ଷା ପରିମାଣ କମିଥିଲେ ମଧ୍ୟ ବିଭିନ୍ନ ରାସ୍ତା ଉପରୁ ପାଣି କମି ନ ଥିବାରୁ କେତେକ ଗ୍ରାମକୁ ଯୋଗାଯୋଗ ହୋଇପାରିନି।

# ଗଜପତିରେ ବର୍ଷା ଥମିଲା
## ୪୪୯.୩ ମିଲିମିଟର ରେକର୍ଡ

ପାରଳାଖେମୁଣ୍ଡି, ୧୪।୧୦ (ସ୍ୱ.ପ୍ର.)

ଗଜପତି ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଗତ ୨ଦିନ ହେଲା ଜାରି ରହିଥିବାବେଳେ ବୁଧବାର ସକାଳୁ ଥମିଥିଲା। ଅପରାହ୍ନ ପ୍ରାୟ ୫ଟାରେ ପୁଣି ବର୍ଷା ଆରମ୍ଭ ହୋଇଛି। ବୁଧବାର ଜିଲାରେ ମୋଟ ୪୪୯.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ୬୬.୧୬ ମିଲିମିଟର ଅନୁପାତରେ ବର୍ଷା ହୋଇଥିବା ଜଣାପଡିଛି। ମୋହନାରେ ସର୍ବାଧିକ ୮୫.୬୦ ମିଲିମିଟର, ପାରଳାଖେମୁଣ୍ଡି ସହରାଞ୍ଚଳରେ ୪୫.୨୦, ଗୋଷାଣୀରେ ୫୧, ରାୟଗଡ ବ୍ଲକରେ ୪୨.୩୦, ନୂଆଗଡରେ ୫୯.୨୦, ଗୁମ୍ମାରେ ୫୨, ଆର୍. ଉଦୟଗିରିରେ ୭୩.୨୦ ଏବଂ କାଶୀନଗରରେ ୪୦.୮୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ଜିଲା ଜରୁରୀକାଳୀନ ବିଭାଗ ସୂତ୍ରରୁ ପ୍ରକାଶ।

# ରେଳଧାରଣାରୁ ପୂଜକଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୪।୧୦

ସରକାରୀ ରେଳବାଇ ପୋଲିସ (ଜିଆରପି) ବୁଧବାର ହଳଦିଆପଦର ରେଳଧାରଣାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣଙ୍କ ନୀଳକଣ୍ଠେଶ୍ୱର ମନ୍ଦିରର ପୂଜକ ଭାଗୀରଥି ରାଉଳ (୫୩)। ପୋଲିସ ମୃତଦେହ ଜବତ କରି ନଂ.୪୨/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଭାଗୀରଥି ବୁଧବାର ସକାଳ ସାଢେ ୮ଟାରେ ନୀଳକଣ୍ଠେଶ୍ୱର ମନ୍ଦିରରୁ ଘରକୁ ଆସିଥିଲେ। ସେ ଚୁଟି କାଟିବାକୁ ସେଲୁନ ଯାଉଛି ବୋଲି କହି ଘରୁ ଯାଇଥିଲେ। ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ତାଙ୍କ ପୁଅ ମୁକେଶ ଓ ରାକେଶ ବାପାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ହଳଦିଆପଦର ରେଳଧାରଣରେ ତାଙ୍କ ବାପା ମରି ପଡିଥିବା ଖବର ପାଇ ସେଠାରେ ସେମାନେ ପହଞ୍ଚିଥିଲେ। ଅନ୍ୟପଟେ ଖବର ପାଇ ଜିଆରପି ପୋଲିସ ପହଞ୍ଚି ମୃତଦେହ ଜବତ କରି ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କୌଣସି ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଭାଗୀରଥି ରେଳ ଧାରଣାରେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

# 'ନାଇଜର'ରେ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ବିକାଶ ଓଡ଼ିଶା ଟପ୍ପର



କୃତୀ ଛାତ୍ର ବିକାଶ ଅଗ୍ରୱାଲଙ୍କ ସମେତ ନୀଳକଣ୍ଠନଗର ଶିଶୁବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀ ଶିକ୍ଷକ।

ବ୍ରହ୍ମପୁର ଅଫିସ, ୧୪।୧୦

ସର୍ବଭାରତୀୟସ୍ତର 'ନାଇଜର' (ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ୍ଚ) ଅନ୍‌ଲାଇନ୍ ପ୍ରବେଶିକା ପରୀକ୍ଷାରେ ବ୍ରହ୍ମପୁର ନୀଳକଣ୍ଠନଗରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚଳିତ ବର୍ଷ ଯୁକ୍ତ୨ ପାସ କରିଥିବା ଛାତ୍ର ବିକାଶ ଅଗ୍ରୱାଲ ରାଜ୍ୟସ୍ତରରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଛନ୍ତି। ଏଥିସହ ସର୍ବଭାରତୀୟସ୍ତରରେ ୨୦ତମ ସ୍ଥାନ ହାସଲ କରିଥିବା ଅନୁଷ୍ଠାନ ପକ୍ଷରୁ ସୂଚାଯାଇଛି। ଏହାବ୍ୟତୀତ ବିକାଶ କେଭିପିୱାଇ ଏବଂ ପଦାର୍ଥ ବିଜ୍ଞାନ ଅଲମ୍ପିଆଡ ପରି ଜାତୀୟସ୍ତରର ବିଭିନ୍ନ ପରୀକ୍ଷାରେ ମଧ ପୂର୍ବରୁ କୃତିତ୍ୱ ଅର୍ଜନ

**ସର୍ବଭାରତୀୟସ୍ତରରେ ୨୦ତମ ସ୍ଥାନ**

କରିଥିବା ଅନୁଷ୍ଠାନ ପକ୍ଷରୁ ସୂଚାଯାଇଛି। ସୂଚନାଯୋଗ୍ୟ, ବିକାଶ ବ୍ରହ୍ମପୁର ବିଶିଷ୍ଟ ଶିଶୁ ବିଶେଷଜ୍ଞ ଡା. ସୁନୀଲ ଅଗ୍ରୱାଲ ଓ ସୁନୀତା ଅଗ୍ରୱାଲଙ୍କ ପୁତ୍ର। ତାଙ୍କର ଏଭଳି ସଫଳତା ପାଇଁ ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରେକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, ଅଧକ୍ଷ ଏସ୍. ମୋହନ ରାଓ ଏବଂ ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ପ୍ରମୁଖ ବିକାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପଞ୍ଚାୟତ ସମିତି ବୈଠକ



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ଖଲ୍ଲିକୋଟ,୧୪।୧୦(ଡି.ଏନ.ଏ.)

ଖଲ୍ଲିକୋଟସ୍ଥିତ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପ ପରିସରରେ ଅଧକ୍ଷା ମୀନାକ୍ଷୀ ସାହୁଙ୍କ ପୌରୋହିତ୍ୟରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ବ୍ଲକ ଉପାଧକ୍ଷ ଏ.ପ୍ରକାଶ ପାତ୍ର, ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଆଲପୁର ସରପଞ୍ଚ ପ୍ରମିଳା ସେଠୀ ଗୁରାପଲୀ ଗ୍ରାମରେ ଅର୍ଦ୍ଧନିର୍ମିତ ଅଙ୍ଗନୱାଡି କେନ୍ଦ୍ର କେବେ ପୂର୍ଣ୍ଣାଙ୍ଗ ହେବ ସେ ନେଇ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଜିଲା ପରିଷଦ ସଭ୍ୟ ଗଙ୍ଗାଧର ଖୁଣ୍ଟିଆ ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତି ଏବଂ ନିଜସ୍ୱ ଘର ନ ଥିବା କେନ୍ଦ୍ରଗୁଡ଼ିକର ଗୃହ ନିର୍ମାଣ ପାଇଁ ଦାବି କରିଥିଲେ। ଖଲ୍ଲିକୋଟ ସିଡିପିଓ ଅଂଶୁପା ସାହୁ ନୂତନ ଭାବେ ନିଯୁକ୍ତି ହୋଇଥିବାରୁ ଏହି ସମସ୍ୟା ଅନୁଧ୍ୟାନ କରି ସମାଧାନ କରାଯିବ ବୋଲି କହିଥିଲେ। ସେହିପରି ଯୋଗାଣ ଅଧିକାରୀ ଧୀରେନ୍ ସାହୁ ରାଶନ କାର୍ଡ ପାଇବାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ଦେବାକୁ ଦାବି କରିଥିଲେ। ସେହିପରି ଡିମିରିଆ ସରପଞ୍ଚ ମନୋଜ ଗୌଡ଼, ବାକୁଟଗାଁ ସମିତିସଭ୍ୟ ପଦ୍ମ ସୁବୁଦ୍ଧି, କନକା ସରପଞ୍ଚ ସୁଦାମ ନାଏକ ପ୍ରମୁଖ ବ୍ଲକରେ ସାରର କଳାବଜାରି ହେଉଥିଲେ ମଧ କୃଷି ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିବା କହିଥିଲେ।

# ନଦୀରୁ ମିଳିଲା ନିଖୋଜ ବ୍ୟକ୍ତିଙ୍କ ମୃତଦେହ

ଦାରିଙ୍ଗବାଡି,୧୪।୧୦(ଡି.ଏନ.ଏ)

ଦାରିଙ୍ଗବାଡି ଥାନା କିରିକୁଟି ପଞ୍ଚାୟତ ନେଚର ଲଭର୍ସ ପଏଣ୍ଟରେ ପ୍ରବାହିତ ନଦୀରୁ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ବୁଧବାର ସନ୍ଧ୍ୟାରେ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ମୃତକ ହେଲେ ଉକ୍ତ ପଞ୍ଚାୟତ ପାଟାଙ୍ଗି ଗ୍ରାମର ପଦ୍ମଚରଣ ବିନ୍ଧାଣୀ। ଶୁକ୍ରବାର ସିମନବାଡି ବ୍ୟାଙ୍କ ଯାଉଛି କହି ପଦ୍ମଚରଣ ଆଉ ଘରକୁ ଫେରିନଥିଲେ। ପରିବାର ଲୋକ ଖୋଜାଖୋଜି ବେଳେ ସେ କିରିକୁଟି ଗ୍ରାମର କେତେଜଣ ଲୋକଙ୍କ ସହ ବୁଲୁଥିବା ଜାଣି ଖୋଜାଖୋଜି କରିଥିଲେ। ପରେ ଉକ୍ତ ନଦୀ କୂଳରେ ତାଙ୍କ ବ୍ୟାଙ୍କ ପାସ୍‌ବୁକ ସମେତ ଛତା ଏବଂ ଚପଲ ପଡିଥିବା କେତେଜଣ ଲୋକ ଦେଖି ଘରକୁ ଜଣାଇଥିବା ପଦ୍ମଚରଣଙ୍କ ସାନ ଭାଇ ନକୁଳ କହିଛନ୍ତି। ଶୁକ୍ରବାର ନଦୀର ଏକ ପଥର ଖୋଲରେ ପଦ୍ମଙ୍କ ମୃତଦେହ ଭାସୁଥିବା ଦେଖି ଦାରିଙ୍ଗବାଡି ପୋଲିସକୁ ଖବର ଦିଆଯାଇଥିଲା। ଥାନା ଅଧିକାରୀ କୌଶିକ ମାଝୀ ସଦଳବଳ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରାଯାଉଥିବାବେଳେ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ମାଝି କହିଛନ୍ତି।

## ଋଷିକୁଲ୍ୟାରେ ଭାସିଯାଉଥିବା ବ୍ୟକ୍ତି ଉଦ୍ଧାର
### ୧୦ କି.ମି. ପିଛା କଲେ ଅଗ୍ନିଶମ କର୍ମଚାରୀ

ଛତ୍ରପୁର,୧୪।୧୦(ଡି.ଏନ୍.ଏ.)-ଋଷିକୁଲ୍ୟା ନଦୀରେ ବୁଧବାର ଭାସି ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଅଗ୍ନିଶମ କର୍ମଚାରୀ ୧୦କି.ମି. ପିଛା କରି ଉଦ୍ଧାର କରିଛନ୍ତି। ବ୍ୟକ୍ତି ଜଣକ ହେଲେ ଛତ୍ରପୁର ବ୍ଲକ ପୋଚିଲାମପୁର ପଞ୍ଚାୟତ ହଂସପୁର ଗ୍ରାମର ବାବୁଲି ବେହେରା। ବାବୁଲି ଗାଁ ନିକଟ ଋଷିକୁଲ୍ୟା ନଦୀରେ ଗାଧୋଉ ଥିବାବେଳେ ବନ୍ୟା ପାଣି ସ୍ରୋତରେ ଭାସିଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଛତ୍ରପୁର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାବୁଲିଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। ପ୍ରବଳ ସ୍ରୋତ ଯୋଗୁ ତାଙ୍କ ପାଖରେ ପହଞ୍ଚି ହେଉ ନ ଥିଲା। ପରେ ଅଗ୍ନିଶମ କର୍ମଚାରୀ ନଦୀକୁ ଡେଇଁଥିଲେ। ପ୍ରାୟ ୧୦ କି.ମି. ଦୂର ପିଛା କରିବା ପରେ ଗଞ୍ଜାମ ବ୍ରିଜ ନିକଟରେ ଅଗ୍ନିଶମ ବାହିନୀ ବାବୁଲିଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ପରେ ତାଙ୍କୁ ଛତ୍ରପୁର ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା।

# ଗଜପତିରୁ ୮ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୧୪।୧୦(ସ୍ୱ.ପ୍ର.)

ଗଜପତି ଜିଲାରୁ ବୁଧବାର ୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୭୨୩ରେ ପହଞ୍ଚିଛି। ପାରଳାଖେମୁଣ୍ଡି ପୌରପରିଷଦରୁ ସର୍ବାଧିକ ୭ଜଣ ଚିହ୍ନଟ ହୋଇଥିବାବେଳେ ମୋହନା ବ୍ଲକରୁ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି।

# ଗାଇଡ୍‌ଲାଇନ ମାନି କରିପାରିବେ ପୂଜା

ଛତ୍ରପୁର,୧୪।୧୦(ଡି.ଏନ.ଏ.)

କୋଭିଡ୍‌ସଂକ୍ରମଣ ଯୋଗୁ ଗଞ୍ଜାମ ଜିଲାରେ ସାର୍ବଜନୀନ ପୂଜା ନ କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୂର୍ବରୁ ଅନୁରୋଧ କରିଥିଲେ। ଆଗକୁ ଆସୁଥିବା ଦୁର୍ଗାପୂଜା, ଲକ୍ଷ୍ମୀ ପୂଜା ଓ କାଳୀ ପୂଜା ଜନସାଧାରଣ ଘରେ ପାଳନ କରି ସୁରକ୍ଷିତ ରହିବାକୁ ସେ ଏକ ବାର୍ତ୍ତା ମଧ ଜାରି କରିଥିଲେ। ଅନ୍ୟପକ୍ଷରେ ମଣ୍ଡପ ଓ ପେଣ୍ଡାଲରେ ଯଦି କୌଣସି କମିଟି ପୂଜା କରିବାକୁ ଚାହିଁବେ ସେମାନଙ୍କୁ ଗାଇଡଲାଇନ୍ ମାନିବାକୁ ପଡିବ। ଏଥିପାଇଁ ଜିଲାପାଳ ଏକ ଗାଇଡଲାଇନ୍ ଜାରି କରିଛନ୍ତି। ଗାଇଡଲାଇନ୍‌କୁ ମାନି ପୂଜା କରିବାକୁ କମିଟି ସ୍ଥାନୀୟ ଉପଜିଲାପାଳଙ୍କଠାରୁ ଅନୁମତି ଆଣିବା ବାଧ୍ୟତାମୂଳକ। ୪ ଫୁଟ୍‌ର

**ଖିଲାପ କଲେ କାର୍ଯ୍ୟାନୁଷ୍ଠାନ**

ମୂର୍ତ୍ତି ପୂଜା ହେବ। ପେଣ୍ଡାଲ ଚର୍ତୁପାର୍ଶ୍ୱ ଆବଦ୍ଧ ରହିବ। କୌଣସି ଲୋକଙ୍କୁ ଦର୍ଶନ ଅନୁମତି ଦିଆଯିବନାହିଁ। ପୂଜା ବେଳେ କର୍ତ୍ତାଙ୍କୁ ମିଶାଇ କେବଳ ୭ କମିଟି ସଦସ୍ୟ ରହିପାରିବେ। ସେମାନେ ସାମାଜିକ ଦୂରତା ରକ୍ଷା ସହ କୋଭିଡ୍ ନିୟମ ପାଳନ କରିବା ଜରୁରୀ। ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ହେବନି। ଏଥିରେ କେହି ଖିଲାପ କଲେ ଦୃତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସତର୍କ କରାଇଛନ୍ତି। ଗାଇଡଲାଇନ୍ ପାଳନ ହେଉଛି କି ନାହିଁ ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀମାନେ ପୋଲିସ ସହାୟତାରେ ମନିଟରିଂ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ୬ ଘଣ୍ଟା ପଡ଼ିରହିଲା କରୋନା ଆକ୍ରାନ୍ତଙ୍କ ମୃତଦେହ

ଫୁଲବାଣୀ ଅଫିସ,୧୪।୧୦

କରୋନାରେ ମୃତକଙ୍କ ଅନ୍ତିମ ସଂସ୍କାର ପାଇଁ ଫିରିଙ୍ଗିଆ ବ୍ଲକ ପ୍ରଶାସନ ପକ୍ଷରୁ ମାଝିପଡା ଘାଟି ନିକଟରେ ଚିହ୍ନଟ ହୋଇଥିବା ଅସ୍ଥାୟୀ ଶ୍ମଶାନକୁ ନେଇ ବୁଧବାର ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ଜଣେ ମୃତକଙ୍କ ଶବଦାହକୁ ବିରୋଧ କରି ରାସ୍ତାରୋକ କରିଥିଲେ। ଫଳରେ ୬ ଘଣ୍ଟା ଧରି ମୃତଦେହ ରାସ୍ତା କଡ଼ରେ ପଡ଼ି ରହିଥିଲା। ପରେ ତହସିଲଦାର ଯାଇ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଲୋକଙ୍କ ଦାବି ଅନୁସାର ଅନ୍ୟ ସ୍ଥାନରେ ମୃତଦେହ ସତ୍କାର କରାଯାଇଥିଲା।

କିଛିଦିନ ତଳେ ଫିରିଙ୍ଗିଆ ସହରର


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଜଣେ ବ୍ୟବସାୟୀ କରୋନାରେ ଆକ୍ରାନ୍ତ ହୋଇ ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମେଡିକାଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲେ। ସେମାନେ ବୁଧବାର ଭୋର୍‌ରେ ଏକ ଆମ୍ବୁଲାନ୍ସରେ ମୃତଦେହ ଆଣି ଅସ୍ଥାୟୀ ଶ୍ମଶାନକୁ ଆସୁଥିବା ବେଳେ ମାଝିପଡା, ନାହାଣଗାଁ, ଘାଟିସାହି ଓ ଫିରିଙ୍ଗିଆ ଉପରପଡାର ଶତାଧିକ ଲୋକେ ବିରୋଧ କରିଥିଲେ। ପ୍ରଶାସନ ଚିହ୍ନଟ କରିଥିବା ସ୍ଥାନରେ ମୃତଦେହ

**ଅସ୍ଥାୟୀ ଶ୍ମଶାନକୁ ନେଇ ଉତ୍ତେଜନା**

ସତ୍କାର କରାଇ ନ ଦେବାକୁ ଉତ୍ତ୍ୟକ୍ତ ଲୋକେ ଫିରିଙ୍ଗିଆ-ଗୋଛାପଡା ରାସ୍ତାର ମାଝିପଡା ଘାଟିଠାରେ ରାସ୍ତାରୋକ କରିଥିଲେ। ତହସିଲଦାର ପୁନମ ରାଉତ, ରାଜସ୍ୱ ନୀରିକ୍ଷକ ବୁଦ୍ଧଦେବ ବେହେରା, ଫିରିଙ୍ଗିଆ ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଲୋକଙ୍କ ଦାବି ଅନୁସାରେ ପ୍ରଶାସନ ଚିହ୍ନଟ କରିଥିବା ସ୍ଥାନ ବଦଳରେ ମାଝିପଡା ଘାଟିର ଅପରପାର୍ଶ୍ୱ ଏକ ନିଛାଟିଆ ସ୍ଥାନରେ ମୃତଦେହ ସତ୍କାର କରାଯାଇଥିଲା।

# ବଡ଼ ବିଦ୍ୟୁତ୍ ବିଭ୍ରାଟ୍ 'ବ୍ଲାକ୍ ଆଉଟ୍'

**ଭାରତ ଭଳି ବିଶାଳକାୟ ଦେଶରେ ବିଦ୍ୟୁତ୍ ଯୋଗାଣ କେତେ ଭରସାଯୋଗ୍ୟ ତାହାକୁ ନେଇ ଏବେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଗତ ସୋମବାର ମୁମ୍ବାଇ ସମେତ ଏହାର ଆଖପାଖ ଅଞ୍ଚଳରେ ହୋଇଥିବା 'ବ୍ଲାକ୍ ଆଉଟ୍' ଏହି ପ୍ରସଙ୍ଗ ବିଷୟରେ ଭାବିବାକୁ ବାଧ କରିଛି। ଦେଶରେ ବଡ଼ ଧରଣର ବିଦ୍ୟୁତ୍ ବିଭ୍ରାଟ ଏବେକାର ସମସ୍ୟା ନୁହେଁ। ଠିକ୍ ୮ବର୍ଷ ତଳେ ସମାନ ଧରଣର ଘଟଣା ଘଟିଥିଲା, ଯାହା ଉତ୍ତର ଏବଂ ଉତ୍ତର ପୂର୍ବ ଭାରତକୁ ଦୁଇଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ କରିଦେଇଥିଲା।**



## ଚେତାଇଲା ମୁମ୍ବାଇ ଘଟଣା

୨୦୧୨ ଜୁଲାଇ ଶେଷ ଦୁଇଦିନରେ ଉତ୍ତର ଏବଂ ଉତ୍ତର ପୂର୍ବ ଭାରତର ରାଜ୍ୟ ସମୂହ ସବୁଠାରୁ ବଡ଼ ବ୍ଲାକ୍ ଆଉଟ୍‌ର ସମ୍ମୁଖୀନ ହୋଇଥିଲେ। ୩୦ ତାରିଖରେ ୪୦ କୋଟି ଏବଂ ୩୧ ତାରିଖରେ ୬୨ କୋଟିରୁ ଊର୍ଦ୍ଧ୍ୱ ଉପଭୋକ୍ତା ଅନ୍ଧାର ସହ ସଂଘର୍ଷ କରିଥିଲେ। ୩୨ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ପ୍ରଭାବିତ ହେବାପରେ ୨୨ ରାଜ୍ୟରେ ଏପରି ସମସ୍ୟା ଦେଖାଦେଇଥିଲା। ବୈଷୟିକ ତ୍ରୁଟି ସମାଧାନ ପରେ ଅଗଷ୍ଟ ୧ରେ ଏହାର ସମାଧାନ ହୋଇପାରିଥିଲା। ମୁମ୍ବାଇରେ ଗତ ସୋମବାର ପାଖାପାଖି ୨ ଘଣ୍ଟାରୁ ଅଧିକ ସମୟ ଧରି ହୋଇଥିବା ବିଦ୍ୟୁତ୍ ବିଭ୍ରାଟ ପରେ ହାରାହାରି ୨କୋଟି ଜନସାଧାରଣଙ୍କ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଏହି ଘଟଣା ୨୦୧୨ର ବ୍ଲାକ ଆଉଟ୍‌ର ସ୍ମୃତି ଉଜାଗର କରିଛି।

୨୦୧୨ ଜୁଲାଇ ଶେଷରେ ୪୦୦ କିଲୋୱାଟ୍ କ୍ଷମତା ସମ୍ପନ୍ନ ଗ୍ୱାଲିୟର ଲାଇନ୍ ଟ୍ରିପ୍ ସାଙ୍ଗକୁ ସର୍କିଟ ବ୍ରେକ୍ ହୋଇଯାଇଥିଲା। ଏଠାରୁ ଆଗ୍ରା-ବରେଲି ଟ୍ରାନ୍ସମିଶନ ସେକ୍ସନକୁ ବିଦ୍ୟୁତ୍ ଯୋଗାଣ ହେଉଥିଲା। ବୈଦ୍ୟୁତିକ ସମସ୍ୟା ପରେ ଏହି ରୁଟ୍‌ର ସମସ୍ତ ପ୍ରମୁଖ ପାୱାର ଷ୍ଟେଶନକୁ ଶଟ୍‌ଡାଉନ କରିଦିଆଯାଇଥିଲା। ଫଳରେ ଆନୁମାନିକ ୩୨ ଗିଗାୱାଟ୍ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଏହି ଘଟଣାକୁ ନେଇ କେନ୍ଦ୍ର ସରକାରଙ୍କୁ ବିରୋଧୀ ଘେରିଥିବାବେଳେ ତତ୍କାଳୀନ ଶକ୍ତିମନ୍ତ୍ରୀ ସୁଶୀଲ ସିନ୍ଦେ ସମସ୍ୟା ପାଇଁ ରାଜ୍ୟଗୁଡ଼ିକୁ ଦାୟୀ କରିଥିଲେ। କେତେକ ରାଜ୍ୟ ପରମିଟ୍‌ଠାରୁ ବେଆଇନ ଭାବେ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଥିବାରୁ ଏପରି ପରିସ୍ଥିତି ଉପୁଜିଥିବା ସେ ସ୍ପଷ୍ଟୀକରଣରେ କହିଥିଲେ। ସେହିପରି ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପିଜିସିଆଇଏଲ୍) ପକ୍ଷରୁ ଏଥିଲାଗି ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣାକୁ ଦାୟୀ କରାଯାଇଥିଲା। ଏକ ପାୱାର କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଏହାକୁ ଗ୍ରୀଡ୍ ସିଷ୍ଟମର ବୈଷୟିକ ପରିଚାଳନାରେ ତ୍ରୁଟି ବୋଲି କହିଥିଲେ। ଏଥିପୂର୍ବରୁ ୨୦୦୧ରେ ଗ୍ରୀଡ୍ ଫେଲ୍ କାରଣରୁ ଉତ୍ତର ଭାରତରେ ସମାନ ସମସ୍ୟା ଦେଖାଦେଇଥିଲା।

ଜୁଲାଇ ୩୦ରେ ହୋଇଥିବା ବ୍ଲାକ୍ ଆଉଟ୍ କାରଣରୁ ଭାରତର ଏକ ଚତୁର୍ଥାଂଶ ଅଞ୍ଚଳ ଅନ୍ଧକାରାଚ୍ଛନ୍ନ ହୋଇପଡ଼ିଥିଲା। ପାୱାର ବ୍ୟାକ୍‌ଅପ୍ ସହାୟତାରେ ଦିଲ୍ଲୀ ବିମାନ ବନ୍ଦର ପରିଚାଳିତ ହୋଇଥିଲା। ଟ୍ରେନ୍ ସେବା ବ୍ୟାପକ ମାତ୍ରାରେ ପ୍ରଭାବିତ ହୋଇଥିଲା। ଏଥିସହିତ ପାଣିଯୋଗଣ, ସ୍ୱାସ୍ଥ୍ୟସେବା, ତୈଳ ବିଶୋଧନାଗାର ସମେତ ବହୁ କମ୍ପାନୀ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ତେବେ ନିଜସ୍ୱ ବିଦ୍ୟୁତ୍ ସରବରାହ ବ୍ୟବସ୍ଥା କାରଣରୁ ମଥୁରା, ପାନିପଥ, ବଠିଣ୍ଡାସ୍ଥିତ ତୈଳ ବିଶୋଧନାଗାରଗୁଡ଼ିକ ପ୍ରଭାବିତ ହେବାରୁ ବର୍ତ୍ତିଯାଇଥିଲା। ସେହିପରି ଜୁଲାଇ ୩୧ ଅପରାହ୍ନରେ ଆଗ୍ରାର ତାଜମହଲ ନିକଟରେ ରିଲେ ସମସ୍ୟା କାରଣରୁ ପୁଣିଥରେ ବିଦ୍ୟୁତ୍ ବିଭ୍ରାଟ ଆରମ୍ଭ ହୋଇଥିଲା। ହରିୟାଣା, ହିମାଚଳପ୍ରଦେଶ, ଜମ୍ମୁ କଶ୍ମୀର, ପଞ୍ଜାବ, ରାଜସ୍ଥାନ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ, ସିକ୍କିମ, ଅରୁଣାଚଳପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରାରେ ବିଦ୍ୟୁତ୍ ସରବରାହ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ଏନ୍‌ଟିପିସିର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୩୮% କମିଯାଇଥିଲା। ୩୦୦ରୁ ଊର୍ଦ୍ଧ୍ୱ ପାସେଞ୍ଜର ଟ୍ରେନ ଶଟ୍‌ଡାଉନର ଶିକାର ହୋଇଥିଲେ। ବିଶେଷକରି ଉତ୍ତର, ଉତ୍ତର-ମଧ୍ୟ, ପୂର୍ବ-ମଧ୍ୟ ଏବଂ ପୂର୍ବତଟ ରେଳପଥ ଜୋନ ଅଧିକ ପ୍ରଭାବିତ ହୋଇଥିଲା। ଦିଲ୍ଲୀ ମେଟ୍ରୋର ସମସ୍ତ ୬ ଲାଇନରେ ସେବା ବନ୍ଦ ରହିଥିଲା। ମେଟ୍ରୋ ଟ୍ରେନ୍‌ଗୁଡ଼ିକ ଅଧା ରାସ୍ତାରେ ଅଟକି ରହିଥିଲା। ପୂର୍ବ ଭାରତରେ ବିଦ୍ୟୁତ୍ ସଙ୍କଟ କାରଣରୁ ଖଣି ଭିତରେ ୨୦୦ ଶ୍ରମିକ ଫସି ରହିଥିବା ଘଟଣା ପଦାକୁ ଆସିଥିଲା।

### ଭରସା ହରାଉଛି ପାୱାର ସେକ୍ଟର

ଭାରତର ପାୱାର ସେକ୍ଟର ଉପରେ ପ୍ରାଇଭେଟ କମ୍ପାନୀ ଭରସା କରିପାରୁନାହାନ୍ତି। ଆବଶ୍ୟକ ସମୟରେ ବିଦ୍ୟୁତ୍ ସଙ୍କଟର ମୁକାବିଲା କରିବା ପାଇଁ ସେମାନେ ନିଜସ୍ୱ ପାୱାର ଷ୍ଟେଶନ ସ୍ଥାପନ କରିଛନ୍ତି। ଏଥିରେ ପ୍ରାଇଭେଟ କମ୍ପାନୀଗୁଡ଼ିକୁ ପାଖାପାଖି ୨୯ ଅରବ ଡଲାର ଖର୍ଚ୍ଚ କରିବାକୁ ପଡ଼ିଛି। ତଦନୁଯାୟୀ ଭାରତୀୟ ପ୍ରାଇଭେଟ୍ କମ୍ପାନୀଗୁଡ଼ିକ ନିକଟରେ ଏବେ ୩୫ ଗିଗାୱାଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ରହିଛି। ଆଗାମୀ ଦିନରେ ଆହୁରି ୩୩ ଗିଗାୱାଟ ବିଦ୍ୟୁତ୍ ଉତ୍ପାଦନ କରିବାକୁ ସେମାନେ ପ୍ରୟାସ ଜାରି ରଖିଛନ୍ତି। ଏଥିରୁ ବେସରକାରୀ କମ୍ପାନୀଗୁଡ଼ିକ ଭାରତୀୟ ପାୱାର ସେକ୍ଟର ଉପରେ ନିର୍ଭରଶୀଳ ହୋଇ ରହିବାକୁ ଚାହୁଁ ନ ଥିବା ସ୍ପଷ୍ଟ ହୋଇଛି।

### ପଞ୍ଜାବରେ ପରବର୍ତ୍ତୀ ସଙ୍କଟ ଆଶଙ୍କା

ଆମେରିକା, ଚାଇନା ପରେ ବିଦ୍ୟୁତ୍ ଉତ୍ପାଦନ ଏବଂ ବ୍ୟବହାରରେ ଭାରତ ବିଶ୍ୱରେ ତୃତୀୟ ବୃହତ୍ତମ ଦେଶ। ଏହାସତ୍ତ୍ୱେ ଦେଶର ବିଦ୍ୟୁତ୍ ଭିତ୍ତିଭୂମି ସେତେଟା ଉନ୍ନତଧରଣର ନୁହେଁ। ୨୦୦୧ରେ ଉତ୍ତର ଭାରତରେ ଘଟିଥିବା ବ୍ଲାକ୍ ଆଉଟ୍ ପାଇଁ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏହାର ୧୧ବର୍ଷ ପରେ ଅର୍ଥାତ୍ ୨୦୧୨ ଜୁଲାଇରେ ସମାନ ଘଟଣା ଘଟିଥିଲା। ହେଲେ ଏଥିରୁ ସରକାର କୌଣସି ଶିକ୍ଷା ଲାଭ କରି ନ ଥିବା ମନେହୁଏ। ଫଳସ୍ୱରୂପ ୨୦୨୦ ଅକ୍ଟୋବରରେ ମୁମ୍ବାଇରେ ଏହାର ପୁନରାବୃତ୍ତି ହୋଇଛି। ପରବର୍ତ୍ତୀ ବ୍ଲାକ୍ ଆଉଟ୍ ସମସ୍ୟା ପଞ୍ଜାବରେ ଦେଖାଦେଇପାରେ ବୋଲି ବିଶେଷଜ୍ଞମାନେ କହିସାରିଲେଣି। ଏପରି ଜଟିଳ ସମସ୍ୟା ବିଷୟରେ ଗଭୀର ଭାବେ ଚିନ୍ତା ନ କଲେ କୌଣସି ମୁହୂର୍ତ୍ତରେ ଭାରତ ଅନ୍ଧକାରାଚ୍ଛନ୍ନ ହୋଇଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେମାନେ ସତର୍କ କରାଇଛନ୍ତି।

### ୬୬% ଗାଁ, ୪୦% ସହରରେ ଦୈନିକ ବିଜୁଳି ବିଭ୍ରାଟ

ଦୟନୀୟ ବିଦ୍ୟୁତ୍ ଭିତ୍ତିଭୂମି, ବିଦ୍ୟୁତ୍ ବଣ୍ଟନରେ ଅବ୍ୟବସ୍ଥା, ବିଦ୍ୟୁତ୍ ଉତ୍ପାଦନକାରୀ କମ୍ପାନୀର କ୍ଷତି, ବିଜୁଳି ଚୋରି ଅବାଧ ବିଦ୍ୟୁତ୍ ସେବାରେ କଣ୍ଟା ସାଜିଛି। କାଉନ୍‌ସିଲ ଅନ୍ ଏନର୍ଜି, ଏନଭରମେଣ୍ଟ ଆଣ୍ଡ ୱାଟର (ସିଇଇଡବ୍ଲ୍ୟୁ)ର ତଥ୍ୟ ଅନୁଯାୟୀ, ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ୬୬% ଗାଁ ଏବଂ ୪୦% ସହରରେ ଦୈନିକ ଅତିକମ୍‌ରେ ଥରେ ବିଜୁଳି କାଟ୍ ହେଉଛି। ବିଦ୍ୟୁତ୍ ବିଭ୍ରାଟରେ ଉତ୍ତରପ୍ରଦେଶ ଆଗରେ ରହିଛି। ଝାଡ଼ଖଣ୍ଡ, ଆସାମ, ବିହାର, ହରିୟାଣାରେ ମଧ୍ୟ ସମାନ ସମସ୍ୟା ଦେଖିବାକୁ ମିଳୁଛି। ଏବେ ବି ମଧ୍ୟ ଭାରତ, ଉତ୍ତରପୂର୍ବ ଭାରତ, ପୂର୍ବ ଭାରତର ଅନେକ ଘରେ ବିଜୁଳି ପହଞ୍ଚି ପାରିନାହିଁ।

## ବିବାହ କରିବେ ନେହା


ନେହା କକ୍କର

**ନୂଆଦିଲ୍ଲୀ:** ଖୁବ୍‌ଶୀଘ୍ର ବିବାହ ବନ୍ଧନରେ ବାନ୍ଧି ହେବେ ବଲିଉଡ୍‌ର ଲୋକପ୍ରିୟ ଚୁଲ୍‌ବୁଲି କଣ୍ଠଶିଳ୍ପୀ ନେହା କକ୍କର। ବଲିଉଡ୍‌ରେ ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଦେଇ ସେ ବେଶ୍ ପରିଚିତ। ଶୁଣିବାକୁ ମିଳୁଛି ଦିଲ୍ଲୀରେ ବିବାହ କରିବେ ନେହା। ଏଥିପାଇଁ ଫ୍ୟାନ୍‌ମାନେ ବହୁତ ଖୁସି। ଅଭିନେତା ହିମାନ୍ସ କୋହଲିଙ୍କଠାରୁ ଅଲଗା ହେବା ପରେ ସେ ଖୁବ ଭାଙ୍ଗି ପଡ଼ିଥିଲେ। ଏମିତି କି ନିଜ ଲାଇଭ କନ୍‌ସର୍ଟରେ ତାଙ୍କୁ କାନ୍ଦିବାର ଦେଖିବାକୁ ମିଳିଥିଲା। କିନ୍ତୁ ସମୟ ସହ ନେହା ନିଜକୁ ସମ୍ଭାଳି ନେଇଥିବା ବେଳେ ତାଙ୍କ ଜୀବନକୁ ଆସିଥିଲେ କଣ୍ଠଶିଳ୍ପୀ ରୋହନପ୍ରୀତ ସିଂହ। ରୋହନପ୍ରୀତ ୨୦୦୮ରେ 'ସା ରେ ଗା ମା ପା' ଲିଟିଲ ଚାମ୍ପ୍‌ସ ଜରିଆରେ ଚର୍ଚ୍ଚାକୁ ଆସିଥିଲେ। ତେବେ ନେହାଙ୍କ ସହ ତାଙ୍କ ସମ୍ପର୍କ କେମିତି ଆରମ୍ଭ ହୋଇଥିଲା, ସେ ନେଇ ସେ କିଛି କହି ନ ଥିଲେ ମଧ୍ୟ ରୋହନପ୍ରୀତଙ୍କ ସହ ପ୍ରେମ ସଂପର୍କ ଥିବା କଥା ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ଜରିଆରେ ଜଣାଇଥିଲେ। ଏହାକୁ ନେଇ ସେ ନିଜର କିଛି ଫଟୋ ପୋଷ୍ଟ କରିଥିଲେ। ଏବେ ସେ ଅକ୍ଟୋବର ୨୬ରେ ଦିଲ୍ଲୀରେ ବିବାହ କରିବେ ବୋଲି ଖବର ମିଳିଛି। ତେବେ ଅକ୍ଟୋବର ୨୬ରେ ବିବାହ କରୁଥିବା ନେଇ ନେହାଙ୍କ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ। ନେହାଙ୍କ ଭଲ ବନ୍ଧୁ ତଥା କଣ୍ଠଶିଳ୍ପୀ ଆଦିତ୍ୟ ନାରାୟଣଙ୍କ କହିବା ମୁତାବକ, 'ନେହା ମୋର ଜଣେ ଭଲ ବନ୍ଧୁ। ତାଙ୍କ ବିବାହ ଖବର ଶୁଣି ମୁଁ ବହୁତ ଖୁସି। ମୁଁ ରୋହନପ୍ରୀତଙ୍କୁ ୨୦୦୮ରୁ ଜାଣିଛି। ମୋର ଦୁଇଜଣ ଭଲ ବନ୍ଧୁ ହୋଇଥିବାରୁ ମୋ ତରଫରୁ ଦୁହିଁଙ୍କୁ ଢେର୍ ସାରା ଶୁଭେଚ୍ଛା।

## ଶୀତରେ ଶୁଭିବ ପ୍ରବାସୀ ପକ୍ଷୀଙ୍କ କାକଳି

**ଜୟପୁର:** ରାଜସ୍ଥାନର କେଓଲାଦେଓ ଜାତୀୟ ଉଦ୍ୟାନ ପୁଣି ହସିଉଠିବ। ପ୍ରବାସୀ ପକ୍ଷୀଙ୍କ କାକଳିରେ ପୁଣି ଗୁଞ୍ଜରିବ ପରିବେଶ। ଲକ୍‌ଡାଉନ୍‌ରେ ଘରେ ବସିଥବା ଗ୍ରାମବାସୀଙ୍କ ଉଦ୍ୟମ ଯୋଗୁ ଏହି ଜାତୀୟ ଉଦ୍ୟାନକୁ ପ୍ରବାସୀ ପକ୍ଷୀଙ୍କ ବାସପୋଯୋଗୀ କରାଯାଇପାରିଛି। ଏହା ଶୀତଦିନରେ ପ୍ରବାସୀ ପକ୍ଷୀଙ୍କୁ ଆକର୍ଷିତ କରିବ ବୋଲି ଡିଏଫ୍‌ଓ ମୋହିତ୍ ଗୁପ୍ତା କୁହନ୍ତି। ଉଦ୍ୟାନକୁ ପ୍ରବାସୀ ପକ୍ଷୀଙ୍କ ବାସପୋଯୋଗୀ କରିବା ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏପ୍ରିଲ୍‌ରୁ ଜୁଲାଇ ମଧ୍ୟରେ ୬ଶହ ଲୋକଙ୍କୁ ନିଯୁକ୍ତ କରାଯାଇଥିଲା। ଏହାଦ୍ୱାରା ଉଦ୍ୟାନ ପରିବେଶକୁ ସୁନ୍ଦର କରାଯିବା ସହ ସ୍ଥାନୀୟ ଲୋକଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିଥିଲା।



# ରାଜ୍ୟ ଖବର

## ରାସ୍ତାରେ ବଉଳା କୁମ୍ଭୀର: ଲୋକେ ଆତଙ୍କିତ

**ମହାକାଳପଡା,୧୪।୧୦(ଡି.ଏନ୍.ଏ.) :** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗଗୁଆ ପଞ୍ଚାୟତ ଅନ୍ତର୍ଗତ ରତନପୁର ଗ୍ରାମ ନିକଟ ଏକ ନାଳରୁ ମଙ୍ଗଳବାର ରାତିରେ ଏକ ବଉଳା କୁମ୍ଭୀର ଉଠିଆସି ଗ୍ରାମ ମୁଖ୍ୟରାସ୍ତାରେ ବୁଲୁଥିଲା। ପ୍ରାୟ ୭ ଫୁଟର ଏହି ବଉଳା କୁମ୍ଭୀରକୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇଯାଇଥିଲେ। ଏନେଇ ଗହୀରମଥା ବନବିଭାଗକୁ ଅବଗତ କରାଯିବା ପରେ ରେଞ୍ଜର ଦେବାଶିଷ ଭୋଇ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେତେବେଳକୁ କୁମ୍ଭୀରଟି ନାଳକୁ ଚାଲିଯାଇଥିଲା। ତା' ଉପରେ ନଜର ରଖିବାକୁ ଗ୍ରାମରେ ୨ ଜଣ ବନ ବିଭାଗ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଏଥିସହ ସ୍ଥାନୀୟ ଲୋକଙ୍କୁ ନାଳକୁ ଯିବାକୁ ବାରଣ କରାଯାଇଛି ବୋଲି ଭୋଇ କହିଛନ୍ତି।



## ଆଶାରେ ରହିଗଲା ଆଶାଲତାଙ୍କ ଲାଭ


କଦଳୀ ଫସଲ କରିଥିବା ଆଶାଲତା ପ୍ରଧାନ।

- ଲକ୍‌ଡାଉନ୍ ଯୋଗୁ ବିକ୍ରି ହୋଇପାରିଲାନି କଦଳୀ
- ବିଲରେ ପଚି ନଷ୍ଟ ହେବାରୁ ଲକ୍ଷାଧିକ ଟଙ୍କାର କ୍ଷତି
- ଗତବର୍ଷ ଲାଭ କରିଥିଲେ ୭୦ ହଜାର ଟଙ୍କା

**ବନ୍ତଲା,୧୪।୧୦(ଦିନେଶ ଦେହୁରୀ)**

ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ବୋଝ ଉଠାଇବାକୁ ଚାଷକୁ ସାହାରା କରିଥିଲେ ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମର ଆଶାଲତା ପ୍ରଧାନ (୩୮)। ପୈତୃକ ଜମି ଏକ ଏକର ସହ ଭାଗ ସୂତ୍ରରେ ଆଉ ୩ ଏକର ଆଣି ସେଥିରେ କଦଳୀ ଓ ଅନ୍ୟ ପରିବା ଚାଷ କରିଥିଲେ। କିନ୍ତୁ କରୋନା ପାଇଁ ଲକ୍‌ଡାଉନ୍ ଯୋଗୁ ଚଳିତ ବର୍ଷ କଦଳୀ ଫସଲ ବିକ୍ରି ହୋଇ ନ ପାରିବାରୁ ତାଙ୍କୁ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏପରି କି ହଜାରେରୁ ଅଧିକ ପାକଳ କଦଳୀ କାନ୍ଦି ବିଲରେ ପଚି ନଷ୍ଟ ହୋଇଯିବାରୁ ଲାଭ କରିବାର ଆଶା ତାଙ୍କର ଆଶାରେ ରହିଯାଇଛି।

ଆଶାଲତାଙ୍କ କହିବା ଅନୁଯାୟୀ, ସ୍ୱାମୀ ଅମର ଅଳ୍ପ କିଛି ଜମିରେ କଦଳୀ ଚାଷ କରୁଥିଲେ। ଅଢ଼େଇ ବର୍ଷ ତଳେ ସ୍ୱାମୀଙ୍କ ମୃତ୍ୟୁ ହୋଇଯିବାରୁ ସେ ଅସହାୟ ହୋଇଯାଇଥିଲେ। ଗୋଟିଏ ପୁଅ ଓ ଦୁଇ ଝିଅଙ୍କୁ କେମିତି ପାଠ ପଢ଼ାଇ ମଣିଷ କରିବେ ତାହା ଭାବିପାରୁ ନ ଥିଲେ। ଶେଷରେ ସ୍ୱାମୀ ଛାଡ଼ିଯାଇଥିବା କଦଳୀ ଚାଷକୁ ଆଗକୁ ବଢ଼ାଇବାକୁ ନିଷ୍ପତ୍ତି ନେଇଥିଲେ। ବଡ଼ସ୍କୁଲ ନିକଟ ଜାମ୍ବୁଡଇଳାରେ ପାଖାପାଖି ୫ ଏକର ଜମିରେ ସେ ଚାଷ ଆରମ୍ଭ କଲେ। ସେଥିରୁ କେବଳ ୩ ଏକରରେ କଦଳୀ ଓ ଅନ୍ୟ ୨ ଏକରରେ ବାଇଗଣ, ପୋଟଳ, ରାଶି, ଧାନ, ହରଡ଼, କଖାରୁ ଲଗାଇଲେ। ପରିବା ଚାଷରୁ ଅଳ୍ପ କିଛି ଆୟ ହେଉଥିବା ବେଳେ ୪,୫୦୦ ଶହ କଦଳୀ ଗଛରୁ ସେ ଭଲ ଲାଭ ପାଉଥିଲେ। ଗତବର୍ଷ ଖର୍ଚ୍ଚ ବାଦ୍‌ଦେଇ ଅଧିକ ୭୦ ହଜାର ଟଙ୍କା ତାଙ୍କୁ ମିଳିଥିଲା। ତେଣୁ ଆୟ ଆହୁରି ବଢ଼ାଇବା ଆଶାରେ ଫସଲର ଭଲ ଯତ୍ନ ନେଇଥିଲେ। ଦୈନିକ ୮ ରୁ ୧୦ ଜଣ ମଜୁରିଆଙ୍କୁ ଖଟାଇବା ସହ ସାର ବାବଦରେ ୫୦ ହଜାର, କଦଳୀ ଟିଆ ପାଇଁ ୪୦ ହଜାରକୁ ମିଶାଇ ୨ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିଲେ। ଗୋଟିଏ କଦଳୀ କାନ୍ଦି ୨୦୦ରୁ ୩୫୦ ଟଙ୍କାରେ ବିକ୍ରି ହେଉଥିବାରୁ ଚଳିତବର୍ଷ ହଜାରେରୁ ଅଧିକ କାନ୍ଦି ବିକିବାକୁ ଯୋଜନା କରିଥିଲେ। ହେଲେ ଗତ ମାର୍ଚ୍ଚରୁ କରୋନା ଜନିତ ଲକ୍‌ଡାଉନ୍ ଘୋଷଣା ତାଙ୍କ ବ୍ୟବସାୟକୁ କ୍ଷତି ପହଞ୍ଚାଇଲା। ବିଲରେ ପାକଳ ହୋଇଯାଇଥିବା କଦଳୀ ସବୁ ପାଚି ନଷ୍ଟ ହୋଇଗଲା। ଗାଁ ଲୋକଙ୍କୁ ଯାଚିକରି ସେ ଯାହା ଶହେ ଦୁଇଶହ କାନ୍ଦି ୩୦ରୁ ୫୦ ଟଙ୍କା ଲେଖାଏରେ ବିକ୍ରି କରିପାରିଛନ୍ତି। ବହୁ ଅଭାବ ଅନଟନ ଭିତରେ ଚାଷ କରୁଥିଲେ ମଧ୍ୟ ବ୍ଲକ କୃଷି ଓ ଉଦ୍ୟାନ କୃଷି ଅଫିସ ପକ୍ଷରୁ କୌଣସି ସହଯୋଗ କରାଯାଇ ନାହିଁ। ସରକାରଙ୍କ ପକ୍ଷରୁ କିଛି ସହାୟତା ମିଳିଲେ ଅଧିକ ଜମିରେ ଚାଷ କରିପାରନ୍ତେ ବୋଲି ଆଶାଲତା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଅନୁଗୋଳ ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ ପଦ୍ମଲୋଚନ ଦାସ କହିଛନ୍ତି, କର୍ମଚାରୀଙ୍କୁ ପଠାଇ ଆଶାଲତାଙ୍କୁ କ'ଣ ସହଯୋଗ କରାଯିବ ତାହା ବୁଝାଯିବ। ଏଥିସହ ବିହନ, ଉଇଡର ଓ ସ୍ପ୍ରେୟର ମେଶିନ ୫୦ ପ୍ରତିଶତ ରିହାତିରେ ଯୋଗାଇ ଦିଆଯିବ। କରୋନାରେ କ୍ଷତି ହୋଇଥିବା ବିଷୟରେ ସରକାରଙ୍କୁ ଚିଠି କରି ସହାୟତା ପାଇଁ ନିବେଦନ କରାଯିବ ବୋଲି ଉପ ନିର୍ଦ୍ଦେଶକ ଦାସ ପ୍ରକାଶ କରିଛନ୍ତି।

## ବୃତ୍ତି ଚିହ୍ନେନା ଝିଅପୁଅ ଫରକ

**ଭୁବନେଶ୍ୱର,୧୪।୧୦(ବ୍ୟୁରୋ)**

ହାତରେ ଅଛି ତାଙ୍କର ନିଖୁଣ କାରିଗରିର ଯାଦୁ। ମୂର୍ତ୍ତିକୁ ଜୀବନ୍ତ ରୂପ ଦେବାର କଳା ତାଙ୍କୁ ବେଶ୍ ଭଲଭାବେ ଜଣା। ଝିଅ ହୋଇ ବି କିଛି ଅସାଧାରଣ କରିବାର ଜିଜ୍ଞାସା ଆଜି ତାଙ୍କୁ ଏକ ଭିନ୍ନ ପରିଚୟ ଦେଇଛି। କଟକ କାଠଗଡ଼ାସାହିର ସୁମିତ୍ର ବେହେରା। ବୟସ ମାତ୍ର ୨୪ବର୍ଷ। ହେଲେ ଏବେଠାରୁ ଜଣେ ଲୋକପ୍ରିୟ ମୂର୍ତ୍ତି କାରିଗର ହେବାର ସୌଭାଗ୍ୟ ଅର୍ଜିଛନ୍ତି ସୁମିତ୍ରା। ଝିଅ ହୋଇ ବି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆଗକୁ ବଢିଛନ୍ତି ଓ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

କଟକର ପ୍ରସିଦ୍ଧ ମୂର୍ତ୍ତି କାରିଗର ଅଭିମନ୍ୟୁ ବେହେରା(ଦନୁ)ଙ୍କ ୭ ଝିଅ ମଧ୍ୟରୁ ସୁମିତ୍ରା ସବୁଠାରୁ ସାନ। ପୁଅ ନ ଥିବାରୁ ବାପାଙ୍କ କାରିଗରିକୁ ପରବର୍ତ୍ତୀ ପିଢିକୁ ନେବାର ଦାୟିତ୍ୱ ଥିଲା ସୁମିତ୍ରାଙ୍କ ମୁଣ୍ଡ ଉପରେ। ୧୦ବର୍ଷ ବୟସରୁ ବାପାଙ୍କ ସହ ରହି ତାଙ୍କଠାରୁ ମୂର୍ତ୍ତି ତିଆରି କଳାକୁ ଧୀରେ ଧୀରେ ସୁମିତ୍ରା ଶିଖିବାକୁ ଲାଗିଥିଲେ। କାମରେ ଆଗ୍ରହ ଦେଖି ଅଭିମନ୍ୟୁ ତାଙ୍କୁ ମୂର୍ତ୍ତି ତିଆରି ପାଇଁ ବିଭିନ୍ନ ସ୍ଥାନକୁ ସାଙ୍ଗରେ ନେଉଥିଲେ। ସୁମିତ୍ରାଙ୍କ ମୂର୍ତ୍ତି ଗଢ଼ଣ ଶୈଳୀକୁ ଗ୍ରାହକ ପ୍ରଶଂସା କରିବାସହ ଆଗକୁ ବଢିବାକୁ ଉତ୍ସାହିତ କରୁଥିଲେ। ତେବେ ଏଭଳି ବୃତ୍ତିରେ ଜଣେ ଝିଅକୁ ଦେଖିବା ବିରଳ ହୋଇଥିଲେ ମଧ୍ୟ କେହି ତାଙ୍କୁ ହତୋତ୍ସାହିତ କରି ନ ଥିଲେ। ବରଂ ଅଧିକ କାମ ଦେବାସହ ବାପାଙ୍କ କୌଳିକ ବୃତ୍ତିକୁ ଆଗକୁ ନେଇଥିବାରୁ ପ୍ରଶଂସା କରିଥିଲେ। ସୁମିତ୍ରା ଏବେ ଏକାକୀ ଶତାଧିକ ମୂର୍ତ୍ତି ତିଆରି କରୁଥିବାବେଳେ ଭୁବନେଶ୍ୱରର କେତେକ ପ୍ରମୁଖ ପୂଜା ମଣ୍ଡପ ମୂର୍ତ୍ତି ତିଆରିର ଅର୍ଡର ନେଇଛନ୍ତି। ପଳାଶୁଣୀ, ପାଣ୍ଡରା, ଏଜି କଲୋନୀ ଓ ବନମାଳିପୁର ପୂଜା ମଣ୍ଡପ ପାଇଁ ସେ ମା' ଦୁର୍ଗାଙ୍କ ମୂର୍ତ୍ତି ତିଆରି କରୁଛନ୍ତି। କେବଳ ଦୁର୍ଗାଙ୍କ ପ୍ରତିମୂର୍ତ୍ତି ନୁହେଁ, କାର୍ତ୍ତିକେଶ୍ୱର, ବିଶ୍ୱକର୍ମା, ଗଣେଶ, ମା' ଲକ୍ଷ୍ମୀ, କାଳୀ ଓ ଭାଲୁକୁଣୀ ମୂର୍ତ୍ତି ମଧ୍ୟ ସେ ତିଆରି କରୁଛନ୍ତି। ବର୍ଷକୁ ପ୍ରାୟ ୨୦୦ରୁ ଅଧିକ ମୂର୍ତ୍ତିର ଅର୍ଡର ନେଉଥିବା ସୁମିତ୍ରାଙ୍କ ମୁଖା ଓ ମୂର୍ତ୍ତି ଗଢଣରେ ଥିବା ସ୍ୱତନ୍ତ୍ରତା ଲାଗି ଲୋକପ୍ରିୟତା ହାସଲ କରିଛନ୍ତି। ବାପଝିଅ ମିଶି କଟକ ଚୌଦ୍ୱାରରେ 'ଶିଳ୍ପୀ କୁମ୍ଭାରସାହି' ନାମରେ ଏକ ମୂର୍ତ୍ତି କାରଖାନା କରିଛନ୍ତି। ଏହା ମାଧ୍ୟମରେ ସେ ପ୍ରାୟ ୧୦ଜଣଙ୍କୁ ନିଯୁକ୍ତି ଦେଇଥିବାବେଳେ ବାର୍ଷିକ ୩ରୁ ୪ଲକ୍ଷ ଟଙ୍କାର କାମ କରୁଛନ୍ତି। ହେଲେ ଏବେ କୋଭିଡ୍ ପାଇଁ ବେପାର ମାନ୍ଦା ରହିଛି। ୬ ମାସ ହେଲା କାମ ବନ୍ଦ ଥିବାବେଳେ ଏବେ ଯାହା ବି ମୂର୍ତ୍ତି ଅର୍ଡର ଆସୁଛି ତାହା ଘରୋଇ ପୂଜା ପାଇଁ ଆସୁଛି। ବଡ଼ ଅର୍ଡର ମିଳୁ ନ ଥିବାରୁ ଛୋଟ ମୂର୍ତ୍ତିରେ ରୋଜଗାର ହେଉନି। ଏଭଳିସ୍ଥଳେ ରୋଜଗାର ପାଇଁ ଭିନ୍ନ ପନ୍ଥା ଆପଣାଇଛନ୍ତି ସୁମିତ୍ରା। କିଛି ଲୋକଙ୍କୁ ନେଇ ଘର ରଙ୍ଗ କରିବାର ଅର୍ଡର ନେଉଛନ୍ତି। କଟକ ଓ ଭୁବନେଶ୍ୱରରେ ଅଫ୍ ସିଜନ୍‌ରେ ଘର କଲର କରୁଛନ୍ତି। ଏନେଇ ସୁମିତ୍ରା କହିଛନ୍ତି, ବାବାଙ୍କର କେହି ପୁଅ ନ ଥିଲେ। ତେଣୁ ଆମେ ସବୁ ଭଉଣୀ ମିଶି ମୂର୍ତ୍ତି ତିଆରି କରୁଥିଲୁ। ହେଲେ ବାହାଘର ପରେ ସେମାନେ ସମସ୍ତେ କାମ ଛାଡ଼ିଦେଲେ। ତେଣୁ ମୁଁ ବାହା ନ ହୋଇ ବାବାଙ୍କ ବ୍ୟବସାୟକୁ ଆଗକୁ ନେବାକୁ ଲକ୍ଷ୍ୟ ରଖିଛି। ସରକାରଙ୍କ ତରଫରୁ ଯଦି ସାହାଯ୍ୟ ମିଳେ ତା'ହେଲେ ଏକ ଛୋଟ ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ଝିଅମାନଙ୍କୁ ମୂର୍ତ୍ତି ତିଆରି ଶିଖାଇବାକୁ ଲକ୍ଷ୍ୟ ରଖିଛି। କାମରେ ପୁଅ ଝିଅର ଫରକ ନ ଥାଏ। ଝିଅମାନେ ଚାହିଁଲେ ଯେକୌଣସି ପେସାକୁ ଆପଣାଇ ସେ କ୍ଷେତ୍ରରେ ଉତ୍କର୍ଷ ହାସଲ କରିପାରିବେ ବୋଲି ସୁମିତ୍ରା କହିଛନ୍ତି।


ମୂର୍ତ୍ତି ଗଢ଼ାରେ ନିମଗ୍ନ ସୁମିତ୍ରା।

ଲଘୁଗଳ୍ପ

# ଜୀବନ

ଦେବେନ୍ଦ୍ର କର

ବାବୁଘର ଛାତ ଉପରେ ହରେକ୍ ରକମର ଫୁଲଗଛ। ବାବୁଙ୍କ ହାତ ସ୍ପର୍ଶରେ ଗଛଲତାଗୁଡ଼ିକ ଦିନକୁ ଦିନ ବେଶ୍ ଆକର୍ଷଣୀୟ ଦିଶୁଥା'ନ୍ତି। ଛାତ ଉପର ପାଣିଟାଙ୍କି କଡ଼ରେ ଏବେ ଏବେ ଦୁଇଟି ନୂଆ ସଦସ୍ୟ ସାମିଲ ହୋଇଛନ୍ତି। ଗୋଟିଏ ଅପରାଜିତା ଅନ୍ୟଟି ହରଗୌରା। କଅଁଳ ସବୁଜ ଶାଖାପ୍ରଶାଖା ମେଲି ଦିହେଁ ନିଜ ଉପସ୍ଥିତି ଜାହିର କରୁଥା'ନ୍ତି। କୁନିକୁନି କଢ଼ରୁ ଫୁଲ ବି ଧରି ଆସିଲାଣି। ଦିନେ ଅପରାଜିତା ହରଗୌରାକୁ କହିଲା- ଭାଇ କେବେ କେମିତି ଟୋପେ ପାଣି ମିଳିଯାଉଛି, ନ ହେଲେ ଆମେ କେବେଠାରୁ ଜୀବନ ହାରିସାରନ୍ତୁଣି। ଅପରାଜିତା କହିଲା- ଚାଲ ଆମେ ଦିହେଁ ଦିହିଁଙ୍କର ସାଥୀ ହେବା। ବିପଦଆପଦରେ ପରସ୍ପରର ସାହା ହେବା। ଉପରବାଲା ଆମକୁ ଜୀବନ ଦେଇଛି, ଆମେ ବି ଅନ୍ୟ ଗଛଲତାଙ୍କ ପରି ହସଖୁସିରେ ଜୀବନ ଜିଇବା। ହରଗୌରା ଅପରାଜିତା କଥାରେ ରାଜି ହୋଇଗଲା। ସଙ୍ଗେ ସଙ୍ଗେ



ମତେ ଲାଗୁଛି ବାବୁଙ୍କ ଶୁଭଦୃଷ୍ଟି ଆମ ଦିହିଁଙ୍କ ଉପରେ ଆଉ କେବେ ବି ପଡ଼ିବ ନାହିଁ। ଆମ ଜୀବନ ଏମିତି ଅପନ୍ତରାରେ କଟିଯିବ। ଆମେ ପ୍ରତ୍ୟେକ ଦିନ ଫୁଲ ତ ଭେଟି ଦେଉଛୁ, ହେଲେ ବାବୁ ଆମକୁ ମୁନ୍ଦେ ପାଣି ବି ଦେଉନାହାନ୍ତି। ସାମାନ୍ୟ ବର୍ଷା ପବନରେ ଆମ ଅବସ୍ଥା କ'ଣ ଯେ ହେବ ତାହା କିଏ କହିବ। ଏମିତି ଡରିମରି କେତେ ଦିନ ଆଉ ବଞ୍ଚିବା। ସବୁକଥା ଶୁଣି ହରଗୌରା କହିଲା ଠିକ୍ କହିଲ ଭଉଣୀ, ଆମ ଜୀବନ ଏମିତି ଏ ଅପନ୍ତରାରେ ବିତିଯିବ। ବାବୁଙ୍କର ଆମପ୍ରତି ଟିକିଏ ବି ସ୍ନେହଶ୍ରଦ୍ଧା ନାହିଁ। ଦେଖୁନ ସେ କୁଣ୍ଡଗୁଡ଼ିକରେ ଆମ ସାଥିମାନେ କେଡ଼େ ଖୁସିରେ ଅଛନ୍ତି। ଉପରବାଲାଙ୍କ ଦୟାରୁ ଦମ୍ଭ ସ୍ୱରରେ କହିଲା- ହଁ ଭଉଣୀ ଆମ ବିଶ୍ୱାସ ହିଁ ଆମର ସମ୍ବଳ। ଆସୁ ଯେତେ ଝଡ଼ଝଞ୍ଜା, ଆମେ ଆଉ ଡରିବା ନାହିଁ। ଅପରାଜିତାର କଅଁଳ ଲତା ହରଗୌରା ପାଖକୁ ଆଉଜି ଆସିଲା। ଦିନ ଗଡୁଥାଏ। ଅପରାଜିତାର ପରିଚୟ ଏବେ ହରଗୌରା ପ୍ରତ୍ୟେକଟି ଶାଖାପ୍ରଶାଖାରେ। ଉଭୟ ଉଭୟଙ୍କୁ ସାଥୀ ରୂପେ ପାଇ ବେଶ୍ ଖୁସି ଥିଲେ। ହାଲୁକା ପବନରେ ଯେତେବେଳେ କୁଣ୍ଡର ଗଛଲତାଗୁଡ଼ିକ ଭୟଭୀତ ହୋଇପଡୁଥିଲେ ସେତେବେଳେ ଅପରାଜିତା ହରଗୌରା ନିଜର ଦମ୍ଭ ଦେଖାଉଥିଲେ।

ମୋ- ୯୯୩୭୯୬୩୯୧୦

## କାଳକାଳକୁ

"ଜଣକୁ ସମୁଦ୍ର ହେବାକୁ ହେବ,
ଅପବିତ୍ର ନ ହୋଇ
ଗ୍ରହଣ କରିବାକୁ
ଏକ ଦୂଷିତ ଜଳଧାର"

ଫ୍ରେଡ୍‌ରିକ୍ ନିତ୍‌ସେ



ଫ୍ରେଡ୍‌ରିକ୍ ନିତ୍‌ସେଙ୍କ ଜନ୍ମ ୧୫ ଅକ୍ଟୋବର ୧୮୪୪ରେ ଓ ପରଲୋକ ୨୫ ଅଗଷ୍ଟ ୧୯୦୦ରେ ଯଥାକ୍ରମେ ଜର୍ମାନ୍‌ର ରକେନ୍ ଓ ୱେମାର୍‌ଠାରେ। ପ୍ରଖ୍ୟାତ ଏହି ଜର୍ମାନ୍ ଦାର୍ଶନିକଙ୍କ ଲେଖା ପାଶ୍ଚାତ୍ୟ ଦର୍ଶନ ଓ ବୌଦ୍ଧିକତାକୁ ବ୍ୟାପକଭାବେ ପ୍ରଭାବିତ କରିଛି। ଅସ୍ତିତ୍ୱବାଦର ସେ ପ୍ରମୁଖ ଜ୍ଞାନବେତ୍ତା। ପ୍ଲାଟୋ, ଆରିଷ୍ଟୋଟଲ୍, ହେଗେଲ୍ ଓ ସକ୍ରେଟିସ୍‌ଙ୍କ ବିଶ୍ୱସ୍ତ ଅନୁଗାମୀ ଏବଂ ଅପରପକ୍ଷେ ସିଗ୍‌ମଣ୍ଡ ଫ୍ରୟେଡ୍, ଜାଁ ପଲ୍ ସାର୍ତ୍ତ୍ରେ, ଫୁକୋ, ଆଲବର୍ଟ କାମ୍ୟୁ ଓ କାର୍ଲ ୟୁଙ୍ଗ୍‌ଙ୍କ ଦ୍ୱାରା ବହୁଳଭାବେ ଅନୁସୃତ।

## ପୁସ୍ତକ ପରିଚୟ

### ନଈତୁଠ



**କବି:** ଶଶାଂକ ଚୂଡ଼ାମଣି
**ପ୍ରକାଶକ:** ବିଶ୍ୱମୁକ୍ତି, ଭୁବନେଶ୍ୱର-୩୧
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୧୨୫/-

୫୨ଟି କବିତାକୁ ନେଇ 'ନଈତୁଠ' ଏବଂ ପ୍ରତିଟି କବିତାରେ ଓଡ଼ିଶାର ମାଟି, ପାଣି ଓ ପବନର ସ୍ପନ୍ଦନ ଅନୁରଣିତ। ଶଶାଙ୍କ ଲେଖିଛନ୍ତି: "ଶୀତ ରାତିରେ ବଡ଼ବାପାଙ୍କ ସହ ଧାନ କଳେଇ ଗଦା ମଝିରେ ଶୋଇଲେ ବି ରାତିରେ ବିମାନରେ ଚଳମାନ ଠାକୁରାଣୀଙ୍କୁ ଦେଖିବାର ନିଶା ଥାଏ। ନିଶା ରାତି ଗର୍ଜୁଥାଏ, ମିଞ୍ଜିମିଞ୍ଜି ଲଣ୍ଠନ ଜଳୁଥାଏ, ବଡ଼ବାପାଙ୍କ ଘୁଙ୍ଗୁଡ଼ି ଶୁଭୁଥାଏ, ମୋ' ଭାବନା ବଢୁଥାଏ। ଏ ସବୁ କବିତା ହେଉଥାଏ।" (ନଈତୁଠ କଥା) ପାପୁଲିରେ ପୁଳେ ଖଇ ଧରି ଫୁଙ୍କି ଦେଲା ପରି କବି ଦୁଃଖ ଓ ମୃତ୍ୟୁକୁ ବାଏଁ ବାଏଁ ଉଡ଼େଇ ଦିଅନ୍ତି। କହନ୍ତି: "ପ୍ରତିଟି ହୃଦୟେ ଦୁଃଖ ଏକ / ଚିରକାଳ ଗତିପଥ ବଦଳାଉଥିବା ନଈ/ଦୁଃଖ ବା କାହାର ନାହିଁ? (ଫୁଲବତୀ, ପୃ: ୨୭) 'କଲମ' ଭଳି କବିତାରେ ଥିବା ମୌଳିକତା ତାଙ୍କ କବିତାର ତାକତ୍ ହୋଇ ଉଠେ। "x x ତୋ' ବିନା ନାହିଁ କାହାର ନିସ୍ତାର/ବଦଳି ଫାଇଲ ଚଷୁଥିବା ମନ୍ତ୍ରୀର/ନା ବିନା କାମରେ ରାତି ଅଧରେ ବିଲ୍ ଦେଉଥିବା ଯନ୍ତ୍ରୀର।" କଲମର ଗୁଣ ଗାଉଗାଉ ଦୁର୍ନୀତି ଓ ସ୍ଖଳନକୁ କି ଖୁନ୍ଦା ଦେଖିଲେ ତ କବିଙ୍କର! ଗାଁରେ ମଞ୍ଜିପଡ଼ି ଉଙ୍କେଇଥିବା ଗଛ ସେ ଓ ତାଙ୍କ କବିତା। ଉଜୁଡ଼ି ଯାଇଥିବା 'ଚିଲିକା' ତାଙ୍କୁ ମାଗିବସେ ତା'ର ସ୍ୱର୍ଣ୍ଣାଭ ଅତୀତ, ତାଙ୍କ ପାରକପଣର ବଅର ଜାଣେ ବୋଲି ତ! ବହି ପାଠକର ମନ ନବ, ବଜାର ନବ।

### ଅଂଶୁପାର ପକ୍ଷୀ



**କବି:** ନକୁଳ ଚନ୍ଦ୍ର ସାହୁ
**ପ୍ରକାଶକ:** ବିନ୍ଦୁ କ୍ରିଏଟିଭ୍, ଜାଗମରା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୫୦/-

ବହିଟି ସମ୍ପର୍କରେ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଲେଖିଛନ୍ତି: "ନକୁଳ ଚନ୍ଦ୍ରଙ୍କ ସଦ୍ୟତମ କାବ୍ୟିକ ପ୍ରୟାସ 'ଅଂଶୁପାର ପକ୍ଷୀ'। ଚବିଶଟି କବିତାର ସମାବେଶ ଯେତିକି ଆହ୍ଲାଦକର ସେତିକି କଳା ସୌଷ୍ଠବ ମଣ୍ଡିତ। ଭାରତୀୟ ପ୍ରାଚୀନ ସଂସ୍କୃତିରେ ପକ୍ଷୀର ସମ୍ମାନକୁ 'ଅଂଶୁପାର ପକ୍ଷୀ'ରେ ପ୍ରୟୋଗ କରିଛନ୍ତି କବି। ଏଠାରେ ପକ୍ଷୀ ହିଁ ପ୍ରଶ୍ନ ପକ୍ଷୀ ହିଁ ଉତ୍ତର।" କବିତାଗୁଡ଼ିକର ଏକ ଏକ ଧାଡ଼ି ଅନ୍ୟମନସ୍କ ପାଠକକୁ ଚିହ୍ନିକେଇ ଦିଏ, ଯେପରି 'ଅଂଶୁପା/ଆକାଶର ଖଂଡେ, ଓଦାରୁମାଲ', 'ହଂସରାଳୀ: 'ସ୍ୟାହି ରଙ୍ଗର ଥଣ୍ଟ' ବା 'ବୁଢ଼ା ଶେଳୀଙ୍କ ପରି ଅନେଇଚି ରଣପା ଚଢ଼େଇ। ପ୍ରକୃତିକୁ ଦେଖିବାର ଯେଉଁ ମୁକ୍ତ ଚକ୍ଷୁ ନକୁଳଙ୍କର, ତାହା ଏହି ବହିଟିକୁ ସଂଚରଣକ୍ଷମ କରାଇଛି ନାନା ଭାବେ। ଗଭୀର ଅନୁଭବରେ ଉବୁଟୁବୁ ହୋଇ ପାଠକେ ଏ ବହିଟିକୁ ଭୋଗିବେ- ଏ ଆଶା ଅମୂଳକ ନୁହେଁ।

# ଜଣା ଶବ୍ଦ, ଅଜଣା ବିସ୍ମୟ: ଲୁଇସ୍ ଗ୍ଲୁକ୍‌ଙ୍କ କବିତା

ଦେଶେଦେଶେ

ଲୁଇସ୍ ଗ୍ଲୁକ୍‌ଙ୍କ ଜନ୍ମ ୨୨ ଏପ୍ରିଲ୍ ୧୯୪୩ରେ, ଆମେରିକାର ନ୍ୟୁୟର୍କ ସହରରେ। ସାରା ଲରେନ୍ସ କଲେଜ ଓ କଲମ୍ବିଆ ବିଶ୍ୱବିଦ୍ୟାଳୟରୁ ଶିକ୍ଷାଗ୍ରହଣ। ଇଂଲିଶ୍‌ରେ ଅଧ୍ୟାପନା ଓ ବୃତ୍ତି-ବିରତି ପରେ ସଂପ୍ରତି ୟାଲେ ବିଶ୍ୱବିଦ୍ୟାଳୟର ଆବାସିକ-ଲେଖିକା। ଅବସ୍ଥାନ କେମ୍ବ୍ରିଜ୍‌ରେ। ଆମେରିକାର ସାଂପ୍ରତିକ କବିମାନଙ୍କ ମଧ୍ୟରେ ସବୁଠୁଁ ଉଲ୍ଲେଖନୀୟ ଗ୍ଲୁକ୍। ବିରଳ ନିବନ୍ଧକାର ବି। ପ୍ରକାଶିତ ୧୨ଟି କବିତାଗ୍ରନ୍ଥ ମଧ୍ୟରୁ ପ୍ରମୁଖ କେତୋଟି ହେଲା: 'ଫାଷ୍ଟବର୍ନ'(୧୯୬୮), 'ଦ ହାଉସ୍ ଅନ୍ ମାର୍ସଲ୍ୟାଣ୍ଡ'(୧୯୭୫), 'ଡିସେଣ୍ଡିଙ୍ଗ୍ ଫିଗର'(୧୯୮୦), 'ଦ ଟ୍ରୁଇମ୍ଫ ଅଫ୍ ଆଚିଲିସ'(୧୯୮୫), 'ଦ ୱାଇଲ୍ଡ ଆଇରିସ୍'(୧୯୯୨) ଓ 'ଦ ଫେଥ୍‌ଫୁଲ ଆଣ୍ଡ ଭର୍ଚୁଅସ୍ ନାଇଟ୍'(୨୦୧୪) "American Originality"(୨୦୧୭) ତାଙ୍କର ବହୁ ଚର୍ଚ୍ଚିତ ନିବନ୍ଧଗ୍ରନ୍ଥ। କବିତାକୁ ତାଙ୍କର ଅବଦାନ ପାଇଁ ସେ ବିଶ୍ୱସ୍ତରୀୟ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତା, ଯହିଁରେ ଅନ୍ତର୍ଭୁକ୍ତ 'ପୁଲିଜର୍ ପ୍ରାଇଜ୍'(୧୯୯୩), ବୋଲିଙ୍ଗେନ୍ ପ୍ରାଇଜ୍'(୨୦୦୧), 'ୟୁ.ଏସ୍. ପୋଏଟ୍ ଲରେଟ୍'(୨୦୦୪), 'ନ୍ୟାସ୍‌ନାଲ ବୁକ୍ ଆୱାର୍ଡ'(୨୦୧୪), 'ନ୍ୟାସ୍‌ନାଲ ହ୍ୟୁମାନିଟିଜ୍ ମେଡାଲ'(୨୦୧୫) ଓ ଶେଷରେ ଚଳିତ ୨୦୨୦ର 'ନୋବେଲ୍ ପୁରସ୍କାର'।

ଅକ୍ଟୋବର ୮ ତାରିଖରେ ୨୦୨୦ ପାଇଁ ସାହିତ୍ୟରେ ନୋବେଲ୍ ପୁରସ୍କାର ଘୋଷଣା କରି ସୁଇସ୍ ଏକାଡେମୀ ବିଜେତା ଲୁଇସ୍ ଗ୍ଲୁକ୍‌ଙ୍କ ସମ୍ପର୍କରେ କହିଲେ- "ଗ୍ଲୁକ୍ ହେଉଛନ୍ତି ସାଂପ୍ରତିକ କବିତାର ସେଇ ଅଭ୍ରାନ୍ତ କାବ୍ୟସ୍ୱର, ଯାହାଙ୍କ ସଂଯତ-ସରଳ କାବ୍ୟ-ସୌନ୍ଦର୍ଯ୍ୟ ବ୍ୟକ୍ତିକ ଅବସ୍ଥାନକୁ ସାର୍ବଜନୀନ କରେ।" ଏଇ ଆଲୋକରେ ଦେଖି ବସିଲେ ଗ୍ଲୁକ୍‌ଙ୍କ କବିତାର ଯେଉଁ ବହୁ-ସଞ୍ଚାରି ରୂପଟି ଦୃଶ୍ୟମାନ ହୁଏ, ତାହା ଯଥାର୍ଥରେ ସାବ୍ୟସ୍ତ କରେଯେ ସେ କେବଳ ବର୍ତ୍ତମାନର ଆମେରିକୀୟ କବିତାର ଅନ୍ୟତମ ତୁଂଗିମା ନୁହନ୍ତି, ବିଶ୍ୱ-କବିତାର ମଧ୍ୟ ଅନନ୍ୟ ମହିମା।

ଗ୍ଲୁକ୍‌ଙ୍କ ବାପା ଲେଖକ ହେବାକୁ ଅଭିଳାଷୀ ଥିଲେ, ମାତ୍ର ଭାଗ୍ୟ ତାଙ୍କୁ ଟାଣି ନେଇଥିଲା ବ୍ୟବସାୟକୁ। ଅଚରିତାର୍ଥ ଥିଲା ତାଙ୍କ ଲେଖକ ହେବାର ବାସନା। ସେଇ ଅଚରିତାର୍ଥ ସୃଜନ-ଅଭିଳାଷରୁ ଜନ୍ମ ନେଇ କ୍ରମେ କବିତା ଓ ନିବନ୍ଧରେ ଚେରମାରି ଉଠିଥିଲେ ଗ୍ଲୁକ୍। ତାଙ୍କର ପ୍ରଥମ କବିତା ବହି ପ୍ରକାଶ ପାଇଥିଲା ୧୯୬୮ରେ, ୨୫ ବର୍ଷ ବୟସରେ, ଯଦିଓ ସେ କୈଶୋରରୁ କବିତା ଲେଖିବା ଆରମ୍ଭ କରିଥିଲେ। ଆବେଗର ଗଭୀରତା, ଶବ୍ଦର ମିତବ୍ୟୟିତାରେ କ୍ରମେ ଉଜ୍ଜ୍ୱଳି ଉଠିଥିଲା ତାଙ୍କ କବିତାର ଅସାଧାରଣ ଶୈଳୀ। ପ୍ରଥମ ବହିରୁ ସେ ପାଠକ ଓ ସମାଲୋଚକଙ୍କ ନଜରକୁ ଆସିଥିଲେ। ପଢ଼ିଥିଲେ ପଢ଼ିଥାଇପାରେ ତାଙ୍କ କବିତାରେ ପୁଏର୍ତୋ ରିକାନ୍ ଓ ଜର୍ଜ ଓପେନ୍‌ଙ୍କ ଭଳି ଶକ୍ତିଶାଳୀ ଆମେରିକୀୟ କବିଙ୍କର ପ୍ରଭାବ, ମାତ୍ର ସେ ପ୍ରଭାବ ଦୀପ୍ତି ହରାଇ ବସିଥିଲା ଗ୍ଲୁକ୍‌ଙ୍କ ପ୍ରଭାବୀ କବିତାର ଅପ୍ରତିରୋଧ୍ୟ ପ୍ରଭା ପାଖରେ। ସେଇ ସମାନ ବିଷୟ, ସେଇ ଦ୍ୱନ୍ଦ୍ୱଦ୍ୱିଧା ଆନ୍ଦୋଳିତ ପରିବାର-ଜୀବନ, ଇତିହାସର ଉତ୍‌ଥାନ-ପତନ, ବ୍ୟକ୍ତି-ମଣିଷର ବିଚ୍ଛିନ୍ନତା ଓ ବିଷାଦବୋଧ, ମୃତ୍ୟୁ ଓ ନିଃସଂଗତା-ଯାହା ବହୁ କବିଙ୍କ କବିତାର ପ୍ରସଙ୍ଗ ହୋଇଥାଏ, ଲୁଇସ୍‌ଙ୍କ କବିତାରେ ବି ସେସବୁ ଥିଲା ପ୍ରସଙ୍ଗ, ମାତ୍ର ସମାନ ପ୍ରସଙ୍ଗରେ ସେ ତାଙ୍କ କଥନ-କଳାର ସ୍ୱାତନ୍ତ୍ର୍ୟକୁ ନେଇ ହୋଇ ଉଠିଥିଲେ ଅସାମାନ୍ୟ।

ପିଲାଟିଦିନୁ ଲୁଇସ୍‌ଙ୍କ କାନରେ ତାଙ୍କ ବାପା-ମାଆ ପକାଇଥିଲେ ଗ୍ରୀକ୍-ପୁରାଣର ଅନେକ କାହାଣୀ, ଜୋନ୍ ଅଫ୍ ଆର୍କଙ୍କ ଜୀବନୀ ଭଳି ବହୁ ଧ୍ରୁପଦୀ ଗପ, ଯାହା ତାଙ୍କ ଭିତରେ ସୃଜନର ଏକ ନିଆରା ଛାଞ୍ଚ ଗଢ଼ିତୋଳିଥିଲା। ତିଆରି ହୋଇଥିଲା ଧୀରେଧୀରେ ସାହିତ୍ୟରେ ନବନିର୍ମାଣର ଏକ ନିଶା। ଯେମିତି ଶୁଣିଥିଲେ ଗପ, ସେମିତି କଥାକୁହା ଭାଷାରେ ସେ ଲେଖିଚାଲିଥିଲେ ଗୋଟିଏ ପରେ ଗୋଟିଏ କବିତା। ତାଙ୍କ କବିତାର ବେଶଘର ନ ଥିଲା। ସାଦାସିଧା, ନିରଳଂକାର ଭାଷା ଯେ କେତେ ଗହନକୁହା ହୋଇପାରେ, ଲୁଇସ୍‌ଙ୍କ କବିତା ନ ପଢ଼ିଲେ ବୁଝାଯାଏ କ୍ୱଚିତ୍। ଅନେକ କବିତା ତ ଅଛି, କଇଁଛ ପରି ଯାହାକୁ ଆସ୍ୱାଦ କରିହୁଏ ସକଳ ବାହ୍ୟିକତାରୁ ମନ ଓ ଚେତନାକୁ ସଂବରଣ କରି। ତେବେ ତାଙ୍କ "Visitors from Abroad" କବିତାରୁ ଦୁଇଟି ପଙ୍‌କ୍ତି ନେବା, କବୟିତ୍ରୀଙ୍କ ସୃଜନର ଗୂଢ଼ତା ଓ ସାଦାପଣକୁ ପରଖିବା ପାଇଁ : ୧. "The phone rang./ I picked it up, the line was dead./ or was the phone working and the caller dead?/ or was it not the phone, but the door perhaps?" ୨. "The street was white again / all the bushes covered with heavy snow/and the trees glittering, encased with ice./ I lay in the dark, waiting for the night to end./ It seemed the longest night I had ever known, / longer than the night I was born."

ପ୍ରଥମ ଉଦ୍ଧୃତିରେ ଘଟଣାର ଭାବନାତ୍ମକ ବିବିଧତା, ସମ୍ଭାବନା ଓ ସଂଶୟର ଜଟିଳତା ଧରାଦେଇଛି। ପ୍ରତ୍ୟାଶା ଓ ପ୍ରତ୍ୟାଖ୍ୟାନର ଏ ଦୋଳାୟମାନତା ଅବଧାରିତ ଭାବେ ପ୍ରାତ୍ୟହିକତାର। ଦ୍ୱିତୀୟ ଉଦ୍ଧୃତିରେ 'ପ୍ରସବର ରାତି ଅସରା'- ଆହାଃ, କେଡ଼େ ବଡ଼ ସତଟିଏ! ଗ୍ଲୁକ୍‌ଙ୍କ କବିତା ଜୀବନର ଅନ୍ତର୍ଯାତ୍ରା, ଯହିଁରେ ଭାଗଥାଏ ସମ୍ଭବତ ପ୍ରାୟ ପାଠକର। ସ୍ୱପ୍ନ ଓ ବାସ୍ତବତା ତାଙ୍କ କବିତାରେ ଏକାକାର। ଗଳ୍ପ ଓ ଉପନ୍ୟାସର ଧାଡ଼ିପରି କେବେକେବେ ତାଙ୍କ କବିତାର ଲମ୍ୱା ଧାଡ଼ି ଗଦ୍ୟର ଭ୍ରମ ଆଣିଲେ ବି ତହିଁରେ ଖୁନ୍ଦି ହୋଇଥାଏ ଗୀତିମୟତା। ତାଙ୍କ ସମ୍ପର୍କରେ କବି ରବର୍ଟ ହାସ୍ କହନ୍ତି, "One of the purest and most accomplished lyric poets now writing." ପୁରସ୍କାର ଘୋଷଣା ପରେ ନୋବେଲର ଜଣେ ଅଧିକାରୀ ଆଡାମ୍ ସ୍ମିଥ୍ ତାଙ୍କୁ ପଚାରିଲେ ତାଙ୍କ ବହିର ବିଶେଷତ୍ୱ କ'ଣ, ଉତ୍ତର ଦେଲେ ଲୁଇସ୍: "ତାହା ମୁଁ କହିପାରିବି ନାହିଁ। କାରଣ ମୋର ପ୍ରତ୍ୟେକ ବହି ପ୍ରତ୍ୟେକଟିଠାରୁ ଭିନ୍ନ।" ଏଇ କାଳଖଣ୍ଡର ହୋଇ ବି ଅନାଗତ ବହୁ କାଳଖଣ୍ଡକୁ ସଂଚରିତ ହେଇଯିବାର କ୍ଷମତା ରଖେ ତାଙ୍କ କବିତା। ସାମ୍ପ୍ରତିକ ହୋଇ ବି ସେ ଶାଶ୍ୱତ।

ଅନୁବାଦ ଓ ଉପସ୍ଥାପନା:
**ଡ. ହୃଷୀକେଶ ମଲ୍ଲିକ**
ମୋ-୯୮୫୩୨୮୭୭୫୫



ଲୁଇସ୍ ଗ୍ଲୁକ୍

## ଗୋଟେ ମିଛମିଛ ସତ ଗପ

ଲୁଇସ୍ ଗ୍ଲୁକ୍

ତୁମକୁ କିଛି କହିବି ମୁଁ : ନିଇତି
ଲୋକ ମରନ୍ତି, ଏବଂ ତାହା ହିଁ ଆରମ୍ଭ
ନିଇତି କବର-ଘରେ ଜନ୍ମ ନିଅନ୍ତି
ନୂଆ ବିଧବା, ନୂଆ ଅନାଥ
ହାତରେ ହାତ ଜାକି ସେମାନେ
ବସିଥା'ନ୍ତି, ଅଣ୍ଡାଳୁଥା'ନ୍ତି ଫଇସଲା
ଏଇ ନୂଆ ଜୀବନର ।।

ତା' ପରେ ସେମାନେ ହାଜର୍
କବରଖାନାରେ, କେତେକ ଏଠି
ଏଇ ପହିଲି ବାର
କାନ୍ଦରୋଳରେ, ଗୁମ୍‌ସୁମ୍‌ରେ
କାକୁସ୍ଥ ସେମାନେ
କେହି ଜଣେ ଝୁଙ୍କି ପଡ଼େ, ବତାଏ
ସେମାନଙ୍କୁ, କ'ଣ କ'ଣ ତା'ପରେ
କେହି କେହି ଫିଙ୍ଗୁଥା'ନ୍ତି
ମେଲା କବରକୁ ମାଟି ।।

ସଭିଏଁ ଏଥର ଲେଉଟିଯା'ନ୍ତି ଘରକୁ
ଘର ହାଉଜାଉ ଦେଖଣାହାରୀରେ
ବିଧବା ଜଣକ ବସିଥାଏ
ଗୋଲ୍-ସୋଫାରେ
ସଳଖ ହେଇ, ବୋଧଦବାକୁ ଲମ୍ୱିଥାଏ
ଲୋକଙ୍କ ଧାଡ଼ି...
କିଏ ଭିଡ଼ି ନଉଥାଏ ହାତ
କିଏ ଟାଣି ନଉଥାଏ ଛାତିକୁ
ସେ କିଛି ନା କିଛି କହେ, ଜଣ ଜଣକି
ଜଣାଏ କୃତଜ୍ଞତା, ଆସିଥିବାରୁ ।।

ଅଂତର କିନ୍ତୁ କହୁଥାଏ, ଏମାନେ ସବୁ
ଚାଲିଯାଆଂନ୍ତୁ, ସେ
ଫେରିବାକୁ ଚାହେଁ
କବରଖାନାକୁ, ଡାକ୍ତରଖାନାର ସେଇ
ରୋଗୀରଖା-କୋଠରୀକୁ, ଯଦିଓ
ଜାଣେ, ଫେରିବା ଆଉ ସମ୍ଭବ ନୁହେଁ
କିଂତୁ ତା'ର ଶେଷ ଆଶା,
ଶେଷ ଇଚ୍ଛା ଫେରିବାକୁ ପଛକୁ
ଖୁ' ଦୂର ନୁହେଁ, ବିବାହକୁ,
ତା' ପହିଲୁ ଚୁମାକୁ !!

(ମୂଳକବିତା 'A Fantasy'ର ସୃଜନାନୁବାଦ)

## କବିତା

### ଡରିବାର ନାହିଁ

କ୍ଷୀରୋଦ ପତି

ଆୟ ଗଲା
ଆୟୁଷ ବି ସରିଗଲା
ଏବେ ଖାଲି ଦାୟର ବଳେ
ନୀଳାଭ ଆଲୋକ ଜଳେ
ଶୁଭ୍ର ଚାଦର ତଳେ
ନିରବି ଯାଉଛି
କାହିଁ କେତେ କୋଳାହଳ
ଏବେ ଖାଲି ଲୁହ ଛଳଛଳ,
ମୁଁ ଜାଣିଛି
ଚାଲଇ ମୁଁ ଆଗେଆଗେ
ପଛେ ତୁମେ ଥାଅ
କେବେ ରାସ୍ତା ଧାର
ବୁଲାଣି ମୋଡ଼ରେ
ବାଟ ରୋକି
କାନେ ମୋର କୁହ
ବେକରେ ଓହଳ।

ମୃତ୍ୟୁ ତୁମେ ମନେରଖ
ଆଖି ଖୋଲି ଦେଖ
ତୁମେ ନିୟତିର ନୀତି ହେଲେ
ତୀର ହୋଇ ବିଦ୍ଧ କଲେ
ଅଗ୍ନି ହୋଇ ଦଗ୍ଧ କଲେ
ମୁଁ ଝରଣାର ସୁଶୀତଳ ଜଳ
ମୁଁ ଗୋଟେ ମୁଗ୍ଧ ସକାଳ
ତୁମେ କାଳ ହେଲେ
ମୁଁ ମହାକାଳ।

ମୃତ୍ୟୁ ତୁମେ
ସଂକ୍ରମଣ ସଂଗରୋଧ ହେଲେ
ମୁଁ ତୁମର ସୁସ୍ଥ ହାର
ବଂଚିବାର ସମ୍ଭାବନା ହେବି
ମୃତ୍ୟୁ ତୁମେ
ଅନ୍ଧାରର ବିଶାଳ ଦରଜା ହେଲେ
ମୁଁ ତା'ରେ ଛିଦ୍ର କରି
ଆଲୁଅ ଢାଳିବି,
ମୃତ୍ୟୁ ତୁମେ
ମଶାଣିର ଶୋକ ହୋଇ
ଜଳିଲେ ଜାଳିଲେ
ମୁଁ ଏଠି
ଏନ୍ଦୁଡ଼ିର କୁଆଁ ହୋଇ
ମମତାର ଛୁଆଁ ହୋଇ
ଜୀବନ ରଚିବି।

କେତେ ରୂପେ
ତୁମକୁ ଦେଖିଛି ମୁହିଁ
କେବେ ବହ୍ନିଶିଖା ହୋଇ
ଦେହକୁ ଦେଇଛ ତୁମେ
ପାଉଁଶେ ମିଶାଇ
କେବେ ବୈଶ୍ୱାନର ହୋଇ
ଏ ଦେହେ ରହିଛ ଶୋଇ
ମୃତ୍ୟୁ ତୁମେ ଡରାଅ କାହାକୁ!
ତୁମକୁ ମୋ'
ଡରିବାର ନାହିଁ।

ମୋ-୯୯୩୭୩୦୦୨୨୩

### 'ମୁଁ', ମୁଁ ଯେବେ ନଥିବି

ମମତା ପ୍ରିୟଦର୍ଶିନୀ ସାହୁ

'ମୁଁ', ମୁଁ ଯେବେ ନଥିବି...
ସଞ୍ଜୁଆ ଓଢ଼ଣି ଟାଣି
ଲୁଚି ଲୁଚି ପାଦ ଥାପି
ତୋ' ହୃଦୟ ଚଉରାମୂଳେ
ଦୀପଟିଏ ଜାଳି ଦେବି।
'ମୁଁ', ମୁଁ ଯେବେ ନଥିବି...

'ମୁଁ', ମୁଁ ଯେବେ ନଥିବି...
ଆଉଜେଇ ନେବି
ନିଃଶବ୍ଦ ରାତିର କୋଳେ
ହୋଇ କିଛି ଚିକିମିକି ତାରାଫୁଲ
ଝରକା ସେପାରେ ଝରୁଥିବି ନିତି।
'ମୁଁ', ମୁଁ ଯେବେ ନଥିବି...

'ମୁଁ', ମୁଁ ଯେବେ ନଥିବି...
ପାହାନ୍ତିଆ ସୂରୁଯକୁ ନେଇ
ମୋତିରୂପୀ କାକର ଟୋପାରେ
ପବନର ହିଲ୍ଲୋଳ ସାଥେ
ଅସ୍ତିତ୍ୱକୁ ତୋର ଛୁଇଁ ଛୁଇଁ ଯିବି।
'ମୁଁ', ମୁଁ ଯେବେ ନଥିବି...

'ମୁଁ', ମୁଁ ଯେବେ ନଥିବି...
ଏଇମିତି ଆସୁଥିବି ଯାଉଥିବି
ନିଃଶ୍ୱାସ ପ୍ରଶ୍ୱାସର ବାହାନାରେ
ସ୍ୱପ୍ନର ବଗିଚା ବି ଚହଟୁଥିବ
ପ୍ରେମ ପାରିଜାତ ମହକରେ।
'ମୁଁ', ମୁଁ ଯେବେ ନଥିବି...

'ମୁଁ', ମୁଁ ଯେବେ ନଥିବି...
ହସୁଥିବି ତୋ'ରି ଓଠରେ
ମିଠା ମିଠା ସୁର ଓ ତାଳରେ
କବିତାର ସ୍ପନ୍ଦନ ଶୁଭିବ
ତୋ' ଜୀବନର ପଥରେ ପଥରେ।
'ମୁଁ', ମୁଁ ଯେବେ ନଥିବି...

ମୋ-୯୩୩୭୦୬୭୧୮୬

ଗଳ୍ପ

# ଅପେକ୍ଷିତ ମୁହୂର୍ତ୍ତ

ଶରତ କୁମାର ରାଉତ



ଅନେକ କଥା କହିବାର ଥିଲା ତୁମକୁ। କେଇଟା ଦିନର ସମ୍ପର୍କ ଭିତରେ କିଛି କହି ପାରିଲିନି!

ତୁମେ ମୋ' ମନ କଥା ଜାଣିପାରିବା ଭଳି କହିଲ, "ମୋର କ'ଣ ଇଚ୍ଛା ନୁହଁ ସାଙ୍ଗରେ ନେବାକୁ, ବିରାଟ ବଙ୍ଗଳାଟା ପରା ଖାଁ ଖାଁ ଲାଗୁଛି, ହେଲେ ଘରେ ମୁଁ କଥାଟା ଆଗ ଉଠାଇବି କେମିତି?" କ'ଣ ଭାବିଲ କେଜାଣି, ମୋ' ଆଖିରୁ ପୋଛି ନେଲ ଲୁହ! କୋଳେଇ ନେଇ ଦେଖେଇଲ କେତେ ରଂଗୀନ ସ୍ୱପ୍ନ!

ତମେ ଯିବାବେଳର କଥା। ମୁଁ ଲୁହ-ସିଂଘାଣିକୁ ଦି'ଭାଗ କରୁଥିଲି। ତମେ ହସିହସି ତମ ଶକ୍ତ ପାପୁଲିରେ ମତେ ଜାବୁଡ଼ି ନେଇ ମୋ' ଗାଲରେ ଥୋଇଦେଲ ସରୁ ସ୍ପର୍ଶଟିଏ!

ତୁମେ ଯିବାର ଆଠ ଦିନ ପରେ ତୁମ ଚିଠି ପାଇଲି। ହାଲୁକା ହୋଇଗଲା ମୋ' ମନ-ପ୍ରାଣ-ହୃଦୟ! ଲେଖିଥିଲ, "ମନ ଦୁଃଖ କରିବନି ଶର୍ମିଳା! ସତରେ ଡାକ୍ତର ଚାକିରିରେ ଜୀବନରେ କିଛି ମୂଲ୍ୟ ନ ଥାଏ ବୋଲି ଜାଣିଥିଲେ ଆଦୌ ପଶି ନ ଥାନ୍ତି ଏଥିରେ! ହଁ, ତୁମେ ତ ଜାଣିଥିବ କରୋନା ନାମକ ଏକ ମାରାତ୍ମକ ଭୂତାଣୁ ଚାଇନାରେ ଜନ୍ମ ନେଇ ସାରା ପୃଥିବୀରେ ମାଡ଼ିଯାଇଛି। ଅନେକ ବିକଶିତ ଦେଶରେ ତାଣ୍ଡବ ଖେଳାଇ ଦେଇଛି। ପ୍ରତିଦିନ ହଜାର ହଜାର ଲୋକେ ଏହି ଭୂତାଣୁ ସଂକ୍ରମଣରେ ମରୁଛନ୍ତି। କେଉଁ ମୁହୂର୍ତ୍ତରେ ବି ଏହି ମାରାତ୍ମକ ଭୂତାଣୁ ଭାରତରେ ତାଣ୍ଡବ ସୃଷ୍ଟି କରିପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କା କରୁଛନ୍ତି। କେତେକ ଦେଶ ତ ତାଲାବନ୍ଦୀ ଅବସ୍ଥାରେ ରହିଛି!" ଅନୁଭବ କଲି ତୁମର ଅବସ୍ଥା-ଦାୟିତ୍ୱ! ଆଖିରୁ ପୋଛିନେଲି ଲୁହ! କିଛି ମନେପଡୁନି ତୁମର? କୋଡ଼ିଏ ଦିନର ମିଳନ ମତେ ଲାଗୁଛି ଯେମିତି କୋଡ଼ିଏ ବର୍ଷ ଭଳି! ତୁମେ ଆସିଲେ, କେତେ କଥା କହିବି! ତୁମ ପାଇଁ ପରା କେତେ ଗୋପନ ଅଗୋପନ କଥା ସାଇତି ରଖିଛି ମୋ' ଭିତରେ! ହଁ, କରୋନା ଭୂତାଣୁ ଯଦି ଭାରତରେ ସଂକ୍ରମିତ ହେବାର ଜଣାପଡ଼େ, ତେବେ ତୁମେ ତୁରନ୍ତ ଛୁଟି ନେଇ ଚାଲି ଆସିବ! ତୁମକୁ ଆଉ ମୋ' ପାଖରୁ ଜମା ଛାଡ଼ିବିନି, ରହୁଛି। ଇତି, ତୁମର ଶର୍ମିଳା।

ଏଇ ଚିଠିଟି ଲେଖିଥିଲି ରବୀନ୍‌ଙ୍କ ପାଖକୁ। ରବୀନ୍‌ଙ୍କ ପାଖରୁ ଚିଠିଟେ ପାଇଥିଲି ଏଗାର ଦିନ ପରେ। ସେ ଲେଖିଥିଲେ ମୋ' ଖିଆଲ, ଆଶଙ୍କା, ପରାମର୍ଶ ସହ ଖାପ୍ ଖୁଆଇ ସନ୍ତୋଷଜନକ ପତ୍ରଟିଏ! ଆଉ ଶେଷ ସ୍ତମ୍ଭରେ ଲେଖିଥିଲେ, "ତୁମେ ପ୍ରସ୍ତୁତ ଥିବ ଶର୍ମିଳା, ଆସନ୍ତା ତିରିଶ ତାରିଖରେ ପହଞ୍ଚିବି! ଦୁଇଦିନ ଘରେ ରହି ଚାଲିଆସିବା ଏଠିକୁ! ପ୍ରଥମେ ତୁମକୁ ଆଠଦଶ ଦିନ ସବୁଆଡ଼େ ବୁଲେଇବି। ଜାଣିଛ, ଏଠାରେ ଅନେକ କଳକାରଖାନା, ଜଳପ୍ରପାତ ଓ ଦର୍ଶନୀୟ ସ୍ଥାନ ରହିଛି। ସୁନ୍ଦର, ଅତି ସୁନ୍ଦର ମନ୍ଦିର; ପାର୍କ ଆଉ ସୁ-ଉଚ୍ଚ ଅଟ୍ଟାଳିକା ମଧ୍ୟ ଦେଖିବ। ସତେ କି ପ୍ରକୃତିର ଶୋଭା ଭଣ୍ଡାର ଏଇ ସ୍ଥାନ! ଉପଲବ୍ଧି କରିପାରିବ ମଧ୍ୟ ଜୀବନକୁ ଆଉ ସମୟକୁ! ଶର୍ମିଳା, ତୁମ ପାଇଁ ମୋ' ଭିତରେ ବି କେତେ କଥା ସାଇତା ରହିଛି! ତୁମକୁ ଶୁଣେଇ ଦେଲେ ନା ହାଲୁକା ହୋଇଯିବ ମୋ' ମନ, ପ୍ରାଣ ଓ ହୃଦୟ! ରହୁଛି, ତୁମର ରବୀନ୍!"

ମୁଁ ଉନ୍ମନା ହୋଇଗଲି। ଅପେକ୍ଷା କଲି ଶୁଭ ମୁହୂର୍ତ୍ତକୁ, ଯେତେବେଳେ ରବୀନ୍‌ଙ୍କର ଦୁଇ ପାଦ ସ୍ପର୍ଶ କରି ପ୍ରଣାମ କରିବି- ଆଲିଙ୍ଗନ କରି ପାଛୋଟି ନେବି ଆଉ ତାଙ୍କ ଶୁଖିଲା ଓଠରେ ମୋ' ଲିପ୍‌ଷ୍ଟିକ୍ ବୋଳା ଓଠ ଲଗେଇ ଦେବି!

ସେତେବେଳକୁ ମହାମାରୀ କରୋନା ସାରା ପୃଥିବୀରେ ତାଣ୍ଡବ ଘଟାଇ ଚାଲିଥିଲା ଓ ତା' ଲହଲହ ଜିଭରେ ଭାରତକୁ ବି ଗ୍ରାସ କରି ନେଇଥିଲା। ଚାରିଆଡ଼େ କରୋନା ଭୟ ଓ ଆର୍ତ୍ତଚିତ୍କାର! ଧନୀ, ଦରିଦ୍ର, ଅଫିସର, ରୋଗୀ, ଭୋଗୀ ଆବାଳ ବୃଦ୍ଧବନିତା ସମସ୍ତେ ତା' ପଞ୍ଝା ଭିତରେ। ବହୁ ସଂଖ୍ୟାରେ ରୋଗୀ ମରୁଥିଲେ। ଚିକିତ୍ସା କରୁଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଜୀବନ ମଧ୍ୟ ସୁରକ୍ଷିତ ନ ଥିଲା। ସେମାନଙ୍କ ମନୋବଳ ବୃଦ୍ଧି କରେଇବାକୁ ସରକାର ମୋଟା ଅଙ୍କର ଅର୍ଥରାଶି ଓ ରାଷ୍ଟ୍ରୀୟ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଘୋଷଣା କରିଥିଲେ। ଅନ୍ୟାନ୍ୟ ଦେଶରେ ଚିକିତ୍ସା କରୁଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ବହୁ ସଂଖ୍ୟାରେ ମରୁଥିବା ଖବର ଆସୁଥିଲା। ସୁସ୍ଥ ଲୋକ ବି ମାନସିକ ସ୍ତରରେ ଡରିଯାଇ ଅଧାମରା କିମ୍ବା ରୋଗୀ ପାଲଟି ଯାଉଥିଲା। ହେଲେ ଏ ସବୁ ଖବର ଜାଣିବାକୁ ମୁଁ ଚାହୁଁ ନ ଥିଲି। ମୁଁ କେବଳ ରବୀନ୍‌ଙ୍କ ଅପେକ୍ଷାରେ ହିଁ ଥିଲି! ପରିବାରର ସମସ୍ତେ ରବୀନଙ୍କ ପାଇଁ ଚିନ୍ତାରେ ଥିଲେ। ହୁଏତ ମୁଁ କାନ୍ଦିବି ବୋଲି ସେମାନେ କହାକହି କରୁ ନ ଥିଲେ କି ଅଧିକ କିଛି ଆଲୋଚନା କରୁ ନ ଥିଲେ।

ଠିକ୍ ଯେଉଁଦିନ ସେ ଆସିବେ ବୋଲି ମୋ' ପାଖକୁ ଚିଠି ଲେଖିଥିଲେ, ସେହିଦିନ ସେ ଆସିଲେ ସିନା, ହେଲେ ତାଙ୍କର ମରଶରୀର ଆସିଲା! ତାଙ୍କର ଶେଷକୃତ୍ୟ ପାଇଁ ସାଙ୍ଗରେ ସରକାରୀ ଅଧିକାରୀ ଓ ପୋଲିସ୍ କର୍ମଚାରୀମାନେ ଥିଲେ।

ସେତେବେଳେ ମୋ' ଭିତରେ ପ୍ରାଣ ଥିଲା କି ନା କେଜାଣି, ମୁଁ ବିଧବା, ଏହା ଭାବିବା ପୂର୍ବରୁ ହିଁ ଅପ୍ରକୃତିସ୍ଥ ହୋଇ ଯାଇଥିଲି।

ମୋ: ୯୩୩୭୩୭୬୯୪୮

# ଦିଲ୍ଲୀ କ୍ୟାପିଟାଲ୍ସର ୬ଷ୍ଠ ବିଜୟ

**ଦୁବାଇ, ୧୪।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୧୩ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୧୬୧ ରନ କରିଥିବାବେଳେ ରାଜସ୍ଥାନ ୨୦ ଓଭରରେ ୮ ଉଇକେଟ ହରାଇ ୧୪୮ ରନ କରିବାକୁ ସକ୍ଷମ ହୋଇଥିଲା। ୮ ମ୍ୟାଚରୁ ୬ଷ୍ଠ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଶୀର୍ଷକୁ ଫେରିଛି। ଅନ୍ୟପକ୍ଷରେ ରାଜସ୍ଥାନ ୮ ମ୍ୟାଚରୁ ୫ମ ପରାଜୟ ସହ ୭ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।

ଟସ୍ ଜିତି ଦିଲ୍ଲୀ ଅଧିନାୟକ ଶ୍ରେୟାସ ଆୟାର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତେବେ ବିପକ୍ଷ ଦଳର ସ୍ପିଡ୍‌ଷ୍ଟର ଜୋଫ୍ରା ଆର୍ଚର ଇନିଂସର ପ୍ରଥମ ବଲ୍‌ରେ ପୃଥ୍ୱୀ ଶ’ ଏବଂ ନିଜ ଦ୍ୱିତୀୟ ଓଭରର ତୃତୀୟ ବଲ୍‌ରେ ଅଜିଙ୍କ୍ୟ ରାହାନେଙ୍କୁ ଆଉଟ କରି ଦିଲ୍ଲୀକୁ ଡବଲ୍ ଝଟ୍‌କା ଦେଇଥିଲେ। ପୃଥ୍ୱୀ ଖାତା ଖୋଲିପାରି ନ ଥିବାବେଳେ ରାହାନେ ମାତ୍ର ୨ ରନ କରିଥିଲେ। ୧୦ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା କ୍ୟାପିଟାଲ୍ସ। ଅଭିଜ୍ଞ ଓପନର ଶିଖର ଧାୱନ ଓ ଆୟାର ପ୍ରତିପକ୍ଷ ବୋଲରଙ୍କୁ ସତର୍କତାର ସହ ଖେଳି ଇନିଂସ ଗଢ଼ିବା ଉପରେ ଧ୍ୟାନ ଦେଇଥିଲେ। ତୃତୀୟ ଉଇକେଟରେ ଦୁହେଁ ୫୫ ବଲ୍‌ରୁ ୮୫ ରନ ଯୋଗକରି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଧାୱନ ୩୩ ବଲ୍‌ରୁ ୫୭(୬ ଚୌକା, ୨ ଛକା) ରନ ସ୍କୋର କରି ୧୨ତମ ଓଭରର ୪ର୍ଥ ବଲ୍‌ରେ ଶ୍ରେୟାସ ଗୋପାଳଙ୍କୁ ରିଭର୍ସ ସୁଇପ୍ ଖେଳିବାକୁ ଯାଇ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଆୟାର ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୩ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ୫୩ ରନ ସ୍କୋର କରିଥିଲେ। ମାର୍କୁସ ଷ୍ଟୋଇନ୍ସ ୧୯ ବଲ୍‌ରୁ ୧୮, ଆଲେକ୍ସ କାରେ ୧୩ ବଲ୍‌ରୁ ୧୪ ଓ ଅକ୍ଷର ପଟେଲ ୪ ବଲ୍‌ରୁ ୭ ରନ କରିବାକୁ ସକ୍ଷମ ହୋଇଥିଲେ। ଶେଷ ୫ ଓଭରରେ ଦିଲ୍ଲୀ ୩୨ ରନ ସଂଗ୍ରହ କରି ୪ଟି ଉଇକେଟ ହରାଇଥିଲା। ରାଜସ୍ଥାନ ପକ୍ଷରୁ ଆର୍ଚର ନିଜ ୪ ଓଭର ସ୍ପେଲରେ ମାତ୍ର ୧୯ ରନ ଦେଇ ସର୍ବାଧିକ ୩ଟି, ଉନାଡକଟ ୨ଟି ଏବଂ କାର୍ତ୍ତିକ ତ୍ୟାଗୀ ଓ ଶ୍ରେୟାସ ଗୋପାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ରାଜସ୍ଥାନ ପକ୍ଷରୁ ଦୁଇ ଇଂଲଣ୍ଡ ଖେଳାଳି ବେନ୍ ଷ୍ଟୋକ୍ସ ଓ ଜୋସ୍ ବଟଲର ଇନିଂସ ଓପନ କରିଥିଲେ। ଦୁହେଁ ୧୮ ବଲ୍‌ରୁ ୩୭ ରନ ସଂଗ୍ରହ କରି ଦଳକୁ ଭଲ ଆରମ୍ଭ ଦେଇଥିଲେ ହେଁ ୩ ରନ ମଧ୍ୟରେ ୨ଟି ଉଇକେଟ ପତନ ଦଳକୁ ବିପଦରେ ପକାଇଥିଲା। ବଟଲର ୯ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ୨୨ ଓ ଅଧିନାୟକ ଷ୍ଟିଭ୍ ସ୍ମିଥ ମାତ୍ର ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ଷ୍ଟୋକ୍ସ ଓ ସଞ୍ଜୁ ସାମସନ ଦଳକୁ ଲକ୍ଷ୍ୟପଥରେ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ୪୬ ରନ ଯୋଗ ହେବାପରେ ଷ୍ଟୋକ୍ସ ୪୧(୩୫ ବଲ, ୬ ଚୌକା) ରନ କରି ଆଉଟ ହୋଇଥିଲେ। ୧୮ ବଲ୍‌ରୁ ୨୫(୨ ଛକା) ରନ କରିଥିବାବେଳେ ସାମସନ୍‌ଙ୍କ ଆଉଟ ଦଳକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ବୁଝାମଣାରେ ଅଭାବ ଯୋଗୁ ରାୟାନ ପରାଗ ୧ ରନ କରି ରନଆଉଟ ହେବାରୁ ଦଳର ଭାର ରବିନ ଉଥପ୍ପା ଓ ରାହୁଲ ଟେୱାଟିଆଙ୍କ ଉପରେ ନ୍ୟସ୍ତ ହୋଇଥିଲା। ଖାତା ଖୋଲିବା ପୂର୍ବରୁ ଟେୱାଟିଆ ଜୀବନଦାନ ପାଇଥିଲେ। ପିଚ୍ କ୍ରମେ ସ୍ଲୋ ହେଉଥିବାରୁ ଷ୍ଟ୍ରୋକ୍ ଖେଳିବାରେ ଉଭୟ ବ୍ୟାଟ୍ସମ୍ୟାନ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶେଷ ୫ ଓଭରରେ ବିଜୟ ପାଇଁ ଦଳକୁ ୩୯ ରନ ଆବଶ୍ୟକ ଥିଲା। ୧୮ତମ ଓଭରର ତୃତୀୟ ବଲ୍‌ରେ ଉଥପ୍ପାଙ୍କୁ ବୋଲ୍ଡ କରିଥିଲେ ନର୍ଜେ। ଉଥପ୍ପା ୨୭ ବଲ୍‌ରୁ ୩୨(୩ ଚୌକା, ୧ ଛକା) ରନ କରିଥିଲେ। ୧୮ତମ ଓଭରରେ ନର୍ଜେ ୪ ଓ ୧୯ତମ ଓଭରରେ ରାବାଡ଼ା ମାତ୍ର ୩ ରନ ବ୍ୟୟ କରିବାରୁ ଶେଷ ଓଭରରୁ ବିଜୟ ପାଇଁ ୨୨ ରନ ଆବଶ୍ୟକ ହେଉଥିଲା। ମାତ୍ର ତୁଷାର ଦେଶପାଣ୍ଡେ ୮ ରନ ବ୍ୟୟ କରିବାରୁ ଦିଲ୍ଲୀ ୧୩ ରନରେ ବିଜୟୀ ହୋଇଥିଲା। ଟେୱାଟିଆ (୧୮ ବଲ୍‌ରୁ ୧୪ ରନ) ଅପରାଜିତ ରହିଥିଲେ ହେଁ ଦଳକୁ ବିଜୟୀ କରିପାରି ନ ଥିଲେ। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ଦେଶପାଣ୍ଡେ ଓ ନର୍ଜେ ୨ଟି ଲେଖାଏ ଏବଂ ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ ଓ କାଗିଶୋ ରାବାଡ଼ା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


୧୯ ରନ୍ ଦେଇ ୩ ଉଇକେଟ ହାସଲ କରିଥିବା ରାଜସ୍ଥାନ ରୟାଲ୍ସର ଜୋଫ୍ରା ଆର୍ଚର।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୯୯୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୫ | ୨ | ୧୦ | +୧.୩୨୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୧୦ | -୦.୧୧୬ |
| ନାଇଟ ରାଇଡର୍ସ | ୭ | ୪ | ୩ | ୮ | -୦.୫୭୭ |
| ସନ୍‌ରାଇଜର୍ସ | ୮ | ୩ | ୫ | ୬ | +୦.୦୦୯ |
| ଚେନ୍ନାଇ ସୁପରକିଙ୍ଗ୍ସ | ୮ | ୩ | ୫ | ୬ | -୦.୩୯୦ |
| ରାଜସ୍ଥାନ ରୟାଲ୍ସ | ୮ | ୩ | ୫ | ୬ | -୦.୮୪୪ |
| କିଙ୍ଗ୍ସ ଇଲେଭେନ | ୭ | ୧ | ୬ | ୨ | -୦.୩୮୧ |

### ଏନରିଚ ନର୍ଜେ ମ୍ୟାନ୍ ଅଫ୍ ଦି ମ୍ୟାଚ୍

### ସଂକ୍ଷିପ୍ତ ସ୍କୋର

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୬୧/୭(ଧାୱନ-୫୭, ଆୟାର-୫୩, ଆର୍ଚର-୩/୧୯, ଉନାଡକଟ-୨/୩୨, ତ୍ୟାଗୀ-୧/୩୦, ଗୋପାଳ-୧/୩୧)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୪୮/୮ (ଷ୍ଟୋକ୍ସ-୪୧, ସାମସନ-୨୫, ଉଥପ୍ପା-୩୨, ବଟଲର-୨୨, ଦେଶପାଣ୍ଡେ-୨/୩୭, ଏନରିଚ୍ ନର୍ଜେ-୨/୩୩, ଅଶ୍ୱିନ-୧/୧୭, ରାବାଡ଼ା-୧/୨୮, ଅକ୍ଷର-୧/୩୨)।

# ଜ୍ୟୋତ୍ସ୍ନା କ୍ୱାର୍ଟର ଫାଇନାଲରେ


ଜ୍ୟୋତ୍ସ୍ନା ଚିନାପ୍ପା

**କାଇରୋ, ୧୪।୧୦**

ଭାରତର ଆଗଧାଡ଼ିର ସ୍କ୍ୱାଶ୍ ତାରକା ଜ୍ୟୋତ୍ସ୍ନା ଚିନାପ୍ପା ଇଜିପ୍ଟିଆନ ଓପନ ସ୍କ୍ୱାଶ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗତ ୬ ମାସ ମଧ୍ୟରେ ପ୍ରଥମ ଟୁର୍ନାମେଣ୍ଟ ଖେଳୁଥିବା ଜ୍ୟୋତ୍ସ୍ନା ସ୍ଥାନୀୟ ଖେଳାଳି ଫରିଦା ମହମ୍ମଦଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଶେଷରେ ବିଶ୍ୱର ୧୧ ନମ୍ବର ଏହି ଭାରତୀୟ ଖେଳାଳି ୩୮ତମ ର୍‍ୟାଙ୍କପ୍ରାପ୍ତ ଫରିଦାଙ୍କୁ ୧୧-୭, ୧୧-୬, ୭-୧୧, ୧୦-୧୨, ୧୧-୯ ପଏଣ୍ଟରେ ହରାଇବାକୁ ସକ୍ଷମ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ସେ ବିଶ୍ୱର ୨ ନମ୍ବର ଖେଳାଳି ନୁର୍ ଇ ଶେର୍ବିନିଙ୍କୁ ଭେଟିବେ। ଜ୍ୟୋତ୍ସ୍ନା ପ୍ରଥମ ୨ ରାଉଣ୍ଡ ଜିତିଥିଲେ ହେଁ ଫରିଦା ସଫଳ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୨ ରାଉଣ୍ଡରେ ବିଜୟୀ ହୋଇଥିଲେ। ଫଳରେ ୫ମ ତଥା ନିର୍ଣ୍ଣାୟକ ରାଉଣ୍ଡ ଉପରେ ସମସ୍ତଙ୍କ ନଜର ରହିଥିଲା। ଏଥିରେ ଅଭିଜ୍ଞତାର ଉପଯୋଗ କରି ବାଜି ମାରିଥିଲେ ଏହି ଭାରତୀୟ ମହିଳା ଖେଳାଳି। ଅନ୍ୟପକ୍ଷରେ ଭାରତର ସର୍ବୋଚ୍ଚ ର୍‍ୟାଙ୍କପ୍ରାପ୍ତ ପୁରୁଷ ଖେଳାଳି ସୌରଭ ଘୋଷାଲ କିନ୍ତୁ ତୃତୀୟ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ସେ ଇଜିପ୍ଟର ମେଜାନ ହାସହେମ୍‌ଙ୍କଠାରୁ ୮-୧୧, ୯-୧୧, ୮-୧୧ ପଏଣ୍ଟରେ ହାରି ଯାଇଛନ୍ତି। ଗତ ମାର୍ଚ୍ଚରେ କରୋନା ସଂକ୍ରମଣ ପରେ ଘୋଷାଲଙ୍କ ପାଇଁ ମଧ୍ୟ ଏହା ପ୍ରଥମ ମ୍ୟାଚ ଥିଲା।

# ମୁଖ୍ୟ ଚୟନକର୍ତ୍ତା ପଦ ଛାଡ଼ିଲେ ମିସ୍‌ବା

**କରାଚୀ,୧୪।୧୦(ପି.ଟି.)**

ମିସ୍‌ବା-ଉଲ- ହକ୍ ପାକିସ୍ତାନ ଜାତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ପଦରୁ ଇସ୍ତଫା ଦେଇଛନ୍ତି। ଜାତୀୟ ଦଳର ହେଡ କୋଚ୍ ଭୂମିକା ଉପରେ ଅଧିକ ଫୋକସ କରିବାକୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଅବଗତ କରାଇଛନ୍ତି ବୋଲି ମିସ୍‌ବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନଭେମ୍ବର ୩୦ ତାରିଖରେ ସେ ମୁଖ୍ୟ ଚୟନକର୍ତ୍ତା ପଦରୁ ଇସ୍ତଫା ଦେବେ।

ମିସ୍‌ବା ଉଭୟ ଚୟନକର୍ତ୍ତା ଓ ହେଡ୍ କୋଚ୍ ପଦରେ ରହି ଦୁଇଟି ଗୁରୁଦାୟିତ୍ୱ ତୁଲାଉଥିଲେ। ଗତବର୍ଷ ସେପ୍ଟେମ୍ବରରେ ସେ ଦୁଇଟି ଦାୟିତ୍ୱ ଗ୍ରହଣ କରିଥିଲେ। ଅଗାମୀ ଜିମ୍ବାୱେ ଗସ୍ତ ପାଇଁ ଦଳ ଚୟନ କରିବି। କିନ୍ତୁ ଏହା ପରେ କେବଳ ମୁଖ୍ୟ କୋଚ୍ ଭାବେ ମୋ କାମରେ ମନୋନିବେଶ କରିବି ବୋଲି ସେ କହିଛନ୍ତି।

# ପଞ୍ଜାବ ପାଇଁ କର ଅବା ମର

**ଶାରଜା, ୧୪।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ପଞ୍ଜାବ ଏପର୍ଯ୍ୟନ୍ତ ଖେଳିଥିବା ୭ ମ୍ୟାଚରୁ ୬ ପରାଜୟଲାଭ କରି ମାତ୍ର ୨ ପଏଣ୍ଟ ପାଇଛି। ତେଣୁ ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବାକୁ ହେଲେ ଦଳକୁ ଅବଶିଷ୍ଟ ୭ ମ୍ୟାଚରେ ବିଜୟ ଲାଭ କରିବାକୁ ପଡ଼ିବ। ତେଣୁ ଏଣିକି ପ୍ରତି ମ୍ୟାଚ ଦଳପାଇଁ କର ଅବା ମର ସ୍ଥିତି ସୃଷ୍ଟି କରିଛି। ଅନ୍ୟପକ୍ଷରେ ଆର୍‌ସିବି ୭ ମ୍ୟାଚରୁ ୫ ବିଜୟ ସହ ୧୦ ପଏଣ୍ଟ ପାଇ ସାରିଛି। ଦଳ ସନ୍‌ରାଇଜର୍ସ ହାଇଦ୍ରାବାଦ, ମୁମ୍ବାଇ ଇଣ୍ଡିଆନ୍ସ, ରାଜସ୍ଥାନ ରୟାଲ୍ସ, ଚେନ୍ନାଇ ସୁପରକିଙ୍ଗ୍ସ ଓ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ବିଜୟ ହାସଲ କରିଥିବାବେଳେ ପଞ୍ଜାବ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପରାଜିତ ହୋଇଛି। ଏବେ ବିରାଟ କୋହଲିଙ୍କ ଦଳପାଇଁ ପଞ୍ଜାବ ବିପକ୍ଷ ରିଟର୍ନ ମ୍ୟାଚରେ ପରାଜୟର ମଧୁର ପ୍ରତିଶୋଧ ନେବା ସୁଯୋଗ ଆସିଛି। ଦଳ କ୍ରମାଗତ ୨ଟି ମ୍ୟାଚ ଜିତି ସାରିଥିବାରୁ ବିଜୟରେ ହ୍ୟାଟ୍ରିକ କରିବା ଅପେକ୍ଷାରେ ଅଛି।




### ଖେଳିବେ କ୍ରିସ୍ ଗେଲ୍

ଏଥର ପଞ୍ଜାବର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଏପରି କେତେକ ମ୍ୟାଚରେ ଦଳ ବିଜୟ ଦ୍ୱାରରେ ପହଞ୍ଚିଥିଲେ ହେଁ ଫିନିସିଂ କରି ନ ପାରି ପରାଜୟ ସ୍ୱାଦ ଚାଖିଛି। ଆର୍‌ସିବି ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବିସ୍ଫୋରକ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍ ଖେଳିବେ ବୋଲି ସୂଚନା ମିଳି ସାରିଛି। ଏପର୍ଯ୍ୟନ୍ତ ପଞ୍ଜାବର ଅଭିଯାନରେ ଗେଲ୍ ସାମିଲ ହୋଇପାରି ନ ଥିଲେ। ଆଗାମୀ ମ୍ୟାଚରେ ଗେଲ୍‌ଙ୍କ ପ୍ରଦର୍ଶନ ବଳରେ ଦଳ କ୍ରମାଗତ ୫ ମ୍ୟାଚ ପରାଜୟ ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିଛି। ଚଳିତ ଆଇପିଏଲ୍‌ର ପ୍ରଥମ ପର୍ଯ୍ୟାୟରେ ଆରସିବିକୁ ହରାଇଥିଲା ପଞ୍ଜାବ। ଏହା ଦଳକୁ ମନସ୍ତାତ୍ତ୍ୱିକ ଫାଇଦାରେ ରଖିବ। ଶାରଜା ଗ୍ରାଉଣ୍ଡ ଅପେକ୍ଷାକୃତ ଛୋଟ ଥିବାରୁ ଗେଲ୍ ବଡ଼ ଶଟ୍ ଖେଳିବା ନେଇ ପଞ୍ଜାବ ପ୍ରଶଂସକ ଆଶା ରଖିଛନ୍ତି। ତେବେ ଚଳିତ ଆଇପିଏଲରେ ପ୍ରଥମଥରପାଇଁ ପଡ଼ିଆକୁ ଓହ୍ଲାଇବାକୁ ଯାଉଥିବାରୁ ୪୧ ବର୍ଷୀୟ ଗେଲ୍‌ଙ୍କ ପାଇଁ ହଠାତ୍ ବଡ଼ ଶଟ୍ ଖେଳିବା ସହଜ ହେବନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗତ ୨ଟି ମ୍ୟାଚରେ ସେ ଖେଳିବାନେଇ ଫ୍ରାଞ୍ଚାଇଜ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ଫୁଡ୍ ପଏଜନିଂ ଯୋଗୁ ସେ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇପାରି ନ ଥିଲେ। ତେବେ ସେ କେଉଁ ଖେଳାଳିଙ୍କ ସ୍ଥାନନେବେ ତାହା ଦେଖିବାକୁ ଉତ୍ସୁକତା ରହିଛି।

ଆର୍‌ସିବି ଏବେ ମଜଭୁତ ସ୍ଥିତିରେ ରହିଛି। ଗତ କିଛିବର୍ଷର ପ୍ରଦର୍ଶନକୁ ଦେଖିଲେ ଏଥର ବୋଲିଂ ବିଭାଗକୁ ନେଇ ଥିବା ଚିନ୍ତା ଦୂର ହୋଇଥିବା ପରିଲକ୍ଷିତ ହୋଇଛି। ଦୁଇ ସ୍ପିନର ୱାଶିଂଟନ ସୁନ୍ଦର ଓ ଯୁଜବେନ୍ଦ୍ର ଚହଲ ଅତ୍ୟନ୍ତ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଆହତ ସମସ୍ୟାରୁ ମୁକୁଳି କ୍ରିସ୍ ମୋରିସ ଦଳରେ ଯୋଗଦେବାପରେ ପେସ୍ ବିଭାଗ ମଧ୍ୟ ଶାଣିତ ହୋଇଛି। ଆରସିବି ଗତ ମ୍ୟାଚରେ ଏହି ଗ୍ରାଉଣ୍ଡରେ କୋଲକାତାକୁ ଭେଟିଥିଲା। ତେଣୁ ମ୍ୟାଚ ଆଗେଇବା ସହିତ ଗ୍ରାଉଣ୍ଡ କଣ୍ଡିଶନରେ କିପରି ପରିବର୍ତ୍ତନ ହେଉଛି ତାହା ଦଳକୁ ଭଲଭାବେ ଜଣାଅଛି। ଆରୋନ ଫିଞ୍ଚ୍, ଦେବଦତ୍ତ ପଡିକାଲ, ଅଧିନାୟକ ବିରାଟ କୋହଲି ଓ ଏବି ଡିଭିଲର୍ସଙ୍କୁ ନେଇ ଗଠିତ ଆରସିବିର ଟପ୍ ଅର୍ଡର ଯେ କୌଣସି ଦଳପାଇଁ ଚିନ୍ତାର କାରଣ ହୋଇପାରନ୍ତି।

**ଆଇପିଏଲ୍**
(ଗୁରୁବାର ମ୍ୟାଚ୍)
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ କିଙ୍ଗ୍ସ ଇଲେଭେନ ପଞ୍ଜାବ
**ସ୍ଥାନ:** ଶାରଜା, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

# ଜନ୍ ରିଡ୍‌ଙ୍କ ପରଲୋକ

**ଅକ୍‌ଲାଣ୍ଡ,୧୪।୧୦(ପି.ଟି.):** ନ୍ୟୁଜିଲାଣ୍ଡର ସବୁଠାରୁ ବୟସ୍କ କ୍ରିକେଟର ତଥା ପୂର୍ବତନ ଅଧିନାୟକ ଜନ୍ ରିଡ୍ ୯୨ ବର୍ଷରେ ପରଲୋକ ଗମନ କରିଛନ୍ତି। ଏ ନେଇ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ତରଫରୁ ସୂଚନା ଦିଆଯାଇଛି। ୫୦ ଓ ୬୦ ଦଶକରେ ତାଙ୍କ ସମୟରେ ରିଡ୍ ଜଣେ ଶ୍ରେଷ୍ଠ ଅଲରାଉଣ୍ଡର ବିବେଚିତ ହେଉଥିଲେ। ସେ ନ୍ୟୁଜିଲାଣ୍ଡ ପାଇଁ ୩୪ଟି ମ୍ୟାଚ୍‌ରେ ନେତୃତ୍ୱ ନେଇଥିଲେ। ତାଙ୍କ ଅଧିନାକତ୍ୱରେ ନ୍ୟୁଜିଲାଣ୍ଡ ବହୁ ଚର୍ଚ୍ଚିତ ପ୍ରଥମ ୩ଟି ବିଜୟ ହାସଲ କରିଥିଲା। ନ୍ୟୁଜିଲାଣ୍ଡରେ ସେ ତାଙ୍କ ସମୟରେ ଘରେ ଘରେ ପରିଚିତ ଥିଲେ ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ୍ ହ୍ୱାଇଟ୍ କହିଛନ୍ତି। ତେବେ ରିଡ୍ କିପର ପ୍ରାଣତ୍ୟାଗ କଲେ ସେ ନେଇ ନ୍ୟୁଜିଲାଣ୍ଡ କ୍ରିକେଟ ତରଫରୁ କିଛି କୁହାଯାଇନାହିଁ। ବୋର୍ଡ ତରଫରୁ ତାଙ୍କ ପରିବାରକୁ ସମବେଦନା ଜଣାଯାଇଛି।

ଅକ୍‌ଲାଣ୍ଡରେ ଜନ୍ମିତ ଓ ୱେଲିଂଟନରେ ଶିକ୍ଷାପ୍ରାପ୍ତ କରିଥିବା ରିଡ୍ ୨୪୬ଟି ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି। ୩୦ଟି ଶତକ ସହ ୪୧. ୩୫ ରନ ହାରରେ ସେ ୧୬, ୧୨୮ ରନ ସଂଗ୍ରହ କରିଛନ୍ତି। ସେହପରି ୨୨.୬୦ ରନ ହାରରେ ସେ ୪୬୬ଟି ଉଇକେଟ ହାସଲ କରିଛନ୍ତି। ହାର୍ଡ ହିଟିଂ ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ଜଣେ ଉଚ୍ଚକୋଟୀର ସିମ ବୋଲର ଥିଲେ। ୧୯୪୯ରେ ଡେବ୍ୟୁ କରିଥିବା ରିଡ୍ ୫୮ଟି ଟେଷ୍ଟ ଖେଳି ୩୩.୨୮ ରନ ହାରରେ ୩୪୨୮ ରନ ସଂଗ୍ରହ କରିଥିଲେ। ସେହିପରି ୩୩.୩୫ ରନ ହାରରେ ସେ ୮୫ଟି ଉଇକେଟ ମଧ୍ୟ ହାସଲ କରିଥିଲେ। ସେ ୬ଟି ଟେଷ୍ଟ ଶତକ ମଧ୍ୟ ଅର୍ଜନ କରିଥିଲେ।

# ଡେନ୍‌ମାର୍କ ଓପନରେ ଶ୍ରୀକାନ୍ତଙ୍କ ବିଜୟ ଅଭିଯାନ

**ଓଡେନ୍‌ସେ(ଡେନ୍‌ମାର୍କ), ୧୪।୧୦(ପି.ଟି.)**

ଦୀର୍ଘ ୭ ମାସର ବ୍ୟବଧାନପରେ ଡେନମାର୍କ ଓପନ ସହ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ଭାଗ ନେଇଥିବା ଭାରତର କିଡାମ୍ବି ଶ୍ରୀକାନ୍ତ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ଇଂଲଣ୍ଡର ଟୋବି ପେଣ୍ଟିଙ୍କୁ ୨୧-୧୨, ୨୧-୧୮ ପଏଣ୍ଟରେ ପରାସ୍ତ କରିଛନ୍ତି। ବିଜୟ ପାଇଁ ପୂର୍ବତନ ବିଶ୍ୱର ନମ୍ବରୱାନ ଖେଳାଳି ଶ୍ରୀକାନ୍ତ ମାତ୍ର ୩୭ ମିନିଟ ସମୟ ନେଇଥିଲେ। ପୂର୍ବରୁ ଭାରତର ଲକ୍ଷ୍ୟ ସେନ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରି ସାରିଛନ୍ତି। ଏହି ପର୍ଯ୍ୟାୟରେ ସେ ଡେନ୍‌ମାର୍କର ହନ୍ସ-କ୍ରିଷ୍ଟିଆନ ସୋଲବର୍ଗ ଭିଟିଂହସ୍‌ଙ୍କୁ ଭେଟିବେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ ଅଧିକାଂଶ ପ୍ରତିଯୋଗିତାକୁ ବାତିଲ କରିଛି । ଏହା ବ୍ୟତୀତ ଏସିଆ ଲେଗ୍ ଏବଂ ୱାର୍ଲ୍ଡ ଟୁର୍ ଫାଇନାଲକୁ ଆସନ୍ତା ବର୍ଷ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ତେଣୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ମଧ୍ୟରେ ଚଳିତ ବର୍ଷ କେବଳ ଡେନ୍‌ମାର୍କ ଓପନ ସୁପର ୭୫୦ ଆୟୋଜନ ହେଉଛି।


କିଡାମ୍ବି ଶ୍ରୀକାନ୍ତ

# ବାସନ୍ଦ ବିପଦରେ ଦକ୍ଷିଣ ଆଫ୍ରିକା କ୍ରିକେଟ

**କେପ୍ ଟାଉନ,୧୪।୧୦(ଏପି):** ଦକ୍ଷିଣ ଆଫ୍ରିକା କ୍ରିକେଟ ଏବେ ବାସନ୍ଦଜନିତ ବିପଦର କଳା ବାଦଲ ମଧ୍ୟରେ ରହିଛି। ଦକ୍ଷିଣ ଆଫ୍ରିକା କ୍ରିକେଟ ବୋର୍ଡର ବିଭିନ୍ନ ମାମଲାରେ ବୁଧବାର ସରକାର ମୁଣ୍ଡ ପୂରାଇବେ ବୋଲି କହିବା ପରେ ବିପଦ ସୃଷ୍ଟି ହୋଇଛି। ସରକାରଙ୍କ ହସ୍ତକ୍ଷେପ ଯୋଗୁ ଅନ୍ତର୍ଜାତୀୟ କ୍ରିକେଟରୁ ଦକ୍ଷିଣ ଆଫ୍ରିକା କ୍ରିକେଟ ବାସନ୍ଦ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ବୋର୍ଡର କେତେଜଣ ବରିଷ୍ଠ ଅଧିକାରୀ ଦୁର୍ନୀତି ଅଭିଯୋଗରେ ସରକାର ବୋର୍ଡ ବ୍ୟାପାରରେ ହସ୍ତକ୍ଷେପ କରିବେ ବୋଲି ସ୍ପଷ୍ଟ କରିଛନ୍ତି। ଦକ୍ଷିଣ ଆଫ୍ରିକା କ୍ରୀଡ଼ାମନ୍ତ୍ରୀ ନାଥି ଏମ୍‌ଥେଥ୍ୱା ସରକାରଙ୍କ ଆଭିମୁଖ୍ୟ ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲକୁ ସ୍ପଷ୍ଟ କରିଛନ୍ତି। ତେବେ ସରକାର ହସ୍ତକ୍ଷେପ କଲେ ଅନ୍ତର୍ଜାତୀୟ କ୍ରିକେଟରୁ ଦକ୍ଷିଣ ଆଫ୍ରିକାକୁ ବାସନ୍ଦ କରାଯିବ ବୋଲି ଆଇସିସି ସ୍ପଷ୍ଟ କରିଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ ଡଃ. କାର୍ତ୍ତିକେଶ୍ୱର ପାତ୍ର
ଗ୍ରାମ - ସୁନ୍ଦରାଡି, ଭୋଗରାଇ
ଆବିର୍ଭାବ- ୨୫/୦୫/୧୯୪୧
ତିରୋଧାନ- ୦୫/୧୦/୨୦୨୦
" ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ । "
ଶୋକସନ୍ତପ୍ତ
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୬୯୭୮୬

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ହାରାମଣି ମହାପାତ୍ର
ଜଗନ୍ନାଥ ଲେନ୍, ପୁରୀ
ଆବିର୍ଭାବ: ୦୨।୧୧।୧୯୨୮
ତିରୋଧାନ: ୦୫।୧୦।୨୦୨୦
''ସବୁ ହଜିଲେ ସିନା ମିଳେ ସଂସାରେ ବୋଉ ସଂପଦ ଅବା କାହିଁ ମହୀରେ''
ବୋଉ! ତୁମେ ଥିଲ ଅନୁଶାସନ ପ୍ରିୟ, ଅଦମ୍ୟ ସାହସୀ, ସଚ୍ଚୋଟ, କର୍ତ୍ତବ୍ୟନିଷ୍ଠ ସ୍ୱାଭିମାନୀ, ନିର୍ଭୀକ ପ୍ରେରଣାର ଉତ୍ସ। ତୁମ ଆଦର୍ଶ, ଉତ୍ସର୍ଗୀକୃତ ସେବା ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ଦେଶ ଓ ବିଦେଶରେ ସୁନାମ ଅର୍ଜନ କରିଥିବା ବହୁ ଛାତ୍ର ଓ ଛାତ୍ରୀ ଆଜି ଝୁରୁଛନ୍ତି ତାଙ୍କର ଅତି ପ୍ରିୟ ବିଦ୍ୱାନ ଶିକ୍ଷୟିତ୍ରୀଙ୍କୁ। ସମାଜସେବା କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ସମ୍ପନ୍ନ କରିବାକୁ ଜୀବନର ପଣ କରିଥିଲ। ତୁମ ଅବର୍ତ୍ତମାନରେ ସ୍ତବ୍ଧ ହୋଇଯାଇଛନ୍ତି ପରିବାରବର୍ଗ ଓ ଅଞ୍ଚଳ ବାସିନ୍ଦା। ଗାୟତ୍ରୀ ଶକ୍ତିପୀଠ ଆଜି ଝୁରୁଛି। ତୁମେ ଯେଉଁଠାରେ ଥାଅ ପଛେ ଆମମାନଙ୍କୁ ଆଦର୍ଶ ପଥରେ ଚାଲିବାକୁ ଶକ୍ତି ଦିଅ। ତୁମର ଆତ୍ମା ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାର:-
ଧ-୧୮୭୧୦

ଦ୍ୱାଦଶାହ ଉପଲକ୍ଷେ

ସ୍ୱର୍ଗତ ଅଭିମନ୍ୟୁ ମହାପାତ୍ର
(ବନ୍ଧୁଆ ଭାଇନା)
(ପୂର୍ବତନ ସମ୍ପାଦକ ବ୍ରାହ୍ମଣ ନିଯୋଗ)
ହରଚଣ୍ଡୀ ସାହି, ଓଲ୍ଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୩।୦୨।୧୯୪୨
ତିରୋଧାନ: ୦୪।୧୦।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଦିବ୍ୟଧାମରୁ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
-:ଶୋକସନ୍ତପ୍ତ:-
ଜ୍ୟେଷ୍ଠପୁତ୍ର/ପୁତ୍ରବଧୂ: ହେମ ମହାପାତ୍ର, କୁନୁ,
କନିଷ୍ଠପୁତ୍ର/ପୁତ୍ରବଧୂ: ସାନ୍ତାରାମ ମହାପାତ୍ର, ସୁକୁକି
ଝିଅ/ଜ୍ୱାଇଁ: ପିଙ୍କି, କୁନା,
ନାତି ନାତୁଣୀ: ପପୁଲ, ଝୁଲୁ, ସାଇନି, ଗୁଡ଼ି
ବନ୍ଧୁ ଓ ପରିବାରବର୍ଗ ।
ଧ-୬୯୫୬୩

ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ସନାତନ କଅଁର
ପଳାଶପିଠିଆ, ଭୁବନ, ଢେଙ୍କାନାଳ
ଆବିର୍ଭାବ: ୦୮।୧୦।୧୯୪୫
ତିରୋଧାନ: ୦୫।୧୦।୨୦୨୦
ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁଅ, ଝିଅ, ଜ୍ୱାଇଁ, ବୋହୂ, ଭାଇ, ନାତିନାତୁଣୀ ଓ କଅଁର ପରିବାରବର୍ଗ ।
ଧ-୬୬୮୮୩

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ପ୍ରହଲ୍ଲାଦ ନାୟକ
ସୁଣ୍ଡିରା, ଖଇରା, ବାଲେଶ୍ୱର
ଆବିର୍ଭାବ: ୦୫।୦୩।୧୯୪୬
ତିରୋଧାନ: ୦୫।୧୦।୨୦୨୦
ଆପଣ ସ୍ୱର୍ଗରେ ରହି ଆମକୁ ଆଶୀର୍ବାଦ କରନ୍ତୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ।
-:ଇତି ଆପଣଙ୍କର:-
ପତ୍ନୀ: ବିମଳା, ପୁଅ: ସଞ୍ଜୟ,
ଜ୍ୱାଇଁ: ଅଜୟ, ଟୁନା ଓ ପରମେଶ୍ୱର,
ଭାଇ: ଆରତ, ଟୁକୁ ଓ ବାଞ୍ଛା, ଭଣଜା: ନିଧି
ତଥା ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୮୭୦୯



# ଫଟୋଗ୍ରାଫିରେ ମନ

କୋଭିଡ୍ କଟକଣା ସହ ଏବେ ଫିଲ୍ମ ଶୁଟିଂ ଆରମ୍ଭ ହୋଇଯାଇଛି। ଆଉ ନିକଟରେ ଅନ୍‌ଟାଇଟଲ୍‌ଡ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି ଜ୍ୟାକ୍‌ଲିନ୍ ଫର୍ନାଡିସ୍। ଏବେ ଏହା ସହ ସେ ଆଉ ଏକ କାମ ସହ ନିଜକୁ ଜଡିତ ରଖିଛନ୍ତି। ତାହା ହେଲା ଫଟୋଗ୍ରାଫି। ଅର୍ଥାତ୍, ବେଶ୍ କିଛି ମାସ ପରେ ବାହାରେ ବୁଲିବାର ସୁଯୋଗ ମିଳିଛି। ତେଣୁ ଶୁଟିଂ ପାଇଁ ହେଉ ଅବା କୌଣସି କାରଣରୁ ବାହାରକୁ ଗଲେ ସେ ସାଙ୍ଗରେ କ୍ୟାମେରା ନେଇ ଯାଉଛନ୍ତି। ଯେଉଁଟି ପ୍ରାକୃତିକ ଦୃଶ୍ୟରାଜି ଦେଖୁଛନ୍ତି ତାହାକୁ କ୍ୟାମେରାରେ ବନ୍ଦୀ କରି ରଖିବାକୁ ଭୁଲୁ ନାହାନ୍ତି। 'ସ୍କୁଲ କ୍ୟାରିୟରରୁ ମୋର ଫଟୋଗ୍ରାଫି ପ୍ରତି ଆଗ୍ରହ ଥିଲା। ଏମିତି ଅନେକ ଜିନିଷ ଅଛି ଯାହାର ଫଟୋ ଉଠାଇ ପାଖରେ ରଖିଲେ ତାହାକୁ ଯେତେ ଥର ଦେଖୁଥିବ ତାହା ନୂଆ ଲାଗୁଥିବ। ତେଣୁ ଏବେ ସେହି ଅଭ୍ୟାସକୁ ମୁଁ ଜାରି ରଖିଛି। ଉଠାଇଥିବା ଫଟୋଗୁଡିକୁ ଆଲବମ୍‌ରେ ସାଇତି ରଖିବା ସହ ସେ ବିଷୟରେ ଡାଏରୀରେ ଦୁଇ ଧାଡି ଲେଖିବାକୁ ଭୁଲୁ ନାହିଁ ବୋଲି କହନ୍ତି ଜ୍ୟାକ୍‌ଲିନ୍।'

ଜ୍ୟାକଲିନ



ଆଲିୟା

## ଆଲିୟାଙ୍କ ଯୋଗ ଟିପ୍ସ

ଆଲିୟା ଏବେ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ ଅଛନ୍ତି। ହେଲେ ସେ କ'ଣ ପାଇଁ ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି ? କଥା କ'ଣ ଲକ୍‌ଡାଉନ୍ ସମୟରୁ ସେ ପ୍ରତିଦିନ ଯୋଗ ପ୍ରାଣାୟମ କରିଆସୁଥିଲେ। ଆଉ ଏବେ ସେଥିରୁ ବେଶ୍ ଜ୍ଞାନ ଅର୍ଜନ କରି ତାହାକୁ ବାଣ୍ଟିବାରେ ଲାଗିପଡିଛନ୍ତି। ଅର୍ଥାତ୍ ନିଜ ସାଙ୍ଗମାନଙ୍କ ସହ କଥା ହେବା ସମୟରେ ସେ ସେମାନଙ୍କୁ ଯୋଗ, ପ୍ରାଣାୟାମ କରିବାକୁ ପରାମର୍ଶ ଦେଉଛନ୍ତି। ପୁଣି କେତେକ ଯୋଗ ବିଷୟରେ ଭଲ ଭାବରେ ବୁଝାଉଛନ୍ତି। ଏ ନେଇ ଆଲିୟା କହନ୍ତି, 'ଲକ୍‌ଡାଉନ୍ ସମୟରୁ ମୁଁ ଯୋଗ, ପ୍ରାଣାୟାମ ପାଇଁ ଅଧିକ ସମୟ ଦେଉଛି। ଏବେ ତ ଶୁଟିଂ ଆରମ୍ଭ ହୋଇଗଲାଣି। ତେଣୁ ଅନେକ ସମୟରେ ପାୱାର ଏକ୍ସରସାଇଜ କରିବାକୁ ପଡୁଛି। ହେଲେ ଯୋଗ ଏବଂ ପ୍ରାଣାୟାମ ବିଷୟରେ ମୁଁ ଯେତିକି ଜାଣିଛି ସେ ବିଷୟରେ ମୋ ସାଙ୍ଗମାନଙ୍କୁ କହିବାକୁ ପଛାଉନାହିଁ। କାରଣ ନିଜକୁ ସୁସ୍ଥ ରଖିବା ପଛରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।'

### ରିଲିଜ ଅପେକ୍ଷାରେ

## ଦିଲ୍ ମୋର ମାନେନା

ଦିଲ୍ ବା ହୃଦୟ ବଡ ଅମାନିଆ। ଏହା କେତେବେଳେ କାହା ହୃଦୟରେ ବସା ବାନ୍ଧେ ତାହା ଆକଳନ କରିବା କଷ୍ଟକର। ପୁଣି ପ୍ରେମ ଏପରି ଏକ ଅଡୁଆ ଗଣିତ ଯାହାକୁ ସମାଧାନ କରିବାକୁ ମଗଜ ଖଟାଇବାକୁ ପଡିଥାଏ। ସେମିତି ଏକ ଜର୍ନି ସମୟରେ ଜଣେ ଯୁବକ ଜଣେ ସୁନ୍ଦରୀ ପ୍ରେମରେ ପଡିଯାଇଛି। ହେଲେ ପ୍ରେମର ଉତ୍‌ଥାନ ପତନ ରାସ୍ତାକୁ ସେ କେମିତି ଅତିକ୍ରମ କରୁଛି ଆଉ ନିଜ ଲକ୍ଷ୍ୟ ହାସଲ କରିପାରୁଛି କି ନାହିଁ ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏପରି ଏକ ଭିନ୍ନ ଧରଣର ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା'। ମା' ତାରିଣୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ବାପୁନୀ କୁମାର ଏବଂ ଆର.ଆର୍. ସି. ବ୍ୟାନରରେ ଛବିତା ମାର୍ଥାଙ୍କ ଦ୍ୱାରା ମିଳିତ ପ୍ରଯୋଜନାରେ ଏହାର ପୋଷ୍ଟ ପ୍ରଡକ୍ସନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଚୁଲବୁଲି ଶିବାନୀ। ଖାସ୍ କଥା ହେଲା 'କଥା ଦେଲି ମଥା ଛୁଇଁ', 'ଯୋଗୀ' ଏବଂ ଚର୍ଚ୍ଚିତ ଫିଲ୍ମ 'ପାଟଣାଗଡ'ର ପ୍ରଯୋଜକ ଶ୍ରୀଧର ମାର୍ଥା ଏଥିରେ ମୁଖ୍ୟ ଖଳନାୟକ ଭାବରେ ଦେଖାଦେବେ। ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ ଏବଂ କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲୁବୁନ୍-ଟୁବୁନ୍, ଜିତୁ ରାଉତ, ଅମିତ ନାୟକ ଏବଂ ଏସ.କେ.ମୁରଲୀଧରନ୍। ନିର୍ଦ୍ଦେଶନା ଦେଇଛନ୍ତି ହିମାଂଶୁ ପରିଜା (ଚଣ୍ଡୀ)।



ଶିବାନୀ-ସ୍ୱରାଜ



ଆକାଶ

## ଦୀର୍ଘ ଦିନର ନୀରବତା ପରେ...

ଥରେ ମନେପକାନ୍ତୁ ନା 'କଳିଙ୍ଗପୁତ୍ର' ଚଳଚ୍ଚିତ୍ରକୁ। ଏହି ଫିଲ୍ମର ନାୟକ କେବଳ ନବାଗତ ନ ଥିଲେ ନାୟିକା (ରାଲି ନନ୍ଦ)ଙ୍କର ମଧ ଏହା ଥିଲା ପ୍ରଥମ ଚଳଚ୍ଚିତ୍ର। ହେଲେ ମୁଖ୍ୟ ଭୂମିକାରେ ନବାଗତ ଜଣକ ନିଜର ଦାୟିତ୍ୱକୁ ବେଶ୍ ସୁନ୍ଦର ଭାବରେ ତୁଲାଇ ନିଜକୁ ନାୟକ ଦୌଡରେ ସାମିଲ କରିଥିଲେ। ଏବେ ତାଙ୍କର ପରିଚୟ ଦେବା କେବଳ ବାହୁଲ୍ୟ ମାତ୍ର। ହଁ, ସେ ଆଉ କେହି ନୁହନ୍ତି, ସେ ହେଲେ ଆକାଶ ଦାସ ନାୟକ। ପରବର୍ତ୍ତୀ ସମୟରେ 'ସତ୍ୟମେବ ଜୟତେ', 'ଶତ୍ରୁ ସଂହାର', 'ଶୁଭ ବିବାହ', 'ଶପଥ', 'ଆଲୋ ମୋର କଣ୍ଢେଇ' ଏବଂ 'ଧର୍ମ' ଆଦି ସିନେମାରେ ଆକ୍ଟିଂ କରି ନିଜ ପ୍ରଶଂସକଙ୍କ ମନରେ ହାସଲ କରିଥିଲେ ସ୍ୱତନ୍ତ୍ର ସ୍ଥାନ। ହେଲେ ପରବର୍ତ୍ତୀ ସମୟରେ ଅଭିନୟରୁ ରାଜନୀତିରେ ପାଦ ଦେଇଥିଲେ ସେ। ଆଉ ଏବେ ଦୀର୍ଘ ଦିନର ଗ୍ୟାପ୍ ପରେ ସେ ପୁଣି ଥରେ ପରଦାରେ ମୁହଁ ଦେଖାଇବେ। ହଁ, ସେହି ସିନେମାଟି ହେଲା 'ପ୍ରେମ ନା' ପାଗଳପଣ'। ଏକ ଭିନ୍ନସ୍ୱାଦର ପ୍ରେମ କାହାଣୀକୁ ଆଧାର କରି ପ୍ରସ୍ତୁତ ଏହି ଚଳଚ୍ଚିତ୍ରଟି ଚଳିତ ଦଶହରାରେ ରିଲିଜ ହେବାକୁ ଯାଉଛି। ଏ ସମ୍ପର୍କରେ ଆକାଶ କହନ୍ତି, 'ଏହି ଫିଲ୍ମରେ ଜବରଦସ୍ତ ରୋମାନ୍ସ, ଡ୍ରାମା, ଆକ୍ସନ, ଇମୋଶନ ଭରି ରହିଛି। ଦୀର୍ଘଦିନ ପରେ ମୁଁ ପୁଣି ଥରେ ଦର୍ଶକଙ୍କ ସାମନାକୁ ଆସୁଛି। ବିଶେଷଭାବରେ ଏହି ଫିଲ୍ମର କାହାଣୀ, ଉପସ୍ଥାପନା ଏବଂ ସଙ୍ଗୀତ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରହିଛି। ଆଉ ଏଥିରେ ମୋ ଭୂମିକାଟି କ'ଣ ତାହା ଦର୍ଶକ ଦେଖିଲେ ଜାଣିପାରିବେ। ବିଶେଷଭାବରେ ଏଥର ଦଶହରାରେ ମୋ ପ୍ରଶଂସକଙ୍କ ପାଇଁ ଏହା ଏକ ନୂଆ ଭେଟି।' ଫିଲ୍ମଟିର ନିର୍ଦ୍ଦେଶନା ଅଶ୍ୱିନୀ ଗଡନାୟକ ଦେଇଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡ୍‌ଲୀ ରଥ।

## ବଲିଉଡ୍ ହାଲ୍‌ଚାଲ୍



ଅନନ୍ୟା ପାଣ୍ଡେ

- 'ମିର୍ଜାପୁର-୨'ର ଟ୍ରେଲର୍ ନିକଟରେ ଅନଲାଇନ୍‌ରେ ରିଲିଜ ହୋଇଛି। ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଅଲ୍ଲୀ ଫଜଲ୍।
- 'ଖାଲି ପିଲି'ର ନିର୍ଦ୍ଦେଶକ ମୁକ୍କବୁଲ ଖାଁ ଆଉ ଏକ ନୂଆ ସିନେମାର ପ୍ରାରମ୍ଭିକ କାମ ଆରମ୍ଭ କରିଦେଇଛନ୍ତି। ଏହି ଫିଲ୍ମରେ ଅନନ୍ୟା ପାଣ୍ଡେ ନାୟିକା ଭୂମିକାରେ ଅଭିନୟ କରିବାର ଯୋଜନା ରହିଛି।
- ତାପସୀ ପାନ୍ନୁ ଏବେ ମାଳଦ୍ୱୀପରେ ଡେରା ପକାଇଛନ୍ତି। ଖୁବ୍ ଶୀଘ୍ର ସେଠାରେ ସେ ଅଭିନୟ କରୁଥିବା ସିନେମା 'ରଶ୍ମି ରକେଟ୍'ର ଶୁଟିଂ ଆରମ୍ଭ ହେବ।
- ହିନ୍ଦୀ ସିନେମା 'ଲାଲ୍ ସିଂ ଚଢ଼ା'ର ଶୁଟିଂ ଏବେ ନୂଆଦିଲ୍ଲୀ ଏୟାରପୋର୍ଟର ଏକ ହୋଟେଲ୍‌ରେ ଚାଲୁ ରହିଛି। ଏହାର ମୁଖ୍ୟ ଭୂମିକାରେ ଆମୀର ଖାଁ ଅଭିନୟ କରୁଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି କରୀନା କପୁର।
- ନୂଆ ହିନ୍ଦୀ ଫିଲ୍ମ 'ସେରନୀ'ର ଶୁଟିଂ ଚଳିତ ମାସ ଶେଷ ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି। ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ବିଦ୍ୟା ବାଲାନ୍। ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଅମିତ ମୌସୁରକର।



କ୍ୟାଟ୍ରିନା

## ମନ୍ଦିର ଯିବାକୁ ଭୁଲି ନ ଥାନ୍ତି

କ୍ୟାଟ୍ରିନା କୈଫ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କୁ ଏକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ତାହା କ'ଣ ଜାଣନ୍ତି ? ସେହି ସମୟରେ ସେ ଭଲ ଭାବରେ ହିନ୍ଦୀ କହିପାରୁ ନ ଥିଲେ। ତେଣୁ ତାଙ୍କ ଅଭିନୀତ ବେଶ୍ କେତୋଟି ସିନେମାରେ ତାଙ୍କ ପାଇଁ ଆଉ ଜଣେ ଭଏସ ଡବିଂ କରିଥିଲେ। ଏକଦା ମହେଶ ଭଟ୍ଟ 'ସତ୍ୟା' ପାଇଁ କ୍ୟାଟ୍ରିନାଙ୍କୁ ନେବାକୁ ଚାହିଁଥିଲେ। ହେଲେ କ'ଣ ହେବ ? ଯେହେତୁ ସେତେବେଳେ ସେ ହିନ୍ଦୀ ଭଲ ଭାବରେ କହି ପାରୁ ନ ଥିଲେ ତେଣୁ ବାଧ୍ୟ ହୋଇ ମହେଶ ତାଙ୍କର ଯୋଜନା ବଦଳାଇଥିଲେ। ଗୋଟିଏ କଥା ଉପରେ କ୍ୟାଟ୍ରିନାଙ୍କ ଦୃଢ଼ ବିଶ୍ୱାସ ରହିଛି। ତାଙ୍କର କୌଣସି ସିନେମା ରିଲିଜ ହେବା ପୂର୍ବରୁ ସେ ମନ୍ଦିରକୁ ଯାଇଥାଆନ୍ତି ଏବଂ ପୂଜାର୍ଚ୍ଚନା କରିଥାଆନ୍ତି। ବିଶେଷଭାବରେ ଏହି ସମୟରେ ସେ ଯେମିତି ହେଲେ ବମ୍ବେସ୍ଥିତ ସିଦ୍ଧିବିନାୟକ ମନ୍ଦିର ଯିବାକୁ ଭୁଲି ନ ଥାନ୍ତି। ରଣବୀର କପୁରଙ୍କ ଅପୋଜିଟ୍‌ରେ ତାଙ୍କୁ 'ଜଗା ଜାସୁସ'ରେ ଦେଖିବାକୁ ମିଳିଥିଲା। ହେଲେ ଏହାର ଶୁଟିଂ ସମୟରେ ପ୍ରଯୋଜକ ବେଶ୍ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କାରଣ ସେତିକି ବେଳକୁ ରଣବୀର ଏବଂ କ୍ୟାଟ୍ରିନାଙ୍କ ଭିତରେ ବ୍ରେକ୍‌ଅପ୍ ହୋଇଥିଲା। ତେଣୁ ଦୁହେଁ ନିଜକୁ ମାନସିକ ସ୍ତରରେ ସନ୍ତୁଳିତ ରଖିବା ପରେ ହିଁ ଶୁଟିଂ ସୁରୁଖୁରୁରେ ଚାଲିଥିଲା। ଗୋଟିଏ କଥା ଜାଣନ୍ତି, ଅବସର ମିଳିଲେ କ୍ୟାଟ୍ରିନା ରଙ୍ଗ ଅଉ ତୂଳୀ ଧରି ଚିତ୍ର ଆଙ୍କିବାକୁ ବସିଯାଆନ୍ତି। କେବଳ ସେତିକି ନୁହେଁ ଚେସ୍ ଖେଳରେ ତାଙ୍କର ମଧ ବେଶ୍ ଦକ୍ଷତା ରହିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଗୁରୁବାର, ଅକ୍ଟୋବର ୧୫/୨୦୨୦ Berhampur, Thursday, October 15/ 2020

# ‘ମହିଳା ତୀରନ୍ଦାଜଙ୍କ ସମ୍ମୁଖରେ ବଡ଼ ଚ୍ୟାଲେଞ୍ଜ’


ଦୀପିକା କୁମାରୀ

**ନୂଆଦିଲ୍ଲୀ, ୧୪।୧୦ (ପି.ଟି.):** ଆସନ୍ତାବର୍ଷ ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସର ଫୁଲ୍ କୋଟା ହାସଲ କରିବା ପାଇଁ ଭାରତୀୟ ମହିଳା ତୀରନ୍ଦାଜ ବଡ଼ ଚ୍ୟାଲେଞ୍ଜ ତଥା କଷ୍ଟକର ପରିସ୍ଥିତର ସମ୍ମୁଖୀନ ହେଉଛନ୍ତି। ଏ ନେଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ବିଶ୍ୱର ପୂର୍ବତନ ୧ ନମ୍ବର ମହିଳା ତୀରନ୍ଦାଜ ଦୀପିକା କୁମାରୀ କହିଛନ୍ତି। କୋଭିଡ୍ କାରଣରୁ ନିର୍ଦ୍ଧାରିତ ହୋଇଥିବା କେତେକ ଟୁର୍ନାମେଣ୍ଟ ବାତିଲ ହେବା ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ଅର୍ଥାତ୍ ଦୁଇଟି କୋଟା ପ୍ଲେସ୍ ପାଇଁ ଭାରତୀୟ ମହିଳା ଆର୍ଚରଙ୍କ ପାଇଁ ଏବେ ମାତ୍ର ଗୋଟିଏ ଟୁର୍ନାମେଣ୍ଟ ବାକି ରହିଯାଇଛି। ତେଣୁ ଆମ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଦୀପିକା ଏକ ଅନ୍ ଲାଇନ୍ ଶୋ’ରେ ଅଂଶଗ୍ରହଣ କରି ଏହା କହିଛନ୍ତି।

ଭାରତୀୟ ମହିଳା ତୀରନ୍ଦାଜମାନେ କଠିନ ପରିଶ୍ରମ କରିଥିଲେ ଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ଆଶାବାଦୀ ଥିଲେ। କିନ୍ତୁ ଏବେ ପରିସ୍ଥିତି ଅଲଗା ହୋଇଛି। ଏବେ ମହିଳା ବର୍ଗ ପାଇଁ ଏକମାତ୍ର କୋଟା ପ୍ଲେସ୍ ରହିଛି। ଅନ୍ୟ ଦୁଇ କୋଟା ପ୍ଲେସ ପାଇଁ ଆଉ ମାତ୍ର ଗୋଟିଏ କ୍ୱାଲିଫାୟର ରହିଛି। ସାଧାରଣତଃ ଆମେ ଏହି ସମୟରେ ଫୁଲ୍ କୋଟା ହାସଲ କରିଥାଉ। କିନ୍ତୁ ଏଥର ସ୍ଥିତି ବଦଳିଯାଇଛି ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ ଜୁନ୍‌ରେ ବିଶ୍ୱକପ୍ ଆୟୋଜନ ହେବାକୁ ପୂର୍ବରୁ ପ୍ୟାରିସ୍‌ରେ ଏକ ସ୍ୱତନ୍ତ୍ର ଟୁର୍ନାମେଣ୍ଟ ଆୟୋଜନ ହେବ। ଏଥିରେ ଭାରତୀୟ ଆର୍ଚେରି ଟିମ ଅଂଶଗ୍ରହଣ କରିବ। ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବାକୁ ଏହି ଟୁର୍ନାମେଣ୍ଟହିଁ ଭାରତୀୟ ଦଳ ପାଇଁ ଅନ୍ତିମ ସୁଯୋଗ ସୃଷ୍ଟି କରିଛି।

ଦୀପିକା ଏକମାତ୍ର ମହିଳା ଆର୍ଚର ଭାବେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ଗତବର୍ଷ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଏସିଆନ୍ କଣ୍ଟିନେଣ୍ଟାଲ କ୍ୱାଲିଫିକେଶନ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଦୀପିକା ଯୋଗ୍ୟତା ହାସଲ କରିଥିଲେ। ୨୦୦୭ରେ ଦୀପିକା ତୀରନ୍ଦାଜୀରେ ପାଦ ଦେଇଥିଲେ। ସେ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ନବମ ସ୍ଥାନରେ ରହିଛନ୍ତି।

# ସ୍ପେନ୍‌କୁ ପ୍ରଥମଥର ପାଇଁ ହରାଇଲା ୟୁକ୍ରେନ

**କିଏଭ,୧୪। ୧୦(ଏପି):** ଗତ ୧୭ ବର୍ଷ ମଧ୍ୟରେ ସ୍ପେନ୍ ଭଳି ଫୁଟ୍‌ବଲ ପାୱାର ହାଉସ୍‌କୁ ୟୁକ୍ରେନ ପ୍ରଥମଥର ପାଇଁ ପରାସ୍ତ କରି ଇତିହାସ ସୃଷ୍ଟି କରିଛି। ମଙ୍ଗଳବାର ପାଖାପାଖି ୧୫,୦୦୦ ଦର୍ଶକଙ୍କ ଉପସ୍ଥିତିରେ କିଏଭ ଅଲିମ୍ପିକ୍ ଷ୍ଟାଡିୟମରେ ଅନୁଷ୍ଠିତ ନେସନ୍ସ ଲିଗ୍‌ରେ ଗ୍ରୁପ୍ ଡି’ର ଏକ ମ୍ୟାଚ୍‌ରେ ୟୁକ୍ରେନ୍ ୧-୦ ଗୋଲରେ ସ୍ପେନ୍‌କୁ ହରାଇଛି। ଦଳ ତରଫରୁ ଭିକ୍ଟର ସିଗାନକୋଭ ଦ୍ୱିତୀୟାର୍ଦ୍ଧରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ୧୭ ବର୍ଷ ମଧ୍ୟରେ ସ୍ପେନ୍ ବିପକ୍ଷରେ ୟୁକ୍ରେନର ଏହା ପ୍ରଥମ ବିଜୟ। ସିଗାନକୋଭ୍ ୭୬ ମିନିଟ୍‌ରେ ଗୋଲ ଦେଇଥିଲେ। ତେବେ ସେ ଠିକ୍ ୧୦ ମିନିଟ୍ ପୂର୍ବରୁ ପଡିଆରେ ପ୍ରବେଶ କରିଥିଲେ। ସ୍ପେନ ମଧ୍ୟ ଏକାଧିକ ସୁଯୋଗ ହାସଲ କରିଥିଲା। ତେବେ ସେଗୁଡିକୁ ଗୋଲରେ ପରିଣତ କରିପାରି ନ ଥିଲା। ଘରୋଇ ପରିବେଶରୁ ୟୁକ୍ରେନ୍ ଫାଇଦା ଉଠାଇଥିଲା। ପରାଜୟ ସତ୍ତ୍ୱେ ସ୍ପେନ୍ ୭ ପଏଣ୍ଟ ହାସଲ କରି ଗ୍ରୁପ୍ ଡି’ର ଶୀର୍ଷରେ ରହିଛି। ଦ୍ୱିତୀୟ ସ୍ଥାନରେ ଥିବା ଜର୍ମାନୀ ଅନ୍ତିମ ସ୍ଥାନରେ ଥିବା ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚ୍‌କୁ ୩-୩ ଗୋଲରେ ଅମୀମାଂସିତ ରଖିଛି। ସେହିପରି ୟୁକ୍ରେନ ଓ ଜର୍ମାନୀ ୬ ଲେଖାଏ ପଏଣ୍ଟ ପାଇଛନ୍ତି। ତେବେ ଗୋଲ ବ୍ୟବଧାନ ଫଳରେ ୟୁକ୍ରେନ ତୃତୀୟ ସ୍ଥାନରେ ରହିଛି। ୪ଟି ମ୍ୟାଚ୍ ଖେଳି ସୁଇଜରଲାଣ୍ଡ ମାତ୍ର ୨ ପଏଣ୍ଟ ପାଇଛି। ଜର୍ମାନୀ ବିପକ୍ଷରେ ସ୍ପେନ୍ ତା’ର ପ୍ରଥମ ମ୍ୟାଚ୍‌କୁ ଅମୀମାଂସିତ ରଖିଥିଲା। ଏହପରେ ସ୍ପେନ୍ ୪-୦ରେ ୟୁକ୍ରେନ ଓ ୧-୦ ଗୋଲରେ ସୁଇଜରଲାଣ୍ଡକୁ ହରାଇଥିଲା। ନଭେମ୍ବରରେ ସ୍ପେନ୍ ସୁଇଜରଲାଣ୍ଡ ଯାତ୍ରା କରିବ ଓ ଏହାପରେ ଜର୍ମାନୀ ବିପକ୍ଷରେ ମ୍ୟାଚ୍ ଆୟୋଜନ କରିବ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ